


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-197 ◆BHUBANESWAR ◆SUNDAY ◆12 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୯୭ ◆ଭୁବନେଶ୍ୱର ◆ରବିବାର ◆୧୨ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)




## କାଶ୍ମୀରରେ ବିୟୁକ୍ତ ୧୦ ଡିଗ୍ରୀ ତଳେ ପାରଦ

**ଉତ୍ତର ଭାରତରେ ଘନ କୁହୁଡ଼ି ସହ ଶୀତ ପ୍ରକୋପ ଜାରି**

**ଘନ କୁହୁଡ଼ି ଯୋଗୁଁ ୧୩୩ ଟ୍ରେନ୍ ବାତିଲ**

■ **ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି):** ଉତ୍ତର ଭାରତର ବିଭିନ୍ନ ରାଜ୍ୟ ସମେତ ଦେଶର ୧୭ ରାଜ୍ୟରେ ଘନ କୁହୁଡ଼ି ଲାଗି ରହିଥିଲା ବେଳେ ଶୀତ ଲହରୀ ମଧ୍ୟ ଜାରି ରହିଛି। ଯାହାକୁ ନେଇ ଗମନାଗମନ ବ୍ୟବସ୍ଥା ଅନେକ ମାତ୍ରାରେ ପ୍ରଭାବିତ ହୋଇଛି। ଦିଲ୍ଲୀ ସମେତ ହରିୟାଣା, ପଞ୍ଜାବ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ। ବିହାର ଏବଂ ମଧ୍ୟପ୍ରଦେଶ ଆଦି ରାଜ୍ୟରେ କୁହୁଡ଼ି ସମସ୍ୟା ଉତ୍କଟ ହୋଇଛି। ଏହାକୁ ନେଇ ବିମାନ ଏବଂ ଟ୍ରେନ ଚଳାଚଳ ସର୍ବାଧିକ ପ୍ରଭାବିତ ହୋଇଛି। କେବଳ ଦିଲ୍ଲୀ ଏବଂ ଉତ୍ତରପ୍ରଦେଶରେ ୧୪୦ ରୁ ଅଧିକ ଟ୍ରେନ ଚଳାଚଳରେ ବିଳମ୍ବ ହୋଇଛି। ଏହାବ୍ୟତୀତ ଦୃଶ୍ୟମାନ (ଭିଜିବିଲିଟି) କମ୍ ରହୁଥିବାରୁ ନିର୍ଦ୍ଦିଷ୍ଟ ବେଗରେ ଟ୍ରେନ ଚଳାଚଳ ସମ୍ଭବ ହୋଇପାରୁ ନାହିଁ। ଦିଲ୍ଲୀ ଏବଂ ଉତ୍ତରପ୍ରଦେଶ ସମେତ ଉତ୍ତର ▶ପୃଷ୍ଠା-୭

## ଥମୁନି ଲସ୍ ଏଞ୍ଜେଲସ୍ ନିଆଁ



## ଜଳିଗଲା ବିଳାସପୂର୍ଣ୍ଣ 'ପେସିଫିକ୍ ପାଲିସେଡ୍ସ'

**ବର୍ତ୍ତମାନ ସୁଦ୍ଧା ୧୪୦ ବିଲିୟନ ଡଲାର କ୍ଷତି**

**ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି**

■ **ୱାସିଂଟନ୍ ୧୧।୧ (ଏଜେନ୍ସି):** କାଲିଫର୍ଣ୍ଣିଆ ଜଙ୍ଗଲ ନିଆଁ ଆମେରିକାର ପ୍ରମୁଖ ଏବଂ ବିଳାସପୂର୍ଣ୍ଣ ସହର ଲସ୍ ଏଞ୍ଜେଲସ୍‌କୁ ପାଉଁଶଗଦାରେ ପରିଣତ କରିସାରିଲାଣି। ପ୍ରାୟ ୪ ଦିନ ତଳେ ବିଭିନ୍ନ ସହରକୁ ବ୍ୟାପିଥିବା ଏହି ଜଙ୍ଗଲ ନିଆଁରେ ଲସ୍ ଏଞ୍ଜେଲସ୍ ସହର ସର୍ବାଧିକ ପ୍ରଭାବିତ ହୋଇଛି। ବର୍ତ୍ତମାନ ସୁଦ୍ଧା ନିଆଁ ଯୋଗୁଁ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଲକ୍ଷାଧିକ ଲୋକ ବାସହରା ହୋଇପଡ଼ିଛନ୍ତି। କେବଳ ସାଧାରଣ ଲୋକ ନୁହନ୍ତି; ହଲିଉଡ୍ ଷ୍ଟାର୍‌ମାନଙ୍କଠାରୁ ଆରମ୍ଭ କରି ହାଇପ୍ରୋଫାଇଲ ସେଲିବ୍ରିଟି, ରାଜନେତା ଏବଂ ଉଚ୍ଚ ପଦାଧିକାରୀ ମଧ୍ୟ ଏହି ନିଆଁରେ ପ୍ରଭାବିତ ହୋଇଛନ୍ତି। ଗତକାଲି ସୁଦ୍ଧା ଲସ୍ ଏଞ୍ଜେଲସ୍ ସମେତ ବିଭିନ୍ନ ସହରରେ ହୋଇଥିବା କ୍ଷୟକ୍ଷତି ପରିମାଣ ୧୪୦ ବିଲିୟନ ଡଲାର (୧୨ ଲକ୍ଷ କୋଟି ଟଙ୍କା) ଛୁଇଁଥିବା ଆକଳନ କରାଯାଉଛି।

ମିଳିଥିବା ସୂଚନା ଅନୁସାରେ ଲସ୍ ଏଞ୍ଜେଲସ୍‌ର ବିଳାସପୂର୍ଣ୍ଣ ଏବଂ ୧୦ ହଜାର ୭୦୦ କୋଟି ଟଙ୍କାର 'ପେସିଫିକ୍ ପାଲିସେଡସ୍' ମଧ୍ୟ ଧ୍ୱଂସ ହୋଇଯାଇଛି। ଲସ୍ ଏଞ୍ଜେଲସ୍‌ର ପଶ୍ଚିମ ▶ପୃଷ୍ଠା-୭

# କହିଥିଲେ ୭ ଦିନ; ବିତିଲାଣି ୧୭

## ପ୍ରଧାନମନ୍ତ୍ରୀ ଫସଲ ବୀମା ଭେଲିକି

- **କ୍ଷତି ଆକଳନ କରିବାକୁ ବିଲ ମୁଣ୍ଡକୁ ଆସିଲେନି ବୀମା କର୍ମଚାରୀ**
- **ରାଜ୍ୟ ସାରା ବୀମା କମ୍ପାନୀ ବିରୋଧରେ ପୁଳାପୁଳା ଅଭିଯୋଗ**
- **ସର୍ଭେ ନେଇ ଟାଳଟୁଳ ନୀତି, କ୍ଷତିକୁ କମ୍ କରି କରାଯାଉଛି ଆକଳନ**
- **ନଗଣ୍ୟ କ୍ଷତିପୂରଣ ରାଶି କାରଣରୁ ଯୋଜନାରୁ ମୁହଁ ଫେରାଉଛନ୍ତି ଚାଷୀ**
- **କାଟୁ କରୁନି ମନ୍ତ୍ରୀଙ୍କ ଚେତାବନୀ**

■ **ଭୁବନେଶ୍ୱର, ୧୧।୧ (ସମିସ):** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କମ୍ପାନୀଗୁଡ଼ିକ କିପରି ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି ତାହାର ଆଉ ଏକ ନମୁନା ସାମ୍ନାକୁ ଆସିଛି। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅଞ୍ଚଳର ଜଣେ ଚାଷୀ ଫସଲ ବୀମା କରିଥିଲେ। ଗତ ଡିସେମ୍ବରରେ ଅଦିନିଆ ବର୍ଷାରେ ଧାନ ନଷ୍ଟ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଉକ୍ତ ଚାଷୀ ଜଣକ କୃଷି ରକ୍ଷକ ହେଲ୍ପ ଲାଇନ ନମ୍ବରରେ ପଞ୍ଜୀକରଣ ମଧ୍ୟ କଲେ। ବୀମା କମ୍ପାନୀ ରିଲାଏନ୍ସ ପକ୍ଷରୁ ୭ ଦିନ ମଧ୍ୟରେ ଜମିକୁ ଯାଇ କ୍ଷୟକ୍ଷତି ସର୍ଭେ କରାଯିବାକୁ ନେଇ ପ୍ରତିଶ୍ରୁତି ଦିଆଗଲା। ମାତ୍ର ପଞ୍ଜୀକରଣରୁ ୧୭ ଦିନ ବିତିଥିଲା ବେଳେ କମ୍ପାନୀର ଜଣେ ହେଲେ କର୍ମଚାରୀ ସର୍ଭେ କରିବାକୁ ଆସିଲେ ନାହିଁ। କ୍ଷତିପୂରଣ ମିଳିବା ତ ଦୂର କଥା, ସର୍ଭେ କରାନଯିବାକୁ ନେଇ ଚାଷୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ। ଆରବର୍ଷକୁ ଆଉ ବୀମା କରିବେନି ବୋଲି କ୍ଷୋଭର ସହ କହିଛନ୍ତି ଉକ୍ତ ଚାଷୀ ଜଣକ।

କେବଳ ଉକ୍ତ ଚାଷୀ ଏପରି ଠକାମୀର ଶିକାର ହୋଇନାହାନ୍ତି, ରାଜ୍ୟର କୋଣ ଅନୁକୋଣରୁ ମଧ୍ୟ ସମାନ ପରିସ୍ଥିତି। ଫସଲ ବୀମା ଦାୟିତ୍ୱରେ ଥିବା ବୀମା କମ୍ପାନୀ ବିରୋଧରେ ସେହି ଅଭିଯୋଗ ଆସୁଛି। କେଉଁଠି ଆଦୌ ସର୍ଭେ ହୋଇନାହିଁ ତ କେଉଁଠାରେ ସର୍ଭେରେ ▶ପୃଷ୍ଠା-୭

## ଜମିରେ ଟଳିପଡ଼ିଲେ ଆଉ ଜଣେ ଚାଷୀ



**ଆଶାନୁରୂପ ଫସଲ ହେଲାନି**

**ଚାଷୀମୃତ୍ୟୁ ତାଲିକାର ୧୩ ନମ୍ବରରେ ଛତ୍ରପୁରର ଈଶ୍ୱର**

■ **ଛତ୍ରପୁର, ୧୧।୧ (ସମିସ):** ଆଶାଠାରୁ ବହୁତ କମ୍ ଅମଳ ଦୁଃଖ ସହିପାରିଲେନି। ଅମଳ ବେଳେ ହିଁ ସେହି ଜମିରେ ଟଳି ପଡ଼ିଲେ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ବିପୁଳିଙ୍ଗି ପଞ୍ଚାୟତରେ ଆଜି ପୁଣି ଜଣେ ଚାଷୀଙ୍କ ଜୀବନ ଯାଇଛି। ଅଦିନିଆ ବର୍ଷା ଜନିତ ଫସଲ କ୍ଷତି ଯୋଗୁଁ ରାଜ୍ୟରେ ଗତ ୧୫ଦିନ ମଧ୍ୟରେ ୧୨ ଚାଷୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ତାଲିକାର ୧୩ ନମ୍ବରରେ ଯୋଡ଼ି ହୋଇଛନ୍ତି ଛତ୍ରପୁର ବ୍ଲକ୍ କଡୁରୁ ଗ୍ରାମର ପି. ଈଶ୍ୱର ରେଡ୍ଡୀ(୭୧)। ସୂଚନା ଅନୁସାରେ, ଋଣ କରି ଚାଷ କରିଥିବା ଈଶ୍ୱର ଆଜି ବିଲରେ ଠିଆ ହୋଇ ଧାନ ଅମଳ ଦେଖୁଥିବା ବେଳେ ଫସଲ କ୍ଷତି ସହି ନ ପାରି ହଠାତ୍ ଅସୁସ୍ଥ ହୋଇ ଜମିରେ ପଡ଼ିଯାଇଥିଲେ। ପରିବାରଲୋକ ତାଙ୍କୁ ପ୍ରଥମେ ଛତ୍ରପୁର ▶ପୃଷ୍ଠା-୭

## ଜାଲ, ବାଉଁଶରେ ଚିଲିକା ବନ୍ଦୀ



**ପୋତି ହେଉଛି ଗର୍ଭ; କମୁଛନ୍ତି ମାଛ ପ୍ରଜାତି**

■ **ପୁରୀ, ୧୧।୧ (ସମିସ):** ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଚିଲିକାର ସ୍ଥାନ ସ୍ୱତନ୍ତ୍ର। ୬୪.୩ କିମି ଦୈର୍ଘ୍ୟ ଏବଂ ୨୦.୧ କିମି ପ୍ରସ୍ଥ ବିଶିଷ୍ଟ ଚିଲିକାରେ ଏକଦା ୨୨୫ ପ୍ରଜାତିର ମାଛ, ୧୮୦ ପ୍ରଜାତିର ପକ୍ଷୀ ଦେଖାଯାଉଥିଲେ। ଚିଲିକା ଦ୍ୱୀପାଞ୍ଚଳ, କୂଳବର୍ତ୍ତୀରେ ବସବାସ କରୁଥିବା ୧୫୩ ଗ୍ରାମର ଲୋକେ ଚିଲିକାରୁ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଧରି ପରିବାର ପ୍ରତିପୋଷଣ କରିଆ'ନ୍ତି। କିନ୍ତୁ ୧୯୮୯ ମସିହାରୁ ବିଦେଶ ବଜାରରେ ଚିଙ୍ଗୁଡ଼ିର ଚାହିଦା ବଢ଼ିବାରୁ ଚିଲିକାରେ ବିବାଦ ବୃଦ୍ଧି ପାଇଲା। କେତେବେଳେ ପାରମ୍ପରିକ ମତ୍ସ୍ୟଜୀବୀ ଓ ପେସାଦାର ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି ତ ପୁଣି କେତେବେଳେ ସୀମା ବିବାଦ ଉପୁଜିଛି। ଘେରି ବିବାଦ ବି ବେଳେବେଳେ ଉଗ୍ରରୂପ ନେଇଛି।

ସ୍ଥାନୀୟ ଅଞ୍ଚଳବାସୀ ଓ ମାଫିଆଙ୍କ ଜାଲବାଡ଼ ଘେରି ମଧ୍ୟରେ ଚିଲିକା ଏକପ୍ରକାର ବାନ୍ଧି ହୋଇପଡ଼ିଛି। ମାଫିଆମାନଙ୍କ ଅବାଧ ପ୍ରବେଶ ଯୋଗୁଁ ଜୀବିକା ହରାଉଛନ୍ତି ଚିଲିକା ଉପରେ ନିର୍ଭର କରୁଥିବା ଅଧିବାସୀ। ଚିଲିକା ମଧ୍ୟରେ ଅବରୋଧ ଯୋଗୁଁ ଗତିପଥ ବଦଳାଉଛନ୍ତି ବିରଳ ଡଲ୍‌ଫିନ। ଜିରୋ-ନେଟ୍‌ର ଅବାଧ ପ୍ରଚଳନ ଫଳରେ ଲୋପ ପାଇଯାଉଛନ୍ତି ବହୁ ପ୍ରଜାତିର ମାଛ ଏବଂ ଚିଙ୍ଗୁଡ଼ି। ଚିଲିକା ମଧ୍ୟରୁ ଘେରି ଉଚ୍ଛେଦ କରିବାକୁ ପ୍ରଶାସନ ଶତଚେଷ୍ଟା କରି ମଧ୍ୟ ବିଫଳ ହୋଇଛି। କ୍ରମଶଃ ଚିଲିକା ଉପରେ ମାନବୀୟ ଅତ୍ୟାଚାର ବଢ଼ିବାରେ ଲାଗିଛି। ବିକାଶ ନାମରେ ଚିଲିକା ଭିତରେ ଗଛକଟା, କଂକ୍ରିଟ ତଥା ନିର୍ମାଣର ବର୍ଜ୍ୟବସ୍ତୁ, ପର୍ଯ୍ୟଟକଙ୍କ ପିକନିକ୍ ଓ ଭ୍ରମଣରେ ▶ପୃଷ୍ଠା-୭

## ପାଳଗଦାରେ ଦୁଇ ନାବାଳକ ଦଗ୍ଧ

**୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

■ **ବୌଦ୍ଧ, ୧୧।୧(ସମିସ):** ବୌଦ୍ଧ ବ୍ଲକ୍ ମୁଣ୍ଡିପଦର ପଞ୍ଚାୟତ ବଲାକିରା ଗ୍ରାମରେ ଶନିବାର ସଂଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଛି। ପାଳଗଦାରେ ନିଆଁ ଲାଗି ଦୁଇ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତ ଶିଶୁଦ୍ୱୟ ହେଲେ, ବଲାକିରା ଗ୍ରାମର କ୍ରିଷ୍ଣା ଭୋଇ (୫) ଓ ବୌଦ୍ଧ ଥାନା ବସନ୍ତବାହାଲ୍ ଗ୍ରାମର କ୍ରିଷ୍ଣା ଉର୍ମା (୮)। ସଂପର୍କରେ ଦୁହେଁ ମାମୁ-ଭଣଜା। ବାଉଁଶୁଣୀ ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଦୁଇ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ସୂଚନାନୁଯାୟୀ, ଏକ ପରିତ୍ୟକ୍ତ କୂଅରେ ଭର୍ତ୍ତି କରାଯାଇଥିବା ପାଳଗଦାରେ ଆଜି ସଂଧ୍ୟାରେ ନିଆଁ ଲାଗି ଯାଇଥିଲା। ଏହି ସମୟରେ ସେଠାରେ ଖେଳୁଥିବା ଦୁଇ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ।

**ସହଦେବଙ୍କ ପତ୍ନୀ ଓ ଦୁଇ ପିଲାଙ୍କୁ ନବୀନଙ୍କ ଆଶ୍ୱାସନା**

## ମୁଁ ଆପଣଙ୍କ ସହିତ ଅଛି



**ସହଦେବଙ୍କୁ ନ୍ୟାୟ ମିଳିବା ଯାଏ ଲଢ଼େଇ କରିବୁ**

**ଶୁଦ୍ଧିକ୍ରିୟା ପାଇଁ ଦେଲେ ୫୦ ହଜାର ଟଙ୍କା ସହାୟତା**

■ **ଭୁବନେଶ୍ୱର, ୧୧।୧ (ସମିସ):** ସହଦେବ କେବଳ ଭୁବନେଶ୍ୱରକୁ ନିର୍ମଳ ରଖିବାରେ ସହଯୋଗ କରୁ ନ ଥିଲେ, ସେ ନିଶା କାରବାର ବିରୋଧରେ ଅଭିଯାନ ଚଳାଇଥିଲେ। ସମାଜରୁ ନିଶା କବଳରୁ ରକ୍ଷା ପାଇଁ ନିର୍ଭୀକ ଭାବେ କାମ କରିଚାଲିଥିଲେ, ତାଙ୍କ ବଳିଦାନ ବ୍ୟର୍ଥ ହେବନାହିଁ। ଏପରି ଦୁଃଖଦ ସମୟରେ ଆମେ ସମସ୍ତେ ଆପଣଙ୍କ ସହିତ ଅଛୁ। ସହଦେବକୁ ନ୍ୟାୟ ମିଳିବା ଯାଏ ବିଜୁ ଜନତା ଦଳ ଲଢ଼େଇ ଜାରି ରଖିବ। ଆଜି ମୃତ ପୁଲିସ ମିତ୍ର ସହଦେବଙ୍କ ପରିବାରକୁ ସାକ୍ଷାତ କରି ଏପରି ଭାବେ ସାନ୍ତ୍ୱନା ଦେଇଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏଥିସହ ସହଦେବଙ୍କ ଶୁଦ୍ଧିକ୍ରିୟା ପାଇଁ ନବୀନ ପୀଡିତ ପରିବାରକୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

ଗତ ୮ ତାରିଖ ଦିନ ରସୁଲଗଡ଼ ଫ୍ଲାଏଓଭର ଉପରେ ବୀଭତ୍ସ ହତ୍ୟାର ଶିକାର ହୋଇଥିବା ସହଦେବ ନାୟକଙ୍କ ପତ୍ନୀ ଓ ଦୁଇ ଛୋଟ ଝିଅ ଆଜି ନବୀନ ନିବାସରେ ପହଞ୍ଚି ଦୁଃଖ ସମୟରେ ନ୍ୟାୟ ଦେବାପାଇଁ ସହଯୋଗର ହାତ ବଢ଼ାଇଥିବାରୁ ଧନ୍ୟବାଦ ଜଣାଇଥିଲେ। ସ୍ୱାମୀଙ୍କ ହତ୍ୟାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦାବି ଜଣାଇଥିଲେ। ଶ୍ରୀ ପଟ୍ଟନାୟକ ସେମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ, "ଏହି ଘଟଣାରେ ମୁଁ ବହୁତ ଦୁଃଖୀ ମା' ! ମୁଁ ଆପଣଙ୍କୁ ସାହାଯ୍ୟ କରିବି।"

ସହଦେବଙ୍କ ଅବର୍ତ୍ତମାନରେ ତାଙ୍କ ପରିବାରକୁ ସବୁ ପ୍ରକାର ସହଯୋଗ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ନବୀନ। ଏହି ଜଘନ୍ୟ ହତ୍ୟାକାଣ୍ଡକୁ ଶ୍ରୀ ପଟ୍ଟନାୟକ ନିନ୍ଦା କରିବା ସହ ନ୍ୟାୟ ମିଳିବା ଯାଏ ଲଢ଼େଇ କରିବେ ବୋଲି ସହଦେବଙ୍କ ପତ୍ନୀ ଓ ଦୁଇ ପିଲାଙ୍କୁ କହିଥିଲେ। ଏହି ସମୟରେ ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ହତ୍ୟାର ଦୁଇ ଦିନ ପୂର୍ବରୁ ସହଦେବ ନିଜ ପରିବାର ସହିତ ନବୀନ ନିବାସ ଯାଇ ନବୀନଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇଥିଲେ।


SIKSHA 'O' ANUSANDHAN

SAAT-2025

APPROVAL & RECOGNITION

Accredited by NAAC with Grade 'A++' · UGC Graded Autonomy(Category-I) · NBA Accredited · ICAR Accredited · NABL Accredited · NABH Accredited

AICTE Approved · NMC Approved · DCI Approved · PCI Approved · BCI Approved · INC Approved · VCI Approved

PROGRAMMES OFFERED

B.TECH PROGRAMMES
Civil Engineering
Electrical Engineering
Mechanical Engineering
Electrical and Electronics Engineering
Electronics and Communication Engineering
Computer Science and Engineering
Computer Science and Information Technology
Computer Science and Engineering (AI and ML)
Computer Science and Engineering (Cyber Security)
Computer Science and Engineering (Data Science)
Computer Science and Engineering (Internet of Things)

M.TECH PROGRAMMES
Structural Engineering
Electric Vehicle Technology
Machine Design and Robotics
Embedded System and VLSI Design
Computer Science and Engineering

MANAGEMENT PROGRAMMES
BBA
MBA
Integrated MBA
MBA (Hospital Administration)
MBA (Artificial Intelligence and Data Science)

M.Sc. PROGRAMMES
Physics
Chemistry
Mathemetics
Biotechnology
Integrated (M.Sc. Biotechnology)

COMPUTER APPLICATIONS PROGRAMMES
Bachelor of Computer Applications (BCA)
Master of Computer Applications (MCA)

PHARMACEUTICAL PROGRAMMES
B.Pharm.
M.Pharm.

LAW PROGRAMMES
BA LLB (H) - Integrated Law
BBA LLB (H) - Integrated Law
LLB (H) - 3 Years Law
LLM

HOTEL MANAGEMENT PROGRAMMES
BHMCT (Bachelor of Hotel Management & Catering Technology)
MBA (Hospitality Management)

NURSING PROGRAMMES
B.Sc. (Nursing) (Basic)
B.Sc. (Nursing) (Post Basic)
M.Sc. (Nursing)

AGRICULTURAL PROGRAMMES
B.Sc. (H) Agriculture
M.Sc. Agriculture

VETERINARY SCIENCE AND ANIMAL HUSBANDRY PROGRAMME
Bachelor of Veterinary Science & Animal Husbandry (B.V.Sc. & A.H.)

nirf National Institutional Ranking Framework 2024
14th in University Category
26th in Engineering Category
21st in Medical Category
09th in Dental Category
09th in Law Category

QS WORLD UNIVERSITY RANKINGS 2025
64 in QS Southern Asia University Ranking
278 in QS Asia University Ranking
1201- 1400 in QS World University Ranking
Instituion of Happiness
Recognized by QS I-Guage

THE WORLD UNIVERSITY RANKINGS 2024
801-1000 in THE World University Ranking
401- 500 in Engineering Technology
601- 800 in Computer Science
801-1000 in Health Sciences

To apply for admission through SAAT 2025,
Visit: www.soa.ac.in

# ନୂଆ ରୂପରେ ଶର୍ମିଷ୍ଠା



ହଟ୍ ସ୍ପଟ୍

ଶର୍ମିଷ୍ଠା ମୁଖାର୍ଜୀଙ୍କୁ ନେଇ ଏବେ ଚର୍ଚ୍ଚା ଜୋରଦାର। ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ପ୍ରଣବ ମୁଖାର୍ଜୀଙ୍କ ଝିଅ ହେଉଛନ୍ତି ଶର୍ମିଷ୍ଠା। ନିଜର ମତ ମନ୍ତବ୍ୟ ନେଇ ଚର୍ଚ୍ଚାରେ ଥିବା ଶର୍ମିଷ୍ଠା ସାମାଜିକ ଗଣମାଧ୍ୟମରେ ଭୀଷଣ ଟ୍ରୋଲିଂର ଶିକାର ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆରଏସ୍ଏସ୍ ସପକ୍ଷରେ ମନ୍ତବ୍ୟ ଦେବା ସହିତ ଗାନ୍ଧୀ ପରିବାରକୁ ସମାଲୋଚନା ପରେ ତାଙ୍କୁ କଂଗ୍ରେସବାଲା ଗାଳିଦେବା ଆରମ୍ଭ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ କହୁଛନ୍ତି ଯେ ଗାନ୍ଧୀ ପରିବାର ଯୋଗୁଁ ତାଙ୍କ ବାପା ପ୍ରଧାନମନ୍ତ୍ରୀ ହୋଇପାରିଲେ ନାହିଁ। ସେହି ଗାନ୍ଧୀ ପରିବାର ଯୋଗୁଁ କଂଗ୍ରେସ ଅବସ୍ଥା ଖରାପ ହୋଇପଡ଼ିଛି। ତେଣୁ ଗାନ୍ଧୀ ପରିବାରକୁ ବାଦ୍ ଦେଇ କଂଗ୍ରେସକୁ ନିଜର ଭବିଷ୍ୟତ ପାଇଁ ଚିନ୍ତା କରିବାକୁ ପଡ଼ିବ। ତାଙ୍କର ଏଭଳି ପରାମର୍ଶକୁ କଂଗ୍ରେସବାଲା ସହଜ ।।ରେ ଗ୍ରହଣ କରିପାରି ନାହାନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କୁ ଟ୍ରୋଲିଂ କରିବା ଜାରି ରଖିଛନ୍ତି। ଏପରିକି ଅନେକ ନେତା ତାଙ୍କ ପ୍ରତି ଅଭଦ୍ର ଭାଷାର ବ୍ୟବହାର ମଧ୍ୟ କରିଛନ୍ତି। ଏସଂପର୍କରେ ସେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ, ଜୟରାମ ରମେଶଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। କଂଗ୍ରେସ ସଂଗଠନ ଅପେକ୍ଷା ଆରଏସଏସ୍ ଭଲ ବୋଲି ଯୁକ୍ତି ଦର୍ଶାଇବାକୁ ଯାଇ ସେ କହିଛନ୍ତି ଯେ ଦିନେ ତାଙ୍କ ବାପା ଆରଏସଏସ୍‌କୁ ବେଆଇନ ଘୋଷଣା କରିବାକୁ ଦାବି କରିଥିଲେ। କିନ୍ତୁ ସେହି ଆରଏସଏସ୍ କଂଗ୍ରେସ ଭଳି ଅସହିଷ୍ଣୁ ନହୋଇ ତାଙ୍କ ବାପାଙ୍କୁ ସମ୍ମାନ ଦେଇଥିଲା। ସେ ଟୁଇଟ୍ କରି କହିଛନ୍ତି, 'ମୋ ବାପା ଆରଏସଏସ୍ ମୁଖ୍ୟାଳୟକୁ ଗଲେ ବୋଲି ରାହୁଲ ଚେଲା ତାଙ୍କୁ ସଂଘୀ କହୁଛନ୍ତି। ସେହି ଚେଲାମାନେ କହିପାରିବେ କି ଯାହାକୁ ସୋନିଆ ମୌତ କା ସୌଦାଗର କହିଥିଲେ ତାଙ୍କୁ ତାଙ୍କ ପୁତ୍ର (ରାହୁଲ) କିପରି ସଂସଦ ଭିତରେ ଆଲିଙ୍ଗନ କଲେ? ରାହୁଲ ସେହି ବ୍ୟକ୍ତିର କଣ ସହଯୋଗୀ କି?' ପ୍ରଣବଙ୍କ ସ୍ମାରକୀ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ସ୍ଥାନ ବଣ୍ଟନ କରିଥିବାରୁ ଶର୍ମିଷ୍ଠା ତାଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଶର୍ମିଷ୍ଠାଙ୍କ ଭାଷାରେ କଂଗ୍ରେସ ତାଙ୍କ ବାପାଙ୍କୁ ଅବହେଳା କଲା। କିନ୍ତୁ ମୋଦୀ ସରକାର ତାଙ୍କୁ ସମ୍ମାନ ଦେଉଛି। ସେ ବୁଲି ବୁଲି ମୋଦୀଙ୍କର ପ୍ରଶଂସା କରୁଥିବାରୁ କଂଗ୍ରେସ ବାଲା ସହି ପାରୁ ନାହାନ୍ତି। କିନ୍ତୁ ଯାହା ସତ, ତାହା କହିବାକୁ ସେ ଡରିବେ ନାହିଁ। ଟ୍ରୋଲିଂକୁ ତାଙ୍କର ଭୟ ନାହିଁ ବୋଲି ସେ କହୁଛନ୍ତି।

ଦିଲ୍ଲୀ ରାଜନୈତିକ ମହଲରେ ଯେଉଁ ଚର୍ଚ୍ଚାଟି ଚାଲିଛି, ତାହାହେଲା ସକ୍ରିୟ ରାଜନୀତିରୁ ସନ୍ୟାସ ନେଇଥିବା ଶର୍ମିଷ୍ଠା ହଠାତ୍ ଏଭଳି ରୂପରେ ସକ୍ରିୟ ହୋଇଛନ୍ତି କାହିଁକି? କଂଗ୍ରେସର ଜଣେ ନେତା କହିଛନ୍ତି, କଂଗ୍ରେସ କ୍ଷମତାରେ ଥିବା ବେଳେ ଶର୍ମିଷ୍ଠା ସବୁପ୍ରକାର ସୁବିଧା ସୁଯୋଗ ପାଉଥିଲେ। ଏବେ ସରକାରୀ ଦଳ ଆଡ଼କୁ ଡେଇଁବା ଲାଗି ସେ ମନ ବଳାଇଛନ୍ତି। ଏହାପୂର୍ବରୁ ଗାନ୍ଧୀ ପରିବାରକୁ ଟାର୍ଗେଟ କରିବା ଲାଗି ସେ ବ୍ୟବହୃତ ହେବା ସ୍ୱାଭାବିକ।

୧୯୬୫ରେ ଜନ୍ମ ଗ୍ରହଣ କରିଥିବା ଶର୍ମିଷ୍ଠା ହେଉଛନ୍ତି ଜଣେ କଥକ ନୃତ୍ୟଶିଳ୍ପୀ, ଲେଖିକା ଏବଂ ପୂର୍ବତନ କଂଗ୍ରେସ ନେତ୍ରୀ। ୨୦୧୪ରେ ସେ କଂଗ୍ରେସରେ ଯୋଗଦେଇଥିଲେ। ୨୦୧୫ରେ ସେ ଦିଲ୍ଲୀ ବିଧାନସଭା ପାଇଁ ଗ୍ରେଟର କୈଳାଶ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ସେ ପରାଜିତ ହୋଇଥି।।ଲେ। ତାଙ୍କୁ ମାତ୍ର ୬ ହଜାର ଭୋଟ୍ ମିଳିଥିଲା। ୨୦୨୧ରେ ସେ ସକ୍ରିୟ ରାଜନୀତିରୁ ଅବସର ନେଇଛନ୍ତି। ନିଜ ବାପାଙ୍କ ସ୍ମୃତିରେ ତାଙ୍କ ଦ୍ୱାରା ରଚିତ ପୁସ୍ତକ 'ଇନ୍ ପ୍ରଣବ, ମାଇ ଫାଦର: ଏ ଡଟର ରିମେମ୍ବରସ'କୁ ନେଇ ସେ କଂଗ୍ରେସର ଟାର୍ଗେଟରେ ରହି ଆସିଥିବା କୁହାଯାଉଛି। ଏହି ପୁସ୍ତକେରେ ସେ ପ୍ରଣବଙ୍କ ଜରିଆରେ ଗାନ୍ଧୀ ପରିବାରକୁ ଟାର୍ଗେଟ କରିଛନ୍ତି।

# 'ଗାଲିବାଜ୍' ବନାମ୍ 'ଆପ୍ ଦା-ଏ-ଆଜମ୍'




### ଆପ୍‌ର ବିଜେପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣାକୁ ନେଇ ଦିଲ୍ଲୀ ରାଜନୀତି ସରଗରମ
### ବିଜେପିର ବିଧୁରୀଙ୍କୁ କେଜ୍ରିୱାଲଙ୍କ କଟାକ୍ଷ
### ପ୍ରାର୍ଥୀ ଘୋଷଣା କରିବାକୁ କେଜ୍ରିୱାଲ କିଏ ବୋଲି ଶାହଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୧୧।୧(ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନ ଆସନ୍ତାମାସ ୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିଲା ବେଳେ ରାଜନୀତି ସରଗରମ ହେବାରେ ଲାଗିଛି। କିନ୍ତୁ ବିଜେପିର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ନେଇ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଯେଉଁଭଳି କଟାକ୍ଷ କରି ମନ୍ତବ୍ୟ ଦେଇଛନ୍ତି ତାହାକୁ ନେଇ ରାଜନୀତି ଆହୁରି ସରଗରମ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ଆପ୍ ଦିଲ୍ଲୀର ସମସ୍ତ ୭୦ଟି ବିଧାନସଭା ଆସନ ପାଇଁ ସର୍ବ ପ୍ରଥମେ ପ୍ରାର୍ଥୀ ଘୋଷଣା କରିଥିଲା। ଏହାପରେ ପରେ କଂଗ୍ରେସ ମଧ୍ୟ ତାହାର ତାଲିକା ପ୍ରକାଶ କରିଥିଲା। କିନ୍ତୁ ନିର୍ବାଚନ ପାଇଁ ଆଉ ମାତ୍ର ହାତ ଗଣତି ସମୟ ଥିଲା ବେଳେ ବିଜେପି କେବଳ ପ୍ରଥମ ପର୍ଯ୍ୟାୟ ତାଲିକା ଘୋଷଣା କରିଛି। ଏପରିକି ଦଳୀୟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବ ତାହା ମଧ୍ୟ ଘୋଷଣା କରିନାହିଁ। ଏହିକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନା ଏବଂ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ପ୍ରତି ଅପମାନଜନକ ଟିକା ଟିପ୍ପଣୀ କରି ବିବାଦୀୟ ହୋଇପଡ଼ିଥିବା ବିଜେପି ପ୍ରାର୍ଥୀ ରମେଶ ବିଧୁରୀଙ୍କୁ କଟାକ୍ଷ କରି ସେ ହିଁ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି କେଜ୍ରିୱାଲ କହିଛନ୍ତି। ବିଜେପି ଖୁବଶୀଘ୍ର ରମେଶଙ୍କ ନାମ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିବ ବୋଲି ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ କେଜ୍ରିୱାଲ କହିଥିଲା ବେଳେ ଏଥିପାଇଁ ସେ ରମେଶଙ୍କୁ ଆଗୁଆ ଅଭିନନ୍ଦନ ଜଣାଇଛନ୍ତି। ହେଲେ ପ୍ରକୃତରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବାକୁ କିଏ ଯୋଗ୍ୟ ତାହା ଦିଲ୍ଲୀବାସୀ ଫେବୃଆରୀ ୮ରେ ନିଷ୍ପତ୍ତି ନେବେ ବୋଲି କେଜ୍ରିୱାଲ କହିଛନ୍ତି। କେଜ୍ରିୱାଲଙ୍କ ଏହି ଟିପ୍ପଣୀକୁ ବିଜେପି ପକ୍ଷରୁ ମଧ୍ୟ ଦୃଢ ପ୍ରତିକ୍ରିୟା ପ୍ରକାଶ କରାଯାଇଛି। କେଜ୍ରିୱାଲ ବ୍ୟସ୍ତ ହେବା ଦରକାର ନାହିଁ,ବିଜେପି ଖୁବଶୀଘ୍ର ଏହାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବ ବୋଲି ଦଳୀୟ ନେତା ମନୋଜ ତିୱାରୀ କହିଛନ୍ତି। ଅନ୍ୟପକ୍ଷରେ ବିଜେପି ପ୍ରାର୍ଥୀ ଘୋଷଣା କରିବାକୁ କେଜ୍ରିୱାଲ କିଏ ବୋଲି କେନ୍ଦ୍ରମନ୍ତ୍ରୀ ଅମିତ ଶାହ ପ୍ରଶ୍ନ କରିଛନ୍ତି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶାହ କହିଛନ୍ତି ଯେ, ଆପ୍ ଏବଂ କଂଗ୍ରେସ କେବଳ ଭୋଟ ବ୍ୟାଙ୍କ ଚକ୍କରରେ ଦିଲ୍ଲିବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। କିନ୍ତୁ ଏହି ଦଳ ଦିଲ୍ଲୀବାସୀଙ୍କ କୌଣସି ହିତସାଧନ କରିପାରିବେ ନାହିଁ। ଏହାକୁ ଦିଲ୍ଲୀବାସୀ ପରଖି ନେଇଛନ୍ତି ଏବଂ ଆଗାମୀ ଦିନରେ ଏହାର ପ୍ରମାଣ ମିଳିବ ବୋଲି ସେ କହିଛନ୍ତି।

### ଦିଲ୍ଲୀରେ ପାଠଶାଳା ବଦଳରେ ମଧୁଶାଳା ତିଆରି ହୋଇଥିଲା: ଅନୁରାଗ ଠାକୁର

ଦିଲ୍ଲୀର ବହୁଚର୍ଚ୍ଚିତ ଅବକାରୀ ନୀତି ଘୋଟାଲାକୁ ନେଇ ସିଏଜି ରିପୋର୍ଟ ଆସିବା ଏବଂ ଏଥିପାଇଁ ରାଜକୋଷର ୨୦୨୬ କୋଟି ଟଙ୍କା କ୍ଷତି ହୋଇଥିବା କୁହାଯିବା ପରେ ବିଜେପି ନେତା ଅନୁରାଗ ଠାକୁର ଆପ୍‌କୁ ନିଶାଣ କରି ବର୍ଷିଛନ୍ତି। ସେ ବ୍ୟଙ୍ଗାତ୍ମକ ଢଙ୍ଗରେ କହିଥିଲେ ଯେ, ଦିଲ୍ଲୀରେ ପାଠଶାଳା ବଦଳରେ ମଧୁଶାଳା ତିଆରି ହୋଇଥିଲା। ଆପ୍ ଝାଡୁରୁ ଦୁରେଇଯାଇ ମଦ ସହ ଆଗକୁ ବଢିଥିଲା। ଏହି ଦଳର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଜେଲ ଯାଇଥିଲେ। କୋଭିଡ୍ ସମୟରେ ଜନସାଧାରଣ କଷ୍ଟରେ ଥିଲେ କିନ୍ତୁ ଆପ୍ ଖୁସି ଥିଲା। କାରଣ ସେତେବେଳେ ମଦ ଦୁର୍ନୀତିର ଜାଲ ବୁଣାଯାଇଥିଲା। ଏହାର ମୁଖ୍ୟ ନାୟକ ଅରବିନ୍ଦ କେଜ୍ରିୱାଲ ରହିଥିଲା ବେଳେ ଏଥିରେ ୨୦୨୬ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା। ଦିଲ୍ଲୀରେ ଆମ ଆଦମୀ ପାର୍ଟି ୧୦ ବର୍ଷ ଶାସନ କରିଥିଲା ବେଳେ ଏହା ଦୁର୍ନୀତିରେ ପରିପୂର୍ଣ୍ଣ ଥିଲା ବୋଲି ଅନୁରାଗ କହିଛନ୍ତି।

# ଖସିପଡ଼ିଲା ନିର୍ମାଣାଧୀନ ରେଳ ଷ୍ଟେସନ ଛାତ



### ୧୮ ଶ୍ରମିକ ଆହତ
### ଭଗ୍ନାଂଶ ତଳେ ଫସି ରହିଛନ୍ତି ଅନେକ

ଲକ୍ଷ୍ନୌ,୧୧।୧(ଏଜେନ୍ସି): ଉତ୍ତରପ୍ରଦେଶର କନୌଜ ରେଳ ଷ୍ଟେସନରେ ଏକ ନିର୍ମାଣାଧୀନ ଛାତ ଧସିଯିବାରୁ ୧୮ ଜଣ ଆହତ ହୋଇଛନ୍ତି। ଭଗ୍ନାଂଶ ତଳେ ଆହୁରି ଅନେକ ଶ୍ରମିକ ଫସି ରହିଥିଲା ବେଳେ ସେମାନଙ୍କୁ ଉଦ୍ଧାର କରିବା ଲାଗି କାର୍ଯ୍ୟ ଅବ୍ୟାହତ ରହିଛି। ଏଠାରେ ନିର୍ମାଣାଧୀନ ଅମୃତ ଭାରତ ରେଳ ଷ୍ଟେସନର ଲିଣ୍ଟେଲ୍ ଭୁଶୁଡ଼ି ପଡ଼ିବାରୁ ଏଭଳି ଘଟଣା ଘଟିଛି। ଆହତ ୧୮ ଶ୍ରମିକଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ କାନପୁର ନିକଟସ୍ଥ କନୌଜରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟେସନର ଲିଣ୍ଟେଲ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ବହୁ ସଂଖ୍ୟାରେ ଶ୍ରମିକମାନେ ଲିଣ୍ଟେଲ୍ ବିଛାଇବାରେ ବ୍ୟସ୍ତ ଥିଲେ। ଫଳରେ ଅନେକ ଶ୍ରମିକ ଭଗ୍ନାଂଶ ତଳେ ଚାପି ହୋଇଯାଇଥିଲେ। ଶନିବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା ବେଳେ ତୁରନ୍ତ ରିଲିଫ୍ ଟିମ୍ ଦ୍ୱାରା ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ପରେ ସମାଜବାଦୀ ପାର୍ଟି ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି ସରକାର ଏବଂ ତତ୍କାଳୀନ କନୌଜ ସାଂସଦ ସୁବ୍ରତ ପାଠକ ଦାବି କରିଥିଲେ ଯେ କନୌଜର ରେଳ ଷ୍ଟେସନ ଅତ୍ୟାଧୁନିକ ହେବ ଏବଂ କୋଟି କୋଟି ଟଙ୍କା ବ୍ୟୟରେ ଏହାର ଆଧୁନିକୀକରଣ କରାଯିବ। କିନ୍ତୁ ବିଜେପିର କାର୍ଯ୍ୟ ଯାହା ରହିଛି ତାହା ସମସ୍ତଙ୍କୁ ଜଣାପଡ଼ିଗଲା ବୋଲି ଦଳ ସୋସିଆଲ ମିଡିଆରେ ପୋଷ୍ଟ କରିଛି।

## ଏମଭିଏରେ ଫାଟ; ଏକାକୀ ପୌର ନିର୍ବାଚନ ଲଢ଼ିବ ଉଦ୍ଧବ ସେନା

ମୁମ୍ବଇ,୧୧।୧(ଏଜେନ୍ସି): ବିରୋଧୀ ଇଣ୍ଡିଆ ମେଣ୍ଟରେ ଫାଟ ବଢି ଚାଲିଥିଲା ବେଳେ ଏବେ ମହାରାଷ୍ଟ୍ର ରାଜନୀତିରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଏଠାକାର ମହାବିକାଶ ଅଘାଡି (ଏମଭିଏ) ମେଣ୍ଟରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ମହାରାଷ୍ଟ୍ରର ଆଗାମୀ ପୌର ନିର୍ବାଚନ ସହିତ ଜିଲ୍ଲା ପରିଷଦ ନିର୍ବାଚନ ଏବଂ ବ୍ରିହାନ ମୁମ୍ବଇ ପୌର ନିଗମ ନିର୍ବାଚନ ଏକାକୀ ଲଢିବାକୁ ଶନିବାର ଶିବସେନା(ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଘୋଷଣା କରିବା ପରେ ଏହି ବିଷୟ ସ୍ପଷ୍ଟ ହୋଇଛି। ମୁମ୍ବଇ ଠାରୁ ନାଗପୁର ଯାଏ ସମସ୍ତ ପୌର ନିଗମ ନିର୍ବାଚନ ଶିବସେନା ଏକାକୀ ଲଢିବ ବୋଲି ଉଦ୍ଧବ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏମଭିଏ ମେଣ୍ଟର ଫଳାଫଳକୁ ନେଇ ନିଜ ଦଳର ବିଧାୟକ ଏବଂ ନେତାଙ୍କ କଟୁକ୍ତିର ଶିକାର ହେଲା ପରେ ଉଦ୍ଧବ ଏହି ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କୁହାଯାଇଛି।

## ପଦ ଛାଡ଼ିବା ପୂର୍ବରୁ ୧୦ ଲକ୍ଷ ପ୍ରବାସୀଙ୍କୁ ସୁରକ୍ଷା ଦେଲେ ବାଇଡେନ

ୱାଶିଂଟନ୍,୧୧।୧(ଏଜେନ୍ସି): ଆମେରିକାରେ ବେଆଇନ ଭାବେ ପ୍ରବେଶ କରିଥିବା ବିଦେଶୀ ଲୋକମାନଙ୍କ ବିରୋଧରେ ଟ୍ରମ୍ପ ପ୍ରଶାସନ କଠୋର ପଦକ୍ଷେପ ନେବାକୁ ଯାଉଛନ୍ତି। ଆସନ୍ତା ୨୦ ତାରିଖରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଏ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି। କିନ୍ତୁ ଏହାପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନ ପ୍ରବାସୀମାନଙ୍କ ସୁରକ୍ଷା ପାଇଁ ଶନିବାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସେ ତାଙ୍କ ପଦବୀ ଛାଡିବା ପୂର୍ବରୁ ପ୍ରାୟ ୧୦ ଲକ୍ଷ ପ୍ରବାସୀଙ୍କୁ ୧୮ ମାସ ପାଇଁ ଆମେରିକାରେ ରହିବାକୁ ଆଇନଗତ ସୁରକ୍ଷା ଦେଇଛନ୍ତି। ଆମେରିକାରେ ବିଭିନ୍ନ ଦେଶର ନାଗରିକ 'ଟିପିଏସ୍(ଟେମ୍ପରାରୀ ପ୍ରୋଟେକଟେଡ୍ ଷ୍ଟାଟସ୍) ଆଧାରରେ ରହି କାର୍ଯ୍ୟ କରୁଥିଲା ବେଳେ ଏହାକୁ ବାଇଡେନ ଅଗାମୀ ୧୮ ମାସ ପାଇଁ ବୃଦ୍ଧି କରିଛନ୍ତି।

### ଆସାମରେ ଏଚ୍ଏମ୍‌ପିଭି ଭୂତାଣୁ

## ୧୦ ମାସର ଶିଶୁ ସଂକ୍ରମିତ

### ଦେଶରେ ସଂକ୍ରମଣ ମାମଲା ୧୪କୁ ବୃଦ୍ଧି

ଗୌହାଟୀ,୧୧।୧(ଏଜେନ୍ସି): ଚୀନ୍‌ରୁ ଉତ୍ପତ୍ତି ଏଚ୍ଏମ୍‌ପିଭି (ହ୍ୟୁମାନ ମେଟାନିଉମୋ ଭାଇରସ୍) ଭୂତାଣୁ ଏବେ ବିଭିନ୍ନ ଦେଶରେ ପହଞ୍ଚି ସାରିଥିଲା ବେଳେ ଭାରତର ବିଭିନ୍ନ ସହରରେ ମଧ୍ୟ ଏହି ଭୂତାଣୁ ଦ୍ୱାରା ସଂକ୍ରମଣ ବଢିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଏହି ଭୂତାଣୁ ଦ୍ୱାରା ଗୁଜରାଟ, ମହାରାଷ୍ଟ୍ର, କେରଳ ଏବଂ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇସାରିଥିଲା ବେଳେ ଶନିବାର ଆସାମର ଡିବ୍ରୁଗଡ଼ରେ ଏକ ୧୦ ମାସର ଶିଶୁ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହି ମାମଲାକୁ ମିଶାଇ ଦେଶରେ ଏଚଏମପିଭି ସଂକ୍ରମଣ ମାମଲା ୧୪ରେ ପହଞ୍ଚିଥିବା କୁହାଯାଇଛି। ଆସାମରେ ଏହି ଭୂତାଣୁ ଦ୍ୱାରା କେହି ସଂକ୍ରମିତ ହେବା ପ୍ରଥମ ଘଟଣା। ଏହି ସଂକ୍ରମିତ ଶିଶୁକୁ ଡିବ୍ରୁଗଡ଼ସ୍ଥିତ ଆସାମ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ ଚିକିତ୍ସା ଯୋଗାଇ ଦିଆଯାଉଛି। ତା'ର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏହି ମେଡିକାଲ କଲେଜର ଅଧିକ୍ଷ କହିଛନ୍ତି , ଥଣ୍ଡାଜନିତ ଲକ୍ଷଣ ଥାଇ ଶିଶୁଟି ୪ ଦିନ ତଳେ ହସ୍ପିଟାଲକୁ ଆସିଥିଲା। ପରେ ପରେ ତାହାର ନମୁନା ପରୀକ୍ଷା କରାଯାଇଥିଲା ବେଳେ ଶିଶୁଟି ଏଚଏମପିଭି ପଜିଟିଭ ଥିବା ଜଣାପଡ଼ିଛି।

### ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ପ୍ରଥମ ବାର୍ଷିକୀ

# ଅଯୋଧ୍ୟା ଉତ୍ସବମୁଖର



ଅଯୋଧ୍ୟା,୧୧।୧(ଏଜେନ୍ସି): ଅଯୋଧ୍ୟାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ସାରା ଅଯୋଧ୍ୟା ନଗରୀ ଉତ୍ସବମୁଖର ହୋଇପଡ଼ିଛି। ଚଳିତ ମାସ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଉତ୍ସବ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ବେଳେ ଦେଶର ବିଭିନ୍ନ ଭାଗରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଛି। ଶନିବାର ସକାଳୁ ସକାଳୁ ଅଯୋଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ନଜର ଆସିଛି। ମନ୍ଦିର ଟ୍ରଷ୍ଟ ଅନୁଯାୟୀ, ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକ ଏବଂ ପ୍ରାୟ ୧୧୦ ଜଣ ନିମନ୍ତ୍ରିତ ଅତିଥି ଉପସ୍ଥିତ ରହିବେ। ଏଥିରେ ମଣ୍ଡପ ଏବଂ ଯଜ୍ଞଶାଳାରେ ଶାସ୍ତ୍ରୀୟ ସାଂସ୍କୃତିକ ପ୍ରଦର୍ଶନ, ରୀତିନୀତି ଏବଂ ପ୍ରତିଦିନ ରାମ କଥା ପ୍ରବଚନ ପ୍ରଦର୍ଶିତ ହେବ।ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ କହିଛନ୍ତି ଯେ ଗତବର୍ଷ ପ୍ରାରମ୍ଭିକ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇପାରିନଥିବା ସାଧାରଣ ଲୋକଙ୍କୁ ଟ୍ରଷ୍ଟ ନିମନ୍ତ୍ରଣ କରିବାକୁ ନିଷ୍ପତ୍ତି ନେଇଛି। ସେମାନଙ୍କୁ 'ଅଙ୍ଗଦ ଟିଲା'ର ତିନି ଦିନର ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ସୁଯୋଗ ଦିଆଯିବ। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଜାନୁଆରୀ ୨୨ ତାରିଖରେ ଭବ୍ୟ ଆୟୋଜନରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ତିଥି ଅନୁଯାୟୀ ପ୍ରାଣ ପ୍ରତିଷ୍ଠାକୁ ଆଜି ଗୋଟିଏ ବର୍ଷ ପୂରଣ ହେଉଛି।ଏହି ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ରାମଲାଲାଙ୍କ ସ୍ୱତନ୍ତ୍ର ପୂଜାବିଧି ପାଇଁ ଭବ୍ୟ ଆୟୋଜନ କରାଯାଇଛି।

### ୨୧ରୁ ୨୫ ମଧ୍ୟରେ ମହାଜାଗତିକ ଦୃଶ୍ୟ

## ଆକାଶରେ ଦେଖାଯିବେ ଶୁକ୍ର, ଶନି



ନୂଆଦିଲ୍ଲୀ,୧୧।୧(ଏଜେନ୍ସି): ଚଳିତ ମାସରୁ ମାର୍ଚ୍ଚ ମାସ ଯାଏ ଗ୍ରହମଣ୍ଡଳରେ କିଛି ପରିବର୍ତ୍ତନ ଦେଖାଯିବ। ମଙ୍ଗଳ ,ବୁଧ, ଶୁକ୍ର ,ଶନି , ନେପଚୁନ ଭଳି ୬ଟି ଗ୍ରହ ପୃଥିବୀ ମହାକାଶରେ ଦେଖାଯିବେ। ଯାହାକୁ ବୈଜ୍ଞାନିକମାନେ ପୃଥିବୀ ଆକାଶରେ ' ପ୍ୟାରେଡ୍ ଅଫ୍ ପ୍ଲାନେଟସ୍' ଆଖ୍ୟା ଦେଇଛନ୍ତି। ତେବେ ଏହିକ୍ରମରେ ଚଳିତ ଜାନୁଆରୀ ମାସ ୨୧ ରୁ ୨୫ ମଧ୍ୟରେ ମହାକାଶରେ ଶୁକ୍ର ଏବଂ ଶନି ନିକଟର ହେଉଥିବାରୁ ଏହି ଦୁଇ ଗ୍ରହକୁ ଆକାଶରେ ଦେଖିବା ସମ୍ଭବ ହେବ ବୋଲି କୁହାଯାଇଛଇ। ପରସ୍ପର ମଧ୍ୟରେ ପ୍ରତିଯୋଗିତା ପରେ ଶୁକ୍ରକୁ ଟପି ଶନି ଗ୍ରହ ଆଗକୁ ବଢିବ।ପ୍ରଥମେ ମହାକାଶରେ ଶୁକ୍ର ଓ ଶନି ମଧ୍ୟରେ ଦୌଡ଼ ଭଳି ପ୍ରତିଯୋଗିତା ଦେଖାଯିବ। ଶୁକ୍ରକୁ ଅତିକ୍ରମ କରି ଶନି ଆଗକୁ ବଢିବ। ଏହାପରେ ଉଭୟ ଗ୍ରହ ଏକାଠି ହେବେ । ଚଳିତ ମାସରେ ଏଭଳି ଅଦ୍ଭୁତ ଦୃଶ୍ୟ ମହାକାଶରେ ଘଟିବାକୁ ଯାଉଥିବା ବେଳେ ସବୁଠୁ ବଡ କଥା ହେଉଛି ଖାଲି ଆଖିରେ ଗ୍ରହମାନଙ୍କୁ ଦେଖିହେବ । ଏହାର କୌଣସି କୁପ୍ରଭାବ ମଧ୍ୟ ପଡିବ ନାହିଁ । ଚଳିତ ମାସ ସାରା ସୂର୍ଯ୍ୟାସ୍ତ ପରେ ଚାରୋଟି ଗ୍ରହଙ୍କୁ ଖାଲି ଆଖିରେ ଦେଖି ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ କହିଛନ୍ତି। କିନ୍ତୁ ଫେବୃଆରୀ ଏବଂ ମାର୍ଚ୍ଚ ମାସରେ ଗ୍ରହମାନଙ୍କୁ ଆହୁରି ଭଲ ଭାବେ ଦେଖି ହେବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତି ୧୯ ବର୍ଷରେ ଥରେ ୫ ଗ୍ରହ ଏବଂ ୮ ଟି ଗ୍ରହ ପ୍ରାୟ ୧୭୦ ବର୍ଷରେ ଏକା ସମୟରେ ଦୃଶ୍ୟମାନ ହୁଅନ୍ତି ।

## ମହାକୁମ୍ଭରେ ଆଖଡ଼ା ଶିବିରରେ ରହିବେ ଷ୍ଟିଭ୍ ଜବସ୍‌ଙ୍କ ପତ୍ନୀ ଲୌରେନ୍



ନୂଆଦିଲ୍ଲୀ,୧୧।୧(ଏଜେନ୍ସି): ପ୍ରୟାଗରାଜରେ ଆସନ୍ତା ୧୩ ତାରିଖରୁ ମହାକୁମ୍ଭ ମେଳା ଆରମ୍ଭ ହେବାକୁ ଯାଉଥିବା ବେଳେ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବାରେ ଲାଗିଛି। ଏହିକ୍ରମରେ ଆମେରିକାର ଦିଂବଗତ ପ୍ରମୁଖ ଉଦ୍ୟୋଗୀ ତଥା ଆପଲ ଇନକର୍ପୋରେସନର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍ସଙ୍କ ପତ୍ନୀ ଲୌରେନ୍ ପାୱେଲ ଜାନୁଆରୀ ୨୯ ତାରିଖରେ ମହାକୁମ୍ଭ ପରିଦର୍ଶନ କରିବେ। କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟର କଥା ଯେ, ଏହି ସମୟରେ ସେ ୧୭୦୦ ବର୍ଷ ତଳର ପୁରୁଣା ଶ୍ରୀ ପଞ୍ଚାୟତି ତପୋନିଧି ନିରଞ୍ଜନୀ ଆଖଡ଼ା ଶିବିରରେ ଅବସ୍ଥାନ କରିବେ। ବିଶ୍ୱର ଅନ୍ୟତମ ପ୍ରମୁଖ ବିତ୍ତଶାଳୀ ମହିଳା ଭାବେପାୱେଲଙ୍କ ନିକଟରେଅଗାଧସମ୍ପତ୍ତିଧନରହିଛି।ଏହାସତ୍ତ୍ୱେ ସେ ଆଖଡ଼ା ଶିବିରରେ ରହିବାକୁ ଶ୍ରେୟ ମଣିଥିବା କୁହାଯାଇଛି।

### ୧୮ ବର୍ଷୀୟା ଦଳିତ କ୍ରୀଡ଼ାବିତ୍‌ଙ୍କ ଲୋମହର୍ଷକ ବୟାନ

# ୫ ବର୍ଷ ଧରି ୬୪ ଜଣ କରିଥିଲେ ଦୁଷ୍କର୍ମ



### କେରଳରେ ତନାଘନା, ୧୫ ଗିରଫ

ନୂଆଦିଲ୍ଲୀ,୧୧।୧(ଏଜେନ୍ସି): କେରଳର ଜଣେ ୧୮ ବର୍ଷୀୟା ଦଳିତ କ୍ରୀଡ଼ାବିତ୍ ନିକଟରେ ଯେଉଁଭଳି ବୟାନ ରଖିଛନ୍ତି ତାହା ଯେକୌଣସି ସଭ୍ୟ ମଣିଷକୁ ସ୍ତମ୍ଭୀଭୂତ କରିଦେବ। ପିଲା ବେଳରୁ କ୍ରୀଡ଼ା ପ୍ରତି ରୁଚି ରଖିଥିବା ଏହି ବାଳିକା ଜଣକ ମାତ୍ର ୧୩ ବର୍ଷ ବୟସରୁ ଯୌନ ଶୋଷଣର ଶିକାର ହୋଇ ଆସିଥିବା ଏହି ବାଳିକା ଜଣକ ଗତ ୫ ବର୍ଷ ମଧ୍ୟରେ ୬୪ ଜଣଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିବା ଘଟଣା ପ୍ରକାଶ କରିବା ପରେ ବିଭିନ୍ନ ମହଲରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଶିଶୁ କଲ୍ୟାଣ କମିଟି ଦ୍ୱାରା ଏକ କାଉନସେଲିଂ କାର୍ଯ୍ୟକ୍ରମରେ ଏହି କ୍ରୀଡ଼ାବିତ୍ ଜଣକ ଏହସବୁ ତଥ୍ୟ ଦେବା ପରେ କେରଳ ପୁଲିସ ଘଟଣାର ଯାଞ୍ଚ ଆରମ୍ଭ କରିବା ସହିତ ବର୍ତ୍ତମାନ ସୁଦ୍ଧା ୧୫ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ମିଳିଥିବା ଖବରଅନୁସାରେ ମହିଳା ସମକ୍ଷ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ସଂସ୍ଥାର ନିୟମିତ ପରିଦର୍ଶନ ଅନୁସାରେ ଏହି ବାଳିକାଙ୍କ ଘରେ ପହଞ୍ଚିଥିଲା। କିନ୍ତୁ କଥାବାର୍ତ୍ତା ବେଳେ ଗତ ୫ ବର୍ଷ ମଧ୍ୟରେ ତାଙ୍କ ସହ ଯାହାକିଛି ଘଟିଥିଲା ବାଳିକା ଜଣକ ସବୁକଥା ଉକ୍ତ ସଂସ୍ଥାର କର୍ମକର୍ତ୍ତାଙ୍କ ଆଗରେ ବଖାଣିଥିଲେ। ଏସବୁ ଶୁଣି ହତବାକ୍ ହୋଇପଡ଼ିଥିବା କର୍ମକର୍ତ୍ତାମାନେ ତୁରନ୍ତ ଉକ୍ତ ବାଳିକାଙ୍କୁ ଶିଶୁ କଲ୍ୟାଣ କମିଟି ନିକଟରେ ହଜାର କରାଇଥିଲେ। ଏହାପରେ ସେଠାରେ ତାଙ୍କର ମନୋବିଜ୍ଞାନୀଙ୍କ ଦ୍ୱାରା କାଉନସେଲିଂ କରାଯିବା ପରେ ସେ ସବୁକଥା ଖୋଲି କହିଥିଲେ। ବାଳିକା ଜଣକ ମାତ୍ର ୧୩ ବର୍ଷ ବୟସରେ ଅଷ୍ଟମ ଶ୍ରେଣୀରେ ପଢୁଥିଲା ବେଳେ ସ୍କୁଲର ସହପାଠୀ, କୋଚ୍, ପଡୋଶୀ, ଏପରିକି ସମ୍ପର୍କୀୟଙ୍କ ଦ୍ୱାରା ନିର୍ଯାତିତ ହେବା ସହିତ ଯୌନ ଶୋଷଣର ଶିକାର ହୋଇଥିଲେ। ସେ ଯାହାକୁ ବିଶ୍ୱାସ କଲେ ସିଏ ବିଶ୍ୱାସରେ ବିଷ ଦେଲା। ସେମାନେ ହିଁ ତା'ଉପରେ ଲୋଲୁପ ଦୃଷ୍ଟି ପକାଇଲେ। ପରେ ପରେ ଯୌନ ଶୋଷଣ କରିବାକୁ ଆରମ୍ଭ କଲେ। ପ୍ରଥମେ ଜଣେ ପଡୋଶୀ ତାଙ୍କୁ ଦୁଷ୍କର୍ମ କରିଥିଲେ। ସେ ଝିଅଟିର ଅଶ୍ଳୀଳ ଭିଡିଓ କରି ସେୟାର କରିଥିଲା। ଏହାପରେ ତାଙ୍କର ଭିଡିଓ ଭାଇରାଲ ହୋଇଥିଲା। ଯେଉଁମାନେ ଏହି ଭିଡିଓକୁ ପାଇଲେ ସେମାନେ ମଧ୍ୟର ଏହାର ଫାଇଦା ଉଠାଇଲେ।ଏହାପରେ ସ୍କୁଲର ସହପାଠୀ ଥିବା ଜଣେ ପୁଅ ତାଙ୍କର ଯୌନ ଶୋଷଣ କରିଥିଲେ। ସ୍କୁଲରେ କ୍ରୀଡାରେ ସକ୍ରିୟ ଥିବାରୁ ତାଲିମ ସମୟରେ ମଧ୍ୟ ସେ ଯୌନ ନିର୍ଯାତନାର ଶିକାର ହୋଇଥିଲେ। କେବଳ ସେତିକିରେ ତାଙ୍କର ଦୁଃଖ ସରିନଥିଲା। ତାଙ୍କ ସମ୍ପର୍କୀୟମାନେ ମଧ୍ୟ ତାଙ୍କର ଯୌନ ଶିକାର କରିଥିବା ସେ ଅଭିଯୋଗ ଆଣିଛନ୍ତି। ଏହି କ୍ରୁରତା ଗତ ୫ ବର୍ଷ ଧରି ଚାଲିଥିଲା। ୫ ବର୍ଷ ଭିତରେ ପ୍ରାୟ ୬୪ ଜଣ ତା'ର ଯୌନ ଶୋଷଣ କରିଚାଲିଲେ। ଆଉ ଆଜି ଏହି ବିଷୟ ଯନ୍ତ୍ରଣାରେ ପରିଣତ ହୋଇଛି ବୋଲି ସେ ତାଙ୍କର ଦୁଃଖ ବଖାଣିଛନ୍ତି। ଯାହାକୁ ଶୁଣି ଲୋକଙ୍କ ଲୋମ ଟାଙ୍କୁରି ଉଠିଛି। ଏଭଳି ଘଟଣା ଘଟିଛି କେରଳର ପଠନମଥିଟ୍ଟା ଜିଲ୍ଲାରେ। ନାବାଳିକାଙ୍କ ମୁହଁରୁ ଏକଥା ଶୁଣିବା ପରେ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)ର ଅଭିଯୋଗ ପରେ ପଠନମଥିଟ୍ଟା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ପୁଲିସ ଏଯାଏ ୧୦ରୁ ଅଧିକ ଲୋକଙ୍କୁ ଗିରଫ କରିଛି। ଝିଅଟିର ବିସ୍ତୃତ ବୟାନ ରେକର୍ଡ କରି ପୁଲିସ ଯାଞ୍ଚ ଜାରି ରଖିଛି। ପକ୍ସୋ ଆଇନ ଅନୁଯାୟୀ ଜିଲ୍ଲାର ବିଭିନ୍ନ ପୁଲିସ ଷ୍ଟେସନରେ ମାମଲା ରୁଜୁ ହୋଇଛି।

## ସହଦେବ ହତ୍ୟାକାଣ୍ଡ

# ରାଜନୈତିକ ଷଡ଼ଯନ୍ତ୍ର ଗନ୍ଧ !

## ସାମ୍ନାକୁ ଆସିଲା ଆଉ ଜଣେ ମହିଳା ଓ ତାଙ୍କ ପୁଅର ସମ୍ପୃକ୍ତି

**ଭୁବନେଶ୍ୱର, ୧୧।୧ (ସମିସ):** 'ପୁଲିସ ମିତ୍ର' ସହଦେବ ନାୟକଙ୍କ ହତ୍ୟା ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରି ନିଜ ଦାୟିତ୍ୱ ସାରି ଦେଇଛି। ମାତ୍ର ସହଦେବଙ୍କ ମୃତ୍ୟୁ ଦିନ ଯେତିକି ଗଡ଼ୁଛି, ହତ୍ୟାକାଣ୍ଡକୁ ନେଇ ସେତିକି ଭୟଙ୍କର ତଥ୍ୟ ସାମ୍ନାକୁ ଆସୁଛି । କେବଳ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ ନାୟକ ନୁହନ୍ତି; ବ୍ରାଉନସୁଗର କାରବାର ସହ ଜଡ଼ିତ ଅନ୍ୟଜଣେ କୁଖ୍ୟାତ ମହିଳା ଓ ତାଙ୍କ ପୁଅ ମଧ୍ୟ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନୁସନ୍ଧାନରୁ ସୂଚନା ମିଳିଛି। ଯେଉଁମାନେ ଗିରଫ ହୋଇଛନ୍ତି, ସେମାନେ ଏହି ଘଟଣାରେ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ, ମାତ୍ର ଏହି ଷଡ଼ଯନ୍ତ୍ର ପଛରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଛତ୍ରଛାୟାରେ ଚଳପ୍ରଚଳ ହେଉଥିବା ଫେରାର ଲେଡ଼ି଼ଡ଼ନ୍ ଓ ତାଙ୍କ ପୁଅର ପ୍ରମୁଖ ଭୂମିକା ରହିଥିବା କୁହାଯାଉଛି। ସହଦେବଙ୍କୁ ହତ୍ୟା ନିମନ୍ତେ ପ୍ରାୟ ୫ ମାସ ତଳେ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା ଓ ଗତ ୮ ତାରିଖରେ ତାହାକୁ କାର୍ଯ୍ୟକାରୀ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସହଦେବଙ୍କ ହତ୍ୟା ପଛରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କିଛି ନେତାଙ୍କ ସମ୍ପୃକ୍ତି ଥିବା ଏବଂ ସଫେଇ କର୍ମଚାରୀଙ୍କ ମଧ୍ୟରେ ପତିଆରା ଜାରି ରଖିବା ଓ ସଂଘକୁ ନେତୃତ୍ୱହୀନ କରିବାକୁ ସୁପରିକଳ୍ପିତ ଭାବେ ସହଦେବଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।

ସହଦେବଙ୍କ ହତ୍ୟା ଘଟଣା ପରେ ଫେରାର ହୋଇ ଯାଇଥିବା ଲେଡ଼ି ଡ଼ନ୍ ଓ ତାଙ୍କ ପୁଅ କେଦାରପଲ୍ଲୀ ବସ୍ତିରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତୃତ୍ୱ ନେବା ସହ ସାଙ୍ଗଠନିକ ପଦରେ ଅଛନ୍ତି। ସହଦେବଙ୍କ ସହ ସଫେଇ କର୍ମଚାରୀଙ୍କ ନେତୃତ୍ୱକୁ ନେଇ ସମ୍ପୃକ୍ତ ମହିଳାଙ୍କ ପୁଅଙ୍କର ଦୀର୍ଘଦିନ ହେଲା ଛକାପଞ୍ଝା ଲାଗି ରହିଥିଲା। ସଫେଇ କର୍ମଚାରୀମାନେ ସହଦେବଙ୍କ ନେତୃତ୍ୱକୁ ସ୍ୱୀକାର କରିବା ଘଟଣାକୁ ସଂପୃକ୍ତ ମହିଳାଙ୍କ ପୁଅ ସହ୍ୟ କରି ପାରି ନ ଥିଲେ ଓ ନିଜେ କିଛି ସଫେଇ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଢ଼ିଥିଲେ। ସହଦେବ ଓ ସମ୍ପୃକ୍ତ ଯୁବକଙ୍କ ମଧ୍ୟରେ ଏହାକୁ ନେଇ ଛକାପଞ୍ଝା ଚାଲିଥିଲା।

ତେଣୁ ସହଦେବଙ୍କୁ ରାସ୍ତାରୁ ହଟାଇ ନିଜେ ସଫେଇ କର୍ମଚାରୀଙ୍କ ନେତୃତ୍ୱ ନେବାକୁ ସେ ଯୋଜନା କରିଥିଲେ। ଉଭୟ ମା' ଓ ପୁଅ ହତ୍ୟାକାଣ୍ଡସ୍ଥଳକୁ ନ ଯାଇଥିଲେ ମଧ୍ୟ ହତ୍ୟା ଅଭିଯୁକ୍ତଙ୍କ ସହ ନିୟମିତ ସମ୍ପର୍କରେ ଥିଲେ ଏବଂ ସେମାନଙ୍କୁ ସହଦେବଙ୍କୁ ହତ୍ୟା ପାଇଁ ପ୍ରରୋଚିତ କରି ଚାଲିଥିଲେ।



### ସହଦେବଙ୍କୁ ଧମକ ଦେଇଥିବା ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ

### ସଫେଇ କର୍ମଚାରୀଙ୍କ ନେତୃତ୍ୱକୁ ନେଇ ଚାଲିଥିଲା ଛକାପଞ୍ଝା

### ହତ୍ୟାକାରୀଙ୍କୁ ସୁରକ୍ଷା ଓ ପ୍ରମାଣ ନଷ୍ଟ ଲାଗି ପୁଲିସର ଉଦ୍ୟମ

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସହଦେବଙ୍କ ହତ୍ୟା ଷଡ଼ଯନ୍ତ୍ରରେ ସାମିଲ ଥିବା ଏହି କୁଖ୍ୟାତ ମହିଳାଙ୍କ ପୁଅ ୧୦ ବର୍ଷ ତଳେ କ୍ୟାପିଟାଲ ଥାନା ଅଞ୍ଚଳରେ ରାକା ନାମକ ଜଣେ ଯୁବକଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ସେତେବେଳେ ସେମାନଙ୍କୁ ପୁଲିସ ଗିରଫ କରି ଜେଲ ପଠାଇଥିଲା। ମାତ୍ର ଜେଲରେ ମୁକୁଳି ନିଜର ପତିଆରା ଦେଖାଉଥିଲେ। ଏହାକୁ ସହଦେବ ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି ହୋଇଥିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଅନୁରୂପ ଭାବେ ଏହି ବୀଭତ୍ସ ହତ୍ୟାକାଣ୍ଡରେ ୯ ଜଣଙ୍କ ସମ୍ପୃକ୍ତି ରହିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ସୂଚନା ପାଇଛି। ଘଟଣାସ୍ଥଳକୁ ୪ଜଣ ଯାଇଥିବା ବେଳେ ଅବଶିଷ୍ଟ ପାଞ୍ଚ ୫ଜଣ ପ୍ରଚ୍ଛଦପଟରେ ରହି ସମଗ୍ର ଘଟଣା ଉପରେ ନଜର ରଖିଥିଲେ। ଫେରାର ଥିବା ସୁଶାନ୍ତଙ୍କ ସହ କେଦାରପଲ୍ଲୀର ଆତ୍ମଘୋଷିତ ଲେଡ଼ି ଡ଼ନ୍, ତାଙ୍କ ପୁଅ ଓ ଅନ୍ୟ ୨ଜଣଙ୍କୁ ଖୋଜା ଚାଲିଥିବା ପୁଲିସ ସୂଚନା ଦେଇଛି।

ଅନ୍ୟପକ୍ଷରେ ସହଦେବଙ୍କ ହତ୍ୟା ମାମଲାରେ ସାକ୍ଷ୍ୟ ଦେବାକୁ କେହି ଆଗ୍ରହ ପ୍ରକାଶ କରୁ ନ ଥିବା ସୂଚନା ମିଳିଛି। ଅଦୃଶ୍ୟ ଚାପ ଯୋଗୁଁ ଏଥିପାଇଁ ଅନେକ ଅରାଜି ହେଉଛନ୍ତି। ହତ୍ୟାକାଣ୍ଡସ୍ଥଳରୁ କୌଣସି ଘଟଣା ସମ୍ପର୍କରେ ଅନେକ ପ୍ରମାଣ ମିଳିଥାଏ। ମାତ୍ର ଏହି ପ୍ରମାଣକୁ ଏକାଠି କରିବାକୁ ପୁଲିସ ଆନ୍ତରିକତା ପ୍ରଦର୍ଶନ କରି ନ ଥିବା ଅଭିଯୋଗ ହୋଇଛି। ମୃତଦେହ ଉଠାଯିବାକ୍ଷଣି ସଙ୍ଗେସଙ୍ଗେ ସେଠାରେ ବାଲି ବିଛାଇ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରାଯାଇଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। କାହା ଇଙ୍ଗିତରେ ଏହା କରାଯାଇଥିଲା ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଯେଉଁ ସ୍କ୍ୱାଡ଼ ତାଙ୍କୁ ବ୍ରାଉନସୁଗର ମାମଲାରେ ଫସାଇବାକୁ ଉଦ୍ୟମ କରୁଥିବା ସହଦେବ ଅଭିଯୋଗ କରିଥିଲେ, ସେହି ସ୍କ୍ୱାଡ଼ ହିଁ ସହଦେବଙ୍କ ହତ୍ୟା ମାମଲାର ତଦନ୍ତ କରୁଥିବା ଆଲୋଚିତ ହେଉଛି। ତେଣୁ ତଦନ୍ତର ସ୍ୱଚ୍ଛତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ବିଏମ୍‌ସି ସଫେଇ ଚାକିରିରୁ ଛଟେଇ, କର୍ମଚାରୀ ସଂଘରୁ ବହିଷ୍କାର, ବ୍ରାଉନସୁଗର କାରବାରକୁ ବିରୋଧ କରିବାରୁ ସହଦେବଙ୍କୁ ହତ୍ୟା କରାଯାଇଥିବା କୁହାଯାଉଥିଲେ ହେଁ ଏହି ଘଟଣା ପଛରେ ରହିଥିବା ରାଜନୈତିକ ଷଡ଼ଯନ୍ତ୍ର ପ୍ରତି ପୁଲିସ ଆଖି ବୁଜି ଦେଇଛି।

ଲିପିକା ଜେଲ ଯିବା ଦିନଠାରୁ ହିଁ ସହଦେବ ହତ୍ୟା ଷଡ଼ଯନ୍ତ୍ର ଆରମ୍ଭ ହୋଇଛି। ଜେଲ୍‌ରେ ଏହାର ନକ୍ସା ଅଙ୍କା ଯାଇଛି । ଗତ ୫ ତାରିଖରେ ଲିପିକା ଜେଲରୁ ମୁକୁଳିଥିଲେ। ଲିପିକା ଓ ଲକ୍ଷ୍ମୀଧର ଜେଲରୁ ବାହାରିବା ଦିନ ସେମାନଙ୍କର ଚେହେରାର ଭାବ ଜେଲ୍ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସେହିପରି ହତ୍ୟା ଘଟଣା ସମୟର ଏକ ୧୩ ସେକେଣ୍ଡର ମୋବାଇଲ ଭିଡ଼ିଓ ପୁଲିସ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇ ପାରିଛି। ବାଇକରେ ବସିବା ଢ଼ଙ୍ଗ, ହାତ ଅଙ୍ଗୁଳିରେ ଲାଗିଥିବା ନେଲ ପଲିସରୁ ଲିପିକାର ସମ୍ପୃକ୍ତି ସମ୍ପର୍କରେ ପୁଲିସ ଜାଣି ପାରିଥିଲା। ଟ୍ରାକିଂ କରି ଲିପିକା ଓ ଅନ୍ୟମାନଙ୍କୁ ପୁଲିସ ଧରିବାକୁ ସକ୍ଷମ ହୋଇଥିଲା। ମାତ୍ର ହତ୍ୟା ପରେ ଏଯାଏ ଫେରାରଥିବା ଅନ୍ୟ ୪ଜଣଙ୍କ ମଧ୍ୟରୁ ସମ୍ପୃକ୍ତ ଲେଡ଼ି ଡ଼ନ୍, ତାଙ୍କ ପୁଅଙ୍କ ଧରା ପଡ଼ିବା ପରେ ସେମାନେ କେଉଁ ରାଜନେତାଙ୍କ ଇଙ୍ଗିତରେ କାମ କରୁଥିଲେ ତାହା ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

## ୩୮ କୋଟି ବ୍ୟୟରେ ନ୍ୟାୟିକ ଅଭିଲେଖାଗାର ଉଦ୍‌ଘାଟିତ

# ଅଧିକ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ: ମୁଖ୍ୟମନ୍ତ୍ରୀ



**କଟକ, ୧୧।୧(ସମିସ):** ରାଜ୍ୟ ସରକାର ନ୍ୟାୟିକ ଭିତ୍ତିଭୂମି ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ଆଗକୁ ମଧ୍ୟ ନ୍ୟାୟିକ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟ ସହଯୋଗରେ ଅଧିକ ସଂଖ୍ୟାରେ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶା ହାଇକୋର୍ଟ ପକ୍ଷରୁ ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭ୍‌ସ(ନ୍ୟାୟିକ ଅଭିଲେଖାଗାର)ର ନୂତନ କୋଠା ଉଦ୍‌ଘାଟନ କରିବା ସହ ଆୟୋଜିତ ଉତ୍ସବରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାର ଦଣ୍ଡ ହାର ବୃଦ୍ଧି ପାଇଁ ନ୍ୟାୟିକ ଭିତ୍ତିଭୂମିକୁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ୪ଟି ଜିଲ୍ଲାରେ ସ୍ୱତନ୍ତ୍ର ମହିଳା ଅଦାଲତ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ୧୪ଟି ଏଡିଜେ କୋର୍ଟ, ୫ଟି ଭିଜିଲାନ୍ସ ଅଦାଲତ, ୨ଟି ପରିବାର ଅଦାଲତ ଓ ୭ଟି ଗ୍ରାମ ନ୍ୟାୟାଳୟ ପାଇଁ ସରକାର ଅନୁମୋଦନ କରିସାରିଛନ୍ତି। ଐତିହ୍ୟ ବହନ କରୁଥିବା ଦସ୍ତାବିଜ୍‌ଗୁଡ଼ିକ ଆମର ନ୍ୟାୟିକ ବ୍ୟବସ୍ଥା ପାଇଁ ସମ୍ପଦ ଅଟେ। ଏପରିକି ଏହି ଅଭିଲେଖାଗାର ଜରିଆରେ ଗବେଷଣା କ୍ଷେତ୍ରରେ ମଧ୍ୟ ଏହାର ଉପଯୋଗ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିଲେ ଶିଳାନ୍ୟାସ

ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣସିଂହ ନିଜ ବକ୍ତବ୍ୟରେ କହିଥିଲେ, ଓଡ଼ିଶା ହାଇକୋର୍ଟ ଅନେକ ଅଭିନବ ଓ ନିଆରା ପଦକ୍ଷେପ ଗ୍ରହଣ କରି ଉଦାହରଣ ସୃଷ୍ଟି କରିଛି। ବିଶେଷକରି ଡିଜିଟାଇଜେସନ୍ କ୍ଷେତ୍ରରେ ସ୍ୱତନ୍ତ୍ର ବେଞ୍ଚମାର୍କ ହାସଲ କରିଛି ହାଇକୋର୍ଟ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ବୋଧନ ଦେଇ କହିଥିଲେ ଯେ ନ୍ୟାୟିକ ଅଭିଲେଖାଗାର ଗବେଷକ ତଥା ଆଗାମୀ ପିଢ଼ି ପାଇଁ ବେଶ୍ ଉପାଦେୟ ହୋଇପାରିବ।

ରେକର୍ଡରୁମ ଡିଜିଟାଇଜେସନ ସେଣ୍ଟରର ଅଧ୍ୟକ୍ଷ ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଉତ୍ସବରେ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଏହି ସେଣ୍ଟର୍ ଫର୍ ଜୁଡିସିଆଲ ଆର୍କାଇଭସ୍ ଗତ ୨୦୨୨ ମେ' ମାସରେ ସ୍ଥାପିତ ହୋଇଥିଲା। ଅଦ୍ୟାବଧି ଏଥିରେ ନଷ୍ଟ ହୋଇଆସୁଥିବା ୭୫ ହଜାର ନ୍ୟାୟିକ ଦସ୍ତାବିଜକୁ ସଂରକ୍ଷିତ କରାଯାଇଛି। ଶେଷରେ ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେବା ସହ ଏହି ପ୍ରକଳ୍ପ ପାଇଁ ଜଷ୍ଟିସ୍ ଏସ୍. ମୁରଲୀଧରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତିଙ୍କ ସମେତ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡିଏସଜିଆଇ ପ୍ରସନ୍ନ କୁମାର ପାଢ଼ୀ ଓ ହାଇକୋର୍ଟ ବାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ମୁରଲୀଧରଙ୍କ କାର୍ଯ୍ୟକାଳ ସମୟରେ ନ୍ୟାୟିକ ଅଭିଲେଖାଗାର ଯୋଜନାର ଅଙ୍କୁରାରୋପଣ ହୋଇଥିଲା। ଗଞ୍ଜାମ ଜିଲ୍ଲା ଅଦାଲତର ରେକର୍ଡରୁମରେ ରହିଥିବା ୧୮୧୪ ମସିହାର ଏକ ପୁରୁଣା ରେକର୍ଡ ଦେଖି ସେହି ସମୟରେ ନ୍ୟାୟିକ ଅଭିଲେଖାଗାର ସ୍ଥାପନ ପାଇଁ ସେ ମନସ୍ଥ କରିଥିଲେ। ଏପରିକି ସେଣ୍ଟର ଫର ଜୁଡିସିଆଲ ଆରକାଇଭ୍‌ସ ପାଇଁ ସ୍ୱତନ୍ତ୍ର କୋଠା ନିର୍ମାଣ ପାଇଁ ଜଷ୍ଟିସ ମୁରଲୀଧର ଦେଇଥିବା ପ୍ରସ୍ତାବକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ କରି ଏଥିପାଇଁ ଅର୍ଥ ମଞ୍ଜୁର କରିଥିଲେ। ଏଥିସହ ଗତ ୨୦୨୩ ଜାନୁଆରି ୨୮ ରେ ଏହାର ଶିଳାନ୍ୟାସ କରିଥିଲେ। ଏହା ପରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା।

## କାମ ଅନ୍ୱେଷଣରେ ଯାଇଥିଲେ

# ତାମିଲନାଡୁରେ ବଲାଙ୍ଗିରର ଦୁଇ ଯୁବକଙ୍କୁ ହତ୍ୟା!

**ବଲାଙ୍ଗିର,୧୧।୧(ସମିସ):** ରୋଜଗାର ଅନ୍ୱେଷଣରେ ତାମିଲନାଡୁ ଯାଇଥିବା ବଲାଙ୍ଗିରର ଦୁଇଜଣ ଯୁବକଙ୍କ ସେଠାରେ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ବଲାଙ୍ଗିର ଟାଉନ୍ ଅଞ୍ଚଳ ହାତୀଶାଳପଡ଼ାର ଉମେଶ ପାଣ୍ଡେ ଓ କୁନୁ ବନ୍‌ଛୋର୍। ସେଠାରେ ରେଳଧାରଣାରୁ ଦୁହିଁଙ୍କ ମୃତଦେହ ଉଦ୍ଧାର ହୋଇଛି। ଦୁହିଁଙ୍କ ଏହି ଅସ୍ୱାଭାବିକ ମୃତ୍ୟୁକୁ ପରିବାରଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ସେମାନଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପ ଦେବା ପାଇଁ ଚେଷ୍ଟା କରାଯାଇଛି ବୋଲି କହିଛନ୍ତି। ପରିବାର ପ୍ରତିପୋଷଣ ପାଇଁ ଘର ଛାଡ଼ିଥିବା ଦୁଇ ଭେଣ୍ଡିଆ ପୁଅଙ୍କୁ ହରାଇ ପରିବାରଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଶବ ଆଣିବାକୁ ପରିବାରଲୋକ ତାମିଲନାଡୁ ବାହାରିଛନ୍ତି। ସୂଚନାଯୋଗ୍ୟ, ନୂଆବର୍ଷ ଦିନ ଉମେଶ ଓ କୁନୁ ସାଥି ହୋଇ ତାମିଲନାଡୁର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। ପରିବାରଲୋକଙ୍କ କହିବା ଅନୁସାରେ, ସେମାନେ ଚେନ୍ନାଇରେ ପହଞ୍ଚି ସାରିଥିଲେ। କିନ୍ତୁ ପରେ ତାଙ୍କ ସହ ଆଉ ଯୋଗାଯୋଗ ହୋଇପାରିନଥିଲା। ତେବେ ଶନିବାର ଦିନ ତାମିଲନାଡୁ ପେରାମ୍ବୁର ନାମକ ଏକ ସ୍ଥାନରେ ରେଳଧାରଣା ଉପରୁ ଦୁହିଁଙ୍କ ମୃତଦେହ ଉଦ୍ଧାର ହୋଇଥିବା ସେମାନଙ୍କୁ କେହି ଫୋନ୍ ଯୋଗେ ଜଣାଇଥିଲା। ଏ ସଂପର୍କରେ ଜାଣିବା ପରେ ପୌରାଧ୍ୟକ୍ଷା ଲିକା ସାହୁ ହାତୀଶାଳପଡ଼ାରେ ପହଞ୍ଚି ମୃତକଦ୍ୱୟଙ୍କ ପରିବାରଲୋକଙ୍କୁ ସାକ୍ଷାତ କରିଥିଲେ। ସମବେଦନା ଜଣାଇବା ସହିତ ଶବ ଆଣିବାକୁ ଆର୍ଥିକ ସହାୟତା ଦେଇଥିଲେ।





# ସୁଭଦ୍ରା ପୋର୍ଟାଲରୁ ଭୁଲ୍‌ରେ ନାମ ବାଦ୍ ପଡ଼ିଥିଲେ ପୁନଃସାମିଲ ବ୍ୟବସ୍ଥା

**ଭୁବନେଶ୍ୱର,୧୧।୧(ସମିସ):** 'ସୁଭଦ୍ରା' ପୋର୍ଟାଲରେ ନାମ ଯୋଡ଼ିବା (ଅପ୍‌ଟ ଇନ୍) ସୁବିଧା ଉପଲବ୍ଧ କରାଯାଇଛି। ଏହି ସୁବିଧା ଉପଲବ୍ଧ ହେବା ପରେ ପ୍ରାୟ ୮ ହଜାରରୁ ଅଧିକ ଆବେଦନକାରୀ ସୁଭଦ୍ରାରେ ପୁନଃସାମିଲ ହୋଇସାରିଛନ୍ତି। ତେଣୁ ଯେଉଁମାନଙ୍କ ନାମ ଭୁଲ୍‌ରେ ବାଦ୍ (ଅପ୍‌ଟ ଆଉଟ୍) ହୋଇଯାଇଥିଲା, ସେମାନେ ଏହାର ସୁବିଧା ନେବାକୁ ମହିଳା ଏବଂ ଶିଶୁ ବିକାଶ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ଚତୁର୍ଥ ପର୍ଯ୍ୟାୟ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରଦାନ କରାଯିବ। ହେଲେ ଏବେ ବି ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଆବେଦନକାରୀ ସେମାନଙ୍କର ଇ-କେୱାଇସି କରିନାହାନ୍ତି ଅବା ଓଟିପି ମାଧ୍ୟମରେ ଇ-କେୱାଇସି କରିଛନ୍ତି। ଇ-କେୱାଇସି ଅପ୍‌ଡେଟ୍ ନ କଲେ, ଯୋଗ୍ୟବିବେଚିତ ହେଲେ ମଧ୍ୟ ସୁଭଦ୍ରା ଅର୍ଥରାଶି ପାଇବାରେ ଅସୁବିଧା ହେବ। ତେଣୁ ତୁରନ୍ତ ଇ-କେୱାଇସି ଅପ୍‌ଡେଟ୍ କରିନେବାକୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି।

# ମନ ବଦଳାଇଲା ଶୀତ, ଶୀଘ୍ର ଛାଡ଼ିବନି ଓଡ଼ିଶା

**ଭୁବନେଶ୍ୱର,୧୧।୧(ସମିସ):** ଚଳିତ ମାସ ପ୍ରଥମ ସପ୍ତାହ ପରେ ଶୀତ ଚାଲିଯିବ ବୋଲି ହେଉଥିବା ଆକଳନରେ ଲାଗିଛି ବିରାମ। ଏତେ ଶୀଘ୍ର ଶୀତ ଓଡ଼ିଶା ଛାଡ଼ିବ ନାହିଁ ବୋଲି ନିଷ୍ପତ୍ତି ନେଇଛି । ଆଗାମୀ ୩ ଦିନ ନରମ ମିଜାଜ ଦେଖାଇବା ପରେ ପୁଣି ୧୪ ତାରିଖରୁ ଶୀତର ପ୍ରକୋପ ବଢ଼ିବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। କେଇଦିନ ପୂର୍ବେ ପାଣିପାଗ ବିଜ୍ଞାନୀମାନେ ଶୀତର ସଅଳ ଲେଉଟାଣି ହେବ ବୋଲି ପୂର୍ବାନୁମାନ କରିଥିଲେ, ମାତ୍ର ସମସ୍ତଙ୍କୁ ଚକ୍‌ମା ଦେଇ ଶୀତ ଲୁଚକାଳି ଖେଳ ଖେଳୁଛି ଓ ଓଡ଼ିଶାରେ ଆଉ କିଛିଦିନ ରହିବ ବୋଲି ମନ ସ୍ଥିର କରିଥିବା ସୂଚନା ମିଳିଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆଗାମୀ ୩ ଦିନ ଯାଏଁ ଓଡ଼ିଶାର ଅନେକ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଯାହାଫଳରେ ରାଜ୍ୟବ୍ୟାପୀ ଶୀତର ପ୍ରକୋପ କମ୍ ଅନୁଭୂତ ହେବ। ୩ ଦିନ ପରେ ସର୍ବନିମ୍ନ ତାପମାତ୍ରର ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିବ। ବର୍ତ୍ତମାନ ରାତିବେଳା ଶୀତର ପ୍ରକୋପ ବେଶ୍ ଅନୁଭୂତ ହେଉଥିବା ବେଳେ ତାପମାତ୍ରାରେ ହ୍ରାସ ଦେଖାଦେଲେ ଏହା ସାଧାରଣ ଜନଜୀବନକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ଆସନ୍ତା ୧୨ ଓ ୧୩ ତାରିଖରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘନ କୁହୁଡ଼ି ଅନୁଭୂତ ହେବ। ୧୨ ତାରିଖରେ କୋରାପୁଟ, କନ୍ଧମାଳ, କଟକ, ଖୋର୍ଦ୍ଧା, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ ଓ ସୁନ୍ଦରଗଡରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୩ ତାରିଖରେ କୋରାପୁଟ, କନ୍ଧମାଳ, କଟକ, ଖୋର୍ଦ୍ଧା, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ ଓ ସୁନ୍ଦରଗଡରେ ମଧ୍ୟ ଘନ କୁହୁଡ଼ି ସମ୍ଭାବନା ରହିଛି।

## ■ ବ୍ଲକ୍ ଅଧ୍ୟକ୍ଷ ପଦ ପାଇଁ ପୁଲିସକୁ ଗୁଣ୍ଡା ସଜାଇଛି ଶାସକ ବିଜେପି

# ପରାଜୟରୁ ବର୍ତ୍ତିବା ପାଇଁ ଗଣତନ୍ତ୍ରକୁ ହତ୍ୟା କଲେ ସରକାର

ଭୁବନେଶ୍ୱର,୧୧ ।୧(ସମିସ): ଶାସକ ବିଜେପି ରାଜ୍ୟରେ ପୁଲିସକୁ ଅପରାଧ ଦମନ ନିମନ୍ତେ ନୁହେଁ, ନିଜ ଅପରାଧକୁ ସୁରକ୍ଷା ଦେବାକୁ ବ୍ୟବହାର କରୁଛି । ସରକାର ରାଜନୈତିକ ଫାଇଦା ପାଇଁ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। କିର୍ମିରା ଅନାସ୍ଥାରେ ପରାଜୟରୁ ବର୍ତ୍ତିବା ପାଇଁ ବିଜେପି ସରକାର ଓଡିଶା ଏବଂ ଛତିଶଗଡ଼ ପୁଲିସକୁ ହାତବାରିସୀ କରିଛି ବୋଲି ସାଂଘାତିକ ଅଭିଯୋଗ ଆଣିଛି ବିଜେଡି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଓ



ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର ଏହି ଘଟଣାକୁ ନେଇ ସରକାର ଓ ଶାସକ ଦଳକୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ଷଡ଼ଯନ୍ତ୍ର ଉପରୁ ପରଦା ହଟାଇବା ପାଇଁ ବିଜେଡି ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ସତ୍ୟାସତ୍ୟ ଉନ୍ମୋଚନ କରିବ ବୋଲି ଦୀପାଳି କହିଛନ୍ତି। ଏହା ସହ ବିପଦ ସମୟରେ ତାଙ୍କ ପରିବାର ସହ ଠିଆ ହୋଇଥିବାରୁ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଦୀପାଳି କୃତଜ୍ଞତା ଜଣାଇଛନ୍ତି ।

ଦୀପାଳି କହିଛନ୍ତି ଯେ କିର୍ମିରା ଅନାସ୍ଥା ଭୋଟରେ ଶୋଚନୀୟ ପରାଜୟ ପାଇବ ବୋଲି ଶାସକ ବିଜେପିର ନେତାମାନେ ଭଲ ଭାବେ ଜାଣିଥିଲେ। ତେଣୁ ନିଶ୍ଚିତ ପରାଜୟରୁ ବର୍ତ୍ତିବା ପାଇଁ ନିର୍ବାଚନ ନ କରାଇଦେବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏହି ଷଡ଼ଯନ୍ତ୍ରରେ ଓଡିଶା ଓ ଛତିଶଗଡ଼ ପୁଲିସକୁ ସାମିଲ କରାଗଲା, ପଞ୍ଚାୟତ ପ୍ରତିନିଧିଙ୍କୁ ପୁଲିସ ଦ୍ୱାରା ଜୋର ଜବରଦସ୍ତ ଅଟକ ରଖାଗଲା। ଫଳରେ ସେମାନେ ଅନାସ୍ଥା ଭୋଟରେ ପହଞ୍ଚିପାରି ନ ଥିଲେ। ଏପରିକି ନିର୍ବାଚିତ ପ୍ରତିନିଧିମାନେ ସ୍ୱଇଚ୍ଛାରେ ଆସିଛନ୍ତି ବୋଲି ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସେମାନଙ୍କୁ ପୁଲିସ ବଳପୂର୍ବକ ଅଟକ ରଖିଥିଲା। ସେପ୍ଟେମ୍ବର ୧୩ ତାରିଖରେ କିର୍ମିରା ପଞ୍ଚାୟତର ଦୁଇ ତୃତୀୟାଂଶ ପଞ୍ଚାୟତ ପ୍ରତିନିଧି ଅନାସ୍ଥା ପାଇଁ ନୋଟିସ ଦେଇଥିଲେ; କିନ୍ତୁ ଶାସକ ଦଳ ଚାପରେ ପ୍ରଶାସନ ଅନାସ୍ଥା ଭୋଟ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ

### ସତସାହସ ଥିଲେ ଦୁଇ ଦିନ ଭିତରେ ଅନାସ୍ଥା ଭୋଟ କରାନ୍ତୁ

କରୁଥିଲା। ନିର୍ବାଚନ ପାଇଁ ତାରିଖ ଦେବା ଲାଗି ସମୟ ଗଡାଇ ଚାଲିଲେ। ତେବେ ଉଚ୍ଚ ନ୍ୟାୟାଳୟ ଏହି ମାମଲାରେ ହସ୍ତକ୍ଷେପ କରି ଜାନୁଆରୀ ୧୦ ତାରିଖ ସୁଦ୍ଧା ନିର୍ବାଚନ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ଆସନ୍ନ ଜାଣି ଗୁଣ୍ଡାମାନଙ୍କ ଦ୍ୱାରା ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରାଯାଇଥିଲା। ବିଜେପିରେ ମିଶିଯାଅ ନଚେତ ପରିବାର ପ୍ରତି ଘୋର ବିପଦ ଆସିବ ବୋଲି ଧମକ ଦିଆଗଲା। ସମସ୍ତ ଉଦ୍ୟମରେ ବିଫଳ ହେବା ପରେ ପୁଲିସକୁ ଗୁଣ୍ଡା ଭୂମିକାରେ ନିୟୋଜିତ କରାଯାଇଥିଲା। ଲଇକେରା ଆଇଆଇସି ଆମ କଲ୍ୟାଣ ମଣ୍ଡପକୁ ବିନା ସର୍ଚ୍ଚ ୱାରେଣ୍ଟରେ କିଛି ଅସାମାଜିକ ବ୍ୟକ୍ତିଙ୍କ ସହ ଯାଇ ଯାଞ୍ଚ କରିଥିଲେ, ଯେଉଁଥିରୁ ସରକାରରେ ଥିବା ଦଳର ଅସହାୟତା ସ୍ପଷ୍ଟ ବାରି ହୋଇପଡୁଛି। ପରେ ଓଡିଶା ପୁଲିସର ଏକ ଟିମ୍ ଛତିଶଗଡ଼ ଯାଇ ସେମାନଙ୍କୁ ଜୋର ଜବରଦସ୍ତ ଅଟକ ରଖିଥିଲା, ପରେ ସେମାନଙ୍କୁ ଛତିଶଗଡ଼ ପୋଲିସକୁ ହସ୍ତାନ୍ତର କରିଥିଲା। ସେମାନଙ୍କୁ ଅଟକ ରଖାଯାଇଛି ବୋଲି ଜାଣିବା ପରେ ମୁଁ ମୋର ଭାଇ ବିଶାଳ ଦାସଙ୍କୁ ସେଠାକୁ ପଠାଇଥିଲି, କିନ୍ତୁ ପୋଲିସ ତାଙ୍କୁ ମଧ୍ୟ ଅଟକ ରଖିଥିଲା। ଚବିଶ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ସେମାନଙ୍କୁ ଅଟକ ରଖାଯାଇଥିଲା। ମହିଳା ଓ ପିଲାମାନଙ୍କୁ ଖାଇବା, ପାଣି ମଧ୍ୟ ପୁଲିସ ଦେଇ ନଥିଲା। ପୁଲିସ କହିଥିଲା ଉପରୁ ନିର୍ଦ୍ଦେଶ ଆସିଲେ ଛଡ଼ାଯିବ। ବିଜେପିର ସତସାହସ ଥିଲେ ଦୁଇ ଦିନ ଭିତରେ ନିର୍ବାଚନ କରନ୍ତୁ ବୋଲି ସୁଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି।

### ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଫାକ୍ଟ ଫାଇଣ୍ଡିଂ ଟିମ୍ ଗଠିତ

କିର୍ମିରା ବ୍ଲକ୍ ଅନାସ୍ଥା ପ୍ରସ୍ତାବ ଘଟଣାରେ ବିଶାଳ ଦାସ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ବଳପୂର୍ବକ ଅଟକ ରଖିବା ଓ ସମଗ୍ର ଘଟଣାର ତଦନ୍ତ ନିମନ୍ତେ ବିଜେଡି ସଭାପତି ତଥା ବିରୋଧୀଦଳ ନେତା ଦଳର ଏକ ଫାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି । ଦଳର ସାଂସଦ ସସ୍ମିତ ପାତ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସସ୍ମିତ୍ କହିଛନ୍ତି ଯେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଏହି ଟିମ୍ ଗଠନ ହୋଇଛି । ଅତିଶୀଘ୍ର ଏହି ଟିମ୍ ସେଠାକୁ ଯିବ ଓ ସମଗ୍ର ଘଟଣାର ତଥ୍ୟ ସଂଗ୍ରହ କରି ଦଳର ସଭାପତିଙ୍କ ନିକଟରେ ଉପସ୍ଥାପନ କରିବେ। ଓଡିଶାରେ ପୂର୍ବରୁ ଏପରି କେବେ ହେଉ ନଥିଲା। ହେଲେ ଓଡିଶାରେ ବିଜେପି କ୍ଷମତାକୁ ଆସିବା ପରଠାରୁ ଗଣତନ୍ତ୍ରର କଣ୍ଠରୋଧ କରାଯାଉଛି। ବିଜେଡି ଏହାର ଦୃଢ଼ ଜବାବ୍ ଦେବ ବୋଲି ଡ଼ ପାତ୍ର ଚେତାବନୀ ଦେଇଛନ୍ତି।

## ହଂସିତା ଓ ଅନୀଲଙ୍କ କେଲେଙ୍କାରୀ....

# ତଦନ୍ତରେ ପଶିଲା ଇଡି

## ୬୦ କୋଟି ଟଙ୍କା କାରବାର ସମ୍ପର୍କରେ ମିଳୁନି ତଥ୍ୟ

**ଭୁବନେଶ୍ୱର,୧୧ ।୧(ସମିସ):** ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁର ପରିଚୟ ଦେଇ ଗିରଫ ହୋଇଥିବା ହଂସିତା ଅଭିଲିପ୍‌ସା ଓ ଅନୀଲ ମହାନ୍ତିଙ୍କ କଳା ସାମ୍ରାଜ୍ୟର ଚିଠା ଲମ୍ବୁଛି। ତଦନ୍ତ ଯେତିକି ଗହୀରକୁ ଯାଉଛି, ସେମାନଙ୍କ ସମ୍ପତ୍ତିର ତାଲିକା ସେତିକି ଲମ୍ବୁଛି। ସମ୍ପତ୍ତି ପରିମାଣ ଦେଖି ଆର୍ଥିକ କାରବାର ଓ କଳାଧନର ଉତ୍ସ ଖୋଜିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ଅନୀଲ ଓ ହଂସିତାଙ୍କ ବିରୋଧରେ ହୋଇଥିବା ଏତଲା କପି, ସମସ୍ତ ତଥ୍ୟ ଓ କାଗଜପତ୍ର କମିସନରେଟ ପୁଲିସ ଓ ଆୟକର ବିଭାଗରୁ ଇଡ଼ି ସଂଗ୍ରହ କରିଛି। ଖୁବ୍‌ଶୀଘ୍ର ପିଏମ୍‌ଏଲ୍‌ଏ ଆକ୍ଟ ଜରିଆରେ କଳାଧନର ତଦନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କରିବ ବୋଲି ସୂଚନା ମିଳିଛି।

ଅନୁରୂପ ଭାବେ ଗତ ୭ ତାରିଖରୁ ଆୟକର ବିଭାଗର ଖୋଳତାଡ଼ ଶେଷ ହୋଇଛି। ହଂସିତା ଓ ତାଙ୍କର ବନ୍ଧୁ ଅନୀଲ ଗତ ୩ବର୍ଷରେ ୧୨୦ କୋଟି ଟଙ୍କାର କାରବାର କରିଛନ୍ତି। ସେଥିରୁ ୬୦ କୋଟି ଟଙ୍କାର କାରବାରରେ ଟିକସ ସମ୍ପର୍କରେ ଅନୀଲ ଓ ହଂସିତା ତଥ୍ୟ ଦେଇ ପାରୁନାହାନ୍ତି। ଦୁଇ ମହାଠକଙ୍କୁ ଟଙ୍କା କାରବାରର ହିସାବ ମାଗିଛି ଆୟକର ବିଭାଗ। ଏହି ବେନାମୀ ଟଙ୍କା କାରବାର ପଛରେ ବହୁ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେଣୁ ସେମାନଙ୍କ ଲାଗି ଅଡୁଆ ବଢ଼ିବା ସହ ଆୟକର ବିଭାଗର ସ୍କାନରକୁ ଆସିଛନ୍ତି। ବିଶେଷକରି ହଂସିତାଙ୍କ ଦ୍ୱିତୀୟ ସ୍ୱାମୀ ନିକଟରୁ ଅନେକ ସମ୍ପତ୍ତି ମିଳିଛି। ସୁନାଗହଣା, ହୀରା ଅଳଙ୍କାର, ନଗଦ ଟଙ୍କା ଓ ଅଚଳାଚଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ୪ଦିନ ଧରି ମିଳିଥିବା ବେନାମୀ ସମ୍ପତ୍ତିର ଆକଳନ କରୁଛି ବିଭାଗ। ଅନୁରୂପ ଭାବେ ଜବତ ଗାଡିଗୁଡ଼ିକୁ ବିକ୍ରି ରେଜିଷ୍ଟ୍ରେସନ ନ କରିବା ପାଇଁ ଆର୍‌ଟିଓ ଏବଂ ଆଇଜିଆର୍‌କୁ ଜଣାଇଛି ଆୟକର ବିଭାଗ।



ସେହିପରି ହଂସିତା ଓ ଅନୀଲଙ୍କ ପୋର୍ସେ, ଜାଗୁଆର୍ ଓ ମର୍ସିଡିଜ୍ ଭଳି ୩ଟି ଦାମୀ କାର୍ ଜବତ କମିସନରେଟ ପୁଲିସ। ହଂସିତା ଓ ଅନୀଲ କେମିତି ଠକେଇ କରୁଥିଲେ ତା'ର ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଛି; କିନ୍ତୁ କେମିତି ଠକେଇ କରୁଥିଲେ ତାହା ଜାଣି ପାରିଛି ତଦନ୍ତକାରୀ ଟିମ୍। ଗତ ଦୁଇବର୍ଷରେ ଅନୀଲ ଓ ହଂସିତା ଏତେ ଟଙ୍କାର ସମ୍ପତ୍ତି କେମିତି ଠୁଳ କଲେ, ସେ ଦିଗକୁ ନେଇ ତନାଘନା କରାଯାଉଛି। ତେଣୁ ପୁଣି ଥରେ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି ସ୍ୱତନ୍ତ୍ର ଅପରାଧ ଶାଖା।

ସବୁଠାରୁ ବଡ଼ କଥା ହେଲା, ଅନୀଲ ପାଖରେ ହଂସିତା ସତ ଲୁଚାଇଥିଲେ। ପ୍ରଥମ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିବା କହିଥିବା ବେଳେ ଦ୍ୱିତୀୟ ସ୍ୱାମୀଙ୍କ ପାଇଁ ମିଡ଼ିଆ ମ୍ୟାନେଜମେଣ୍ଟ କାମ କରୁଥିଲେ ବୋଲି କହିଥିଲେ। ଦ୍ୱିତୀୟ ବିବାହ କଥାକୁ ହଂସିତା ଲୁଚାଇଥିଲା ବେଳେ ଜେରା ବେଳେ ସତ ସାମ୍ନାକୁ ଆସିଛି। ଅନ୍ୟପଟେ ଅନୀଲ ଭାବୁଥିଲେ ତାଙ୍କର ଦୁଇଟି କମ୍ପାନୀ କେବଳ ସିଏସଆର୍ କାମ କରୁଛି; ହେଲେ ହଂସିତାଙ୍କ ୨ ସ୍ୱାମୀଙ୍କ ନାଁରେ ଥିବା କମ୍ପାନୀ ମଧ୍ୟ ଏକ ଷ୍ଟିଲ ପ୍ଲାଣ୍ଟରୁ ସିଏସଆର କାମ ହାସଲ କରୁଥିଲେ ବୋଲି ଜାଣିବାକୁ ପାଇଥିଲେ। ଏହି ସତ ଜାଣିବା ପରେ ଚକିତ ହୋଇଯାଇଥିଲେ ଅନୀଲ। ଅନୁରୂପ ଭାବେ ତାରିଣୀ ନଗରରେ ଥିବା ଆପାର୍ଟମେଣ୍ଟର ସମସ୍ତ ବାସିନ୍ଦାଙ୍କୁ ଅନୀଲ ତାଙ୍କ ଜନ୍ମ ଦିନରେ ପ୍ରତ୍ୟେକଙ୍କୁ ୩ହଜାର ଟଙ୍କାର ଗଣେଶ ମୂର୍ତ୍ତି ଉପହାର ଦେଇଥିଲେ ବୋଲି ତଦନ୍ତରୁ ପଦାକୁ ଆସିଛି। ଅନୁରୂପ ଭାବେ ହଂସିତା ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଫଟୋ ସହ ନିଜ ଫଟୋକୁ ମିଶାଇ ଏଡିଟ୍ କରିଥିଲା। ଉକ୍ତ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ଫଟୋ ପୁଲିସକୁ ମାଗିଥିବା ଜଣାପଡ଼ିଛି। ଏକ ନିମ୍ନମଧ୍ୟବିତ୍ତ ପରିବାରରୁ ଆସିଥିବା ହଂସିତା, କେଉଁଭଳି ଭାବରେ ଏତେ ସମ୍ପତ୍ତିର ମାଲିକ ହୋଇପାରିଲେ ତା'ର ଉତ୍ସ ଖୋଜୁଛନ୍ତି ତଦନ୍ତକାରୀ ସଂସ୍ଥା।



■ ୩ଟି ବିଳାସପୂର୍ଣ୍ଣ ଦାମୀ କାର୍ ଜବତ
■ ଆଇଟି ସ୍କାନରରେ ବହୁ ବଡ଼ବଡ଼ିଆ

# ପରିବେଶ ସୁରକ୍ଷାରେ ଦିଲ୍ଲୀପ ସାର୍‌ଙ୍କ ପ୍ରୟାସ

କଣାସ,୧୧।୧(ସମିସ):



ପରିବେଶ ସନ୍ତୁଳନ, ବିପର୍ଯ୍ୟସ୍ତ ଜୈବ ବିବିଧତା ସୁରକ୍ଷା ଦିଗରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଜନସାଧାରଣଙ୍କୁ ସଚେତନତା କରାଇବାରେ ଶିକ୍ଷକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ଉଦ୍ୟମ ଜାରି ରଖିଛନ୍ତି। ସାନଓରା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଥିବା କଣାସ ବ୍ଲକ ନୂଆଗାଁର ଶ୍ରୀଚନ୍ଦନ ଏଥିପାଇଁ ସଭା, ଶୋଭାଯାତ୍ରା, କ୍ଷୁଦ୍ରନାଟିକା, ପ୍ରଚାରପତ୍ର, କର୍ମଶାଳା, ବନ ମହୋତ୍ସବ, .ରାବଣ୍ଟନ ଆଦି ନାନା ଉପାୟରେ ସଚେତନ କରାଉଛନ୍ତି। ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ସହ ବୃକ୍ଷ ପୂଜା, ରାକ୍ଷୀପୂର୍ଣ୍ଣିମାରେ ଛାତ୍ରଛାତ୍ରୀ ଅତିଥିଙ୍କ ଦ୍ୱାରା ଗଛରେ ରାକ୍ଷୀ ବାନ୍ଧିବା, ବୃକ୍ଷ ବିବାହ, ଗଛ ଉପହାର ଜରିଆରେ ତାଙ୍କର ଅଭିନବ ପ୍ରୟାସ ଜାରି ରଖିଛନ୍ତି। ଶିକ୍ଷକତା କରୁଥିବା ବିଦ୍ୟାଳୟ ସହ ଆଖପାଖ ୧୫ଟି ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟ କରାଇଛନ୍ତି। ଗୁରୁଦେବ ଶ୍ରୀ ଅଭିରାମ ସରସ୍ୱତୀଙ୍କ ପ୍ରେରଣାରେ ୨୦୦୪ ମସିହାରୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା, ପକ୍ଷୀ ସୁରକ୍ଷାରେ ନିଜେ ଜଡିତ ହେବାସହ ଶତାଧିକ ଛାତ୍ରଛାତ୍ରୀ, ସାହିତ୍ୟିକ ଓ ଅଭିଭାବକଙ୍କୁ ସାମିଲ କରାଇଛନ୍ତି। ସେ ଜଣେ ଭଲ ପ୍ରବଚକ ଓ ଭାଷ୍ୟକାର ହୋଇଥିବାରୁ ବିଭିନ୍ନ ମଞ୍ଚରେ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ଦିଗରେ ଉତ୍ସାହିତ କରିଥାଆନ୍ତି। ସେ ରାଜ୍ୟପାଳନଙ୍କଠାରୁ ଗୁରୁବ୍ରହ୍ମା ସମ୍ମାନ ଓ ରାଜ୍ୟ ସରକାର ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ନିଜ ଅଞ୍ଚଳ ତଥା ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ଲୁପ୍ତ ପ୍ରତିଭା ଅନ୍ୱେଷଣ ସହ ୩ଶହରୁ ଉର୍ଦ୍ଧ୍ୱ ପ୍ରତିଭାଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଇପାରିଛନ୍ତି । ଛାତ୍ର ଓ ଯୁବ ସମାଜ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିଲେ ଅନେକ ସମସ୍ୟା ସମାଧାନ ହୋଇପାରିବ ବୋଲି ସେ କୁହନ୍ତି।

## ଏକାଦଶ ଚନ୍ଦ୍ରଭାଗା ପୋଏଟ୍ରି ଫେଷ୍ଟିଭାଲ ଉଦ୍‌ଘାଟିତ

# 'ଭାରତୀୟ କବିତାର ଧାରା' ଉପରେ ଦେଶବିଦେଶର ସାହିତ୍ୟିକଙ୍କ ଚର୍ଚ୍ଚା

କୋଣାର୍କ,୧୧।୧(ସମିସ): କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଇନିଷ୍ଟିଚ୍ୟୁଟ ଅଫ ନଲେଜ ସୋସାଇଟୀ ଓ ଇଣ୍ଡିଆନ ନଭେଲ କଲେକ୍ଟିଭ ପକ୍ଷରୁ ଶନିବାର ଏକାଦଶ ଚନ୍ଦ୍ରଭାଗା କବିତା ଉତ୍ସବ ଉଦଘାଟିତ ହୋଇଛି। ଏହି ଉତ୍ସବରେ ଅତିଥି ଭାବେ ବିଶିଷ୍ଟ

### ୧୨ଟି କବିତା ପୁସ୍ତକ ଲୋକାର୍ପିତ




ଚିତ୍ରକର ଯତୀନ ଦାଶ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ଅରୁଣ କମଲ, ପ୍ରଖ୍ୟାତ ତେଲୁଗୁ କବି ୟାକୁବ, ମାଲୟଲାମ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଇ ଭି ରାମକୃଷ୍ଣନ, ଉର୍ଦ୍ଦୁ କବି ଓ ଚିତ୍ରକର ଜୟନ୍ତ ପରମାର, ନେପାଳର ବିଶିଷ୍ଟ କବି ୟୁୟୁଥ ଶର୍ମା, ତେଲୁଗୁ ଆଦିବାସୀ ଯୁବ କବି ରମେଶ କାର୍ତ୍ତିକ ନାୟକ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଭିସି ସୁପ୍ରିୟା ପଟ୍ଟନାୟକ, ପଶ୍ଚିମବଙ୍ଗର ବିଶିଷ୍ଟ କବି ପ୍ରବାଳ ବସୁ, ତାମିଲ କବି ସଲମା, ବିଶିଷ୍ଟ ଇଂରାଜୀ କବି ଅଶ୍ୱୀନି କୁମାର ପ୍ରମୁଖ ଯୋଗ ଦେଇଥିଲେ। ଜର୍ମାନୀ, ଆମେରିକା, କାମେରୁନ ସମେତ ଭାରତର ବିଶିଷ୍ଟ କବି ଓ କବୟିତ୍ରୀମାନେ ଏହି ସାରସ୍ୱତ ଉତ୍ସବରେ ଯୋଗ ଦେଇଛନ୍ତି। ଇଂରାଜୀ, ଓଡ଼ିଆ କବିତା, ଭାରତୀୟ କବିତା, ଦଳିତ ଆଦିବାସୀ କବିତା, ପ୍ରେମ କବିତା, ସମସାମୟିକ, ମହିଳା କବିତା ଆଦି ସ୍ଥାନ ପାଇଛି। ପ୍ରଥମ ପର୍ଯ୍ୟାୟରେ କବିତା ପାଠ ଓ ଭାରତୀୟ କବିତାର ଧାରା, ମହିଳା କବିତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଓ ଇଂରାଜୀ କବିତା ପାଠ ହୋଇଥିଲା। ଏହି ଅବସରରେ ୧୨ଟି କବିତା ପୁସ୍ତକ ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଚନ୍ଦ୍ରଭାନୁ ପଟ୍ଟନାୟକ, ଅଶ୍ୱିନୀ କୁମାର, ସରୋଜ ମହାନ୍ତି, ସଞ୍ଜୋଗିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା




ଚାରିଛକ,୧୧।୧(ସମିସ): ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସଡକ ସୁରକ୍ଷା ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ମନସ୍ୱିନୀ ଲେଙ୍କାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଚାରିଛକ ବଜାର ପରିକ୍ରମା କରିଥିଲେ। ଗାଡି ଚାଳକମାନେ ଶୃଙ୍ଖଳିତ ଓ ସଂଯମତା ରକ୍ଷାକରି ଗାଡି ଚଳାଇଲେ ଅନେକ ଦୁର୍ଘଟଣା ଏଡାଇ ଦିଆଯାଇପାରିବ ବୋଲି ସଚେତନା କରାଇଥିଲେ। ଚାଳକମାନଙ୍କୁ ଗାଡି ଚଳାଇବା ସମୟରେ ଫୋନ ବ୍ୟବହାର ନ କରିବା, ହେଲମେଟ ପିନ୍ଧିବା, ସିଟ୍ ବେଲଟ ବାନ୍ଧିବା, ଟ୍ରାଫିକ ନିୟମ ମାନିବା, ନିଶାଦ୍ରବ୍ୟ ଖାଇ ଗାଡି ନ ଚଳାଇବା ଆଦି ସଚେତନତାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରଣତି ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ସସ୍ମିତା ପ୍ରଦାନ, ଶିକ୍ଷକ ବିଭୂ ପ୍ରସନ୍ନ ଦାସ, ମାନସ ରଂଜନ ନାୟକ ଓ ଶିବବ୍ରତ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

# ସମାଜସେବୀ ଶିବରାମଙ୍କ ସ୍ମୃତିଚାରଣ ସଭା

କଣାସ,୧୧।୧(ସମିସ):

କଣାସ ବ୍ଲକ ଆଳିବାଡ ପଞ୍ଚାୟତ କରମଳା ଗ୍ରାମରେ ଜନ୍ମିତ ସମାଜସେବୀ ଶିବରାମ ସାହୁଙ୍କ ସ୍ମୃତିଚାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଠାକୁର ଅଭିରାମ ପରମହଂସ ଆଶ୍ରମର ସାଧୁସନ୍ଥ, ବୁଦ୍ଧିଜୀବୀ ଯୋଗଦେଇ ଶ୍ରୀ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଥାଉକି ସ୍ୱର୍ଗତ ସାହୁ ଠାକୁର ଅଭିରାମ ପରମହଂସଙ୍କ ଆଶ୍ରମରେ ବର୍ଷସାରା ଯେତେ ଜାନିଯାତ୍ରା ହୁଏ ତାକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିବା ସହ ଆଖପାଖ ଗ୍ରାମମାନଙ୍କରେ ବିବାଦ ଲାଗିଲେ ନିଜେ ସମାଧାନ କରିଥାନ୍ତି ।

## ● ୭ମ ବାର୍ଷିକ 'ମୋ ଗାଁର ସୁନେଲି ସନ୍ଧ୍ୟା' ଅନୁଷ୍ଠିତ

# 'ସତ୍‌ସଙ୍ଗ ଦ୍ୱାରା ମାନବୀୟ ମୂଲ୍ୟବୋଧ ପରିପ୍ରକାଶ ହୁଏ'



ଡେଲାଙ୍ଗ,୧୧।୧(ସମିସ): ଡେଲାଙ୍ଗ ବ୍ଲକର ଗୁଆଳିପଡା ପଞ୍ଚାୟତ ଅଧିନ ଗୁଡୁପାଇଲୋଠାରେ ୭ମ ବାର୍ଷିକ 'ମୋ ଗାଁର ସୁନେଲି ସନ୍ଧ୍ୟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସୁଧିର କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ସନ୍ଥ ଚିନ୍ତାମଣି ଦାସ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ସତ୍‌ସଙ୍ଗ ମାନବ ସମାଜକୁ ଦିଗଦର୍ଶନ ଦେବା ସହିତ ସତ୍‌ସଙ୍ଗ ଦ୍ୱାରା ମାନବୀୟ ମୂଲ୍ୟବୋଧର ପରିପ୍ରକାଶ କରାଇଥାଏ ବୋଲି ମତପ୍ରକାଶ କରିଥିଲେ। ଏହି ସୁନେଲି ସନ୍ଧ୍ୟା ଓ ରାମଚରିତ ମାନସ ପାରାୟଣ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ରସାନନ୍ଦ ପରିଡା, ପ୍ରକୃତିମିତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ମିଟୁ କିଶୋର ପ୍ରଧାନ, ପୁଲିସ ଅଧିକାରୀ ସର୍ବେଶ୍ୱର ପ୍ରଧାନ, ହରିହର ଜେନା, ମହେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇ ଆମ ପରିବେଶର ସୁରକ୍ଷା ଓ ମହାନ ସଂସ୍କୃତିର ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନାଟ୍ୟକାର ତଥା ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ ଓ ଛାତ୍ର ସ୍ମୃତିକାନ୍ତ ପ୍ରଧାନ ସଭା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିବା ବେଳେ ସଂସ୍କୃତିପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆମ ପରିବେଶ ଓ ଆମ ଜୀବନ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରତିଯୋଗିତାର ୯ଜଣ କୃତି ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୩୦ଜଣ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ମହାପାତ୍ର, ଶିକ୍ଷକ ବଂଶୀଧର ମହାପାତ୍ର ଓ ଛାତ୍ରୀ ଦୀପା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ● -ରାସନ ସାମଗ୍ରୀ ହଡ଼ପ ଘଟଣା

# ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

### ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେଇ ଆଶଙ୍କା

ଗୋପ,୧୧।୧(ସମିସ):

ଗୋପ ବ୍ଲକ୍ ଅଧିନ ଗଣେଶ୍ୱରପୁର ପଞ୍ଚାୟତରେ ଜନୈକ ଡିଲର ଜଣେ ମହିଳାଙ୍କ ନାମରେ ଦୀର୍ଘ ୨ ବର୍ଷ ଧରି ରାସନ ସାମଗ୍ରୀ ହଡ଼ପ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଗତ ୭ ତାରିଖରେ ଜିଲ୍ଲା ଯୋଗାଣ ବିଭାଗର ଚାରିଜଣିଆ ଟିମ୍ ତଦନ୍ତ କରି ଉପ-ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ ମଧ ଅଦ୍ୟାବଧି ସମ୍ପୃକ୍ତ ଡ଼ିଲରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡ଼ିଛି। ଆଉ କେତେକ ବ୍ୟକ୍ତିଙ୍କ ନାମରେ ମଧ ରାସନ ସାମଗ୍ରୀ ହଡ଼ପ ହୋଇଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ଯୋଗାଣ ବିଭାଗ ହାଲକା ଭାବେ ନେଇଥିବା ବେଳେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନା ମୁତାବକ, ଗୋପ ବ୍ଲକ୍ ଅଧିନ ଗଣେଶ୍ୱରପୁର ପଞ୍ଚାୟତ ବିଶରପୁର ଗ୍ରାମର ଦିବାକର ବେହେରାଙ୍କ ଝିଅ ମମତା ବେହେରାଙ୍କ ନାମରେ ରାସନ କାଡର୍ ନମ୍ବର ୨୭୦୪୧୭୧୨୪୧୮ ରେ ରାସନ କାଡର୍ ରହିଥିଲା। ମାତ୍ର ମମତା ୨୦୨୧ ମସିହାରେ ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ଅଧିନ ଅରେଇସାହି ଗ୍ରାମରେ ବିବାହ ହୋଇଥିଲା। ମାତ୍ର ଡ଼ିଲର କୋଡର୍ ନମ୍ବର ୨୭୦୪ପି୦୭୪ରେ ତାଙ୍କ ନାମରେ ରାସନ ସାମଗ୍ରୀ ହଡ଼ପ କରୁଥିବା ଜଣାପଡ଼ିଛି। ମମତା ନୂତନ ରାସନ କାଡର୍ କରିବା ଲାଗି ଆବେଦନ କରିଥିବାବେଳେ ତାଙ୍କ ରାସନ ସାମଗ୍ରୀ ହଡ଼ପ କରାଯାଉଥିବା ନେଇ ଜାଣିବାକୁ ପାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସୂଚନା ଅଧିକାର ଆଇନ ବଳରେ ସେ ତଥ୍ୟ ମାଗିଥିଲେ ମଧ୍ୟ ତାଙ୍କୁ ତଥ୍ୟ ପ୍ରଦାନ କରାଯାଇ ନ ଥିଲା। ଦୀର୍ଘ ଦିନ ଧରି ରାସନ ସାମଗ୍ରୀରୁ ବଞ୍ଚିତ ଥିବା ଓ ତାଙ୍କର ଚାଉଳ ହଡ଼ପ କରାଯାଉଥିବା ନେଇ ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗତ ୭ ତାରିଖ ଦିନ ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ଚାରିଜଣିଆ ଟିମ୍ ତଦନ୍ତ କରି ମହିଳାଙ୍କ ଠାରୁ ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ସମ୍ପୃକ୍ତ ରିଟେଲର କେନ୍ଦ୍ରରେ ପହଞ୍ଚି ଡିଲରଙ୍କ ଓଜନ ମେସିନ୍ ସହ ଜରୁରୀ କାଗଜପତ୍ର ଜବତ କରିଛନ୍ତି। ମହିଳାଙ୍କ ଅଭିଯୋଗ ଆଧାରରେ ଅତିରିକ୍ତ ଯୋଗାଣ ଅଧିକାରୀ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ ମଧ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁଙ୍କୁ ପଚାରିବାରେ ସେ କୁହନ୍ତି, ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଅବକାରୀ ବିଭାଗର ଚଢ଼ଉ; ୪ ଗିରଫ

ନିମାପଡା,୧୧।୧(ସମିସ): ନିମାପଡା ଅବକାରୀ ବିଭାଗର ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ନିମାପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଅବକାରୀ ସାମଗ୍ରୀ ଜବତ କରିଛନ୍ତି। ଚଢ଼ଉରେ ଚାରିଛକ ବଜାରର ହିମାଂଶୁ ପଣ୍ଡାଙ୍କଠାରୁ ୪.୭କେଜି ଭାଙ୍ଗ, ତେରୁଣ୍ଡିଆ ଛକ ନିକଟରୁ ମୋଦର ବେହେରାଙ୍କଠାରୁ ୫.୪ ଲିଟର ବିଦେଶୀ ମଦ, ଆମ୍ପୋରୋ ନିକଟରୁ ପ୍ରତାପ କୁମାର ଦାସଙ୍କଠାରୁ ୭.୨୦୦ ଲିଟର ଦେଶୀ ମଦ ଓ ଚାରିଛକ ବଜାରରୁ ପ୍ରମୋଦ କୁମାର ମହାରଣାଙ୍କ ନିକଟରୁ ୫.୮୦୦ କେଜି ଭାଙ୍ଗ ଜବତ କରଛନ୍ତି। ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଜେଲ ପଠାଇ ଦିଆଯାଇଛି ।

# ନାବାଳିକାକୁ ଅସଦାଚରଣ କରି ଛେଚା ଖାଇଲେ ଯୁବକ

ନୟାହାଟ,୧୧।୧(ସମିସ): ଶନିବାର ରାତି ୯ଟାରେ ନୟାହାଟ କଲେଜ୍ ଛକ ନିକଟରେ ଜନୈକା ନାବାଳିକାକୁ ନିଶାଗ୍ରସ୍ତ ଅବସ୍ଥାରେ ଏକ ଯୁବକ ଅଶ୍ଳୀଳ ବ୍ୟବହାର କରି ଚପଲ ମାଡ଼ ଖାଇଛନ୍ତି। ପ୍ରକାଶ ଯେ କଲେଜ୍ ଛକ ନିକଟରେ ରାକେଶ ନାମଙ୍କ ଏକ ପାନ ଦୋକାନରୁ ଉକ୍ତ ନାବାଳିକା ସଉଦା ଆଣିବାକୁ ଆସି ସେଠି ଥିବା ଏକ ଚଉକିରେ ବସିଥିଲେ। ନୟାହାଟ ଫାଣ୍ଡି ଅଞ୍ଚଳ ଶିରେଇ ଗ୍ରାମର ଜଣେ ଯୁବକ ମଦ ପିଇ ସିଗାରେଟ୍ ଧୂଆଁ ନାବାଳିକା ମୁହଁକୁ ଛାଡ଼ିଥିଲେ। ନାବାଳିକା ଏହାର ପ୍ରତିବାଦ କରିବାରୁ ଯୁବକ ଜଣକ କହିଲେ ମୁଁ ଲାଇନ୍ ମାରିବାକୁ ଆସିଛି। ଏଥିରେ ଉତ୍ତ୍ୟକ୍ତ ହୋଇ ନାବାଳିକା ଜଣକ ଗୋଡ଼ରୁ ଚପଲ କାଢି ପିଟିବା ବେଳେ ପ୍ରତ୍ୟକ୍ଷଦର୍ଶୀ ଉକ୍ତ ଯୁବକକୁ ଟାଣିନେଇ ଉତ୍ତମ ମଧ୍ୟମ ଦେଇଥିଲେ। ଖବର ପାଇ ନୟାହାଟ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ।

# ମା' ବୁଢ଼ିଆଣୀ କ୍ରିକେଟ କପ୍; କିଙ୍ଗସ୍ ଇଲେଭେନ୍ ଆଳଙ୍ଗପୁର ଚାମ୍ପିଅନ

ଅସ୍ତରଙ୍ଗ,୧୧।୧(ସମିସ):



ଅସ୍ତରଙ୍ଗ ବ୍ଲକ ତାଳଦା ବିକାଶ ପରିଷଦ ଦ୍ୱାରା ଆୟୋଜିତ ମା' ବୁଢ଼ିଆଣୀ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଗାଦିବ୍ରହ୍ମ କ୍ରିକେଟ କ୍ଲବ କାଦୁଆପଡ଼ାକୁ ପରାସ୍ତ କରି କିଙ୍ଗସ୍ ଇଲେଭେନ୍ ଆଳଙ୍ଗପୁର ଚାମ୍ପିଅନ ହୋଇଛି। କାଦୁଆପଡ଼ା ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମ୍ୟାଚରେ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୮୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କିଙ୍ଗସ ଇଲେଭେନ ଆଳଙ୍ଗପୁର ୯ ଓଭରରେ ୫ ୱିକେଟ୍ ହରାଇ ଆବଶ୍ୟକ ୯୦ ରନ ସଂଗ୍ରହ କରି ବିଜୟୀ ହୋଇଛି। ଆଳଙ୍ଗପୁରର ବୈଦନାଥ ସାହୁ ମ୍ୟାନ ଅଫ ଦି ସିରିଜ, ସାଗର ଛାଟୋଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ୨୧ହଜାର ଟଙ୍କା ଓ ରନର୍ସଅପ ଦଳକୁ ୧୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଉପ ସଭାପତି ସ୍ୱାଧୀନ କୁମାର ନାୟକ, କ୍ଲବ ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡ଼ା, ସଭାପତି ଦିବାକର ସାହୁ, ସରପଞ୍ଚ ଦୀପକ ପରିଡା, ସମିତି ସଭ୍ୟ ଅମୀୟ ସେଠି, ସମିତି ସଭ୍ୟ ତରାସାହି ଯଯାତି ବିଶ୍ୱାଳ, ବିଜୟ ପଡିଆରୀ, ରାଜା ମହାନ୍ତି ଓ ଚମ୍ପକ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ସାଇନ୍‌ବୋର୍ଡରେ ଅସ୍ତରଙ୍ଗ ବସ୍‌ଷ୍ଟାଣ୍ଡ

# ଶୌଚାଳୟ ଅଭାବରୁ ମହିଳା ଯାତ୍ରୀ ଭୋଗୁଛନ୍ତି ଦୁର୍ଦ୍ଦଶା

ଅସ୍ତରଙ୍ଗ,୧୧।୧(ସମିସ):




ପୁରୀ ଜିଲ୍ଲାର ଅସ୍ତରଙ୍ଗ ଅଞ୍ଚଳକୁ ଯାତ୍ରୀ ଗମନାଗମନ ନିମନ୍ତେ ବିଶେଷ ସୁବିଧା ନାହିଁ। ଯାତାୟତର ପ୍ରମୁଖ ମାଧ୍ୟମ ହେଉଛି ବସ ସେବା। ପ୍ରତିଦିନ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଯାତ୍ରୀ, ରୋଗୀ ବିଭିନ୍ନ ଅଞ୍ଚଳକୁ ଯାଇଥାନ୍ତି। ବିଶେଷ କରି ଅସ୍ତରଙ୍ଗ ଅଞ୍ଚଳରେ ଉନ୍ନତ ଧରଣର ଚିକିତ୍ସା ସୁବିଧା ନ ଥିବାରୁ ଅଞ୍ଚଳର ପ୍ରାୟ ୯୦ ଭାଗ ରୋଗୀ ପୁରୀ, ଭୁବନେଶ୍ୱର, କଟକ ଯାଇଥାନ୍ତି। ଅନ୍ୟ ପକ୍ଷରେ ଜିଲ୍ଲାର ଅନନ୍ୟ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଅସ୍ତରଙ୍ଗର ପୀର ଜାହାନିଆ ପୀଠ, ଗଙ୍ଗାଦେବୀ ମୁହାଣ, କେଳୁଣୀ ମୁହାଁଣ, ନୂଆଗଡ଼ ମାଛଧରା ବନ୍ଦର ଓ ପ୍ରସିଦ୍ଧ ଦେବୀଙ୍କ ପୀଠ ମାଉକୁଳେଇ ପ୍ରଭୃତି ରହିଛି। ସେ ଦୃଷ୍ଟିରୁ ଏଠାକୁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ପ୍ରତିଦିନ ଆସିଥାନ୍ତି। ଏହା ବ୍ୟତୀତ କୋର୍ଟ ସମେତ ଅନ୍ୟ ସବୁ ମୁଖ୍ୟ କାର୍ଯ୍ୟାଳୟ ଅସ୍ତରଙ୍ଗ ବାହାରେ ଥିବାରୁ ପ୍ରତ୍ୟହ ଜନସାଧାରଣଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ବିଭିନ୍ନ କାମରେ ଅସ୍ତରଙ୍ଗ ବାହାରକୁ ଯାଇଥାନ୍ତି। କିନ୍ତୁ ବିଡମ୍ବନାର ବିଷୟ କଟକ, ଭୁବନେଶ୍ୱର, ପୁରୀ, ପାରାଦୀପ, ରାଉରକେଲାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ପରିମିଟ ମିଳିଥିବା ବସ ଗୁଡ଼ିକ ଅସ୍ତରଙ୍ଗକୁ ନ ଆସି କାକଟପୁରରେ ଅଟକୁଛନ୍ତି। ମୁଖ୍ୟ କଥା ହେଉଛି ଏଠାରେ ବସଷ୍ଟାଣ୍ଡ ନ ଥିବା ବେଳେ ବଜାର ଅଞ୍ଚଳରେ ଏକ ସାଇନ ବୋଡର୍‌ରେ ଅସ୍ତରଙ୍ଗ ବସଷ୍ଟାଣ୍ଡ ରହିଛି। ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଲୋକମାନେ ଘଣ୍ଟା ଘଣ୍ଟା ଧରି ରାସ୍ତା କଡ ଦୋକାନ ପିଣ୍ଡାରେ ଅପେକ୍ଷା କରିଥାଆନ୍ତି। ବର୍ଷାଦିନେ ଯାତ୍ରୀଙ୍କ ଦୁର୍ଦ୍ଦଶା ବଢ଼ିଥାଏ। ଶୌଚାଳୟ ନ ଥିବାରୁ ମହିଳା ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗିଥାନ୍ତି। ଅନ୍ୟପକ୍ଷରେ ଅସ୍ତରଙ୍ଗକୁ ବସ ନ ଆସିବା ନେଇ କର୍ମଚାରୀମାନେ କୁହନ୍ତି ଯେ ବସଷ୍ଟାଣ୍ଡ ନ ଥିବାରୁ ଗାଡି ରଖିବା ପାଇଁ ଜାଗା ମିଳୁନି। ଅନ୍ୟପକ୍ଷରେ ଗାଡି କର୍ମଚାରୀମାନେ ନିତ୍ୟକର୍ମ ପାଇଁ କୌଣସି ସୁବିଧା ନାହିଁ। ଏପରିକି ରାତିରେ ଖାଇବା ପାଇଁ ମଧ ହୋଟେଲ ସୁବିଧା ନାହିଁ। ଯେଉଁ କେତୋଟି ଗାଡି ଏ ଅଞ୍ଚଳକୁ ଆସୁଛି ସେମାନେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସ ଏ ଦିଗରେ ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏହାର କୌଣସି ସୁଫଳ ମିଳିନି। ଜଣେ ଯାତ୍ରୀ ସଞ୍ଜୟ ପ୍ରଧାନ କୁହନ୍ତି, ଏଠି ବସକୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଥିବା ବେଳେ ଯାତ୍ରୀ ବିଶ୍ରାମାଗାର ନାହିଁ। ଅନ୍ତତଃ ପିଇବା ପାଣିର ସୁବିଧା କରିବା ସହ ଶୌଚାଳୟ ନ ଥିବାରୁ ମହିଳାମାନେ ବହୁ ସମସ୍ୟା ଭୋଗୁଛନ୍ତି।



# ଶ୍ରୀକ୍ଷେତ୍ର ସିଟି

୧୧/୧/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୦୫,୪୭୪/- ସୁନା: ୦୩.୦୩୦ ଗ୍ରାମ୍ ରୁପା: ୧୧୨.୫୦୦ ଗ୍ରାମ୍



# ପୁରୀରେ ବାଗେଶ୍ୱର ବାବା



ପୁରୀ,୧୧।୧(ସମିସ)

ପୁରୀରେ ବାଗେଶ୍ୱର ଧାମ ବାବା ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ପାଞ୍ଚଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ

## ଭକ୍ତଙ୍କ ନାହିଁ ନ ଥିବା ଭିଡ଼

ଯୋଗଦେବା ଲାଗି ଶୁକ୍ରବାର ସନ୍ଧ୍ୟାରେ ପୁରୀରେ ପହଞ୍ଚିଛନ୍ତି। ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ଶନିବାରଠାରୁ ଆରମ୍ଭ ହୋଇଛି ଶ୍ରୀ ଭକ୍ତମାଳା କଥା କାର୍ଯ୍ୟକ୍ରମ। ଏହା ୫ ଦିନ ଧରି ଅର୍ଥାତ୍ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବାବା ବାଗେଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ପ୍ରବଚନ ଦେବେ। ଏହାବ୍ୟତୀତ ୧୩ ତାରିଖରେ ତାଙ୍କର ଦିବ୍ୟ ଦରବାର ମଧ୍ୟ ଚାଲିବ। ଏହି ଭକ୍ତମାଳା କଥା କାର୍ଯ୍ୟକ୍ରମରେ ଯୋଗଦାନ ଦେବା ଲାଗି ପୂର୍ବରୁ ୨୦୦ ପରିବାର ପଞ୍ଜୀକୃତ କରିଥିଲେ। ସେହିମାନଙ୍କୁ ହିଁ ଏଥିରେ ସୁଯୋଗ ମିଳିଥିବା ବେଳେ ଶନିବାର ହଜାର ହଜାର ସଂଖ୍ୟାରେ ବାବାଙ୍କ ଅନୁଗାମୀ ହୋଟେଲ ସମ୍ମୁଖରେ ପହଞ୍ଚିଥିଲେ। ଫଳରେ ଭିଡ଼ ନିୟନ୍ତ୍ରଣ କରିବା ଲାଗି ପୁଲିସକୁ ନାକେଦମ୍ ହେବାକୁ ପଡିଥିଲା। ସମ୍ପୃକ୍ତ ହୋଟେଲକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବାବାଙ୍କ ସୁରକ୍ଷାକର୍ମୀ ରଖିଛନ୍ତି। ଅନ୍ୟପକ୍ଷରେ ବାବା ବାଗେଶ୍ୱରଙ୍କ ଶିଷ୍ୟଶିଷ୍ୟାଙ୍କ ତରଫରୁ ସକାଳେ ବୀରହରେକୃଷ୍ଣପୁର ଛକଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଏକତା ପଦଯାତ୍ରା କରାଯାଇଥିଲା। ଏଥିରେ ସଂକୀର୍ତ୍ତନମଣ୍ଡଳୀ, ବ୍ୟାଣ୍ଡପାର୍ଟି ସାମିଲ ଥିଲେ।

■ ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟର ପ୍ରତିଭା ପ୍ରୋତ୍ସାହନ ଉତ୍ସବ

# ମଧୁସ୍ମିତା 'ବିଶ୍ୱମ୍ଭର ଶ୍ରୀ', ବିଷ୍ଣୁ 'ଛାତ୍ର ରତ୍ନ' ଓ ସ୍ନେହାଙ୍କୁ 'କନ୍ୟାରତ୍ନ'



ପୁରୀ,୧୧।୧(ସମିସ)

ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟର ୨୪ତମ ପୁରସ୍କାର ବିତରଣ ତଥା ପ୍ରତିଭା ପ୍ରୋତ୍ସାହନ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଶୁଭେଚ୍ଛୁ ତଥା ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରଦତ୍ତ ୩୮ ଲକ୍ଷ ୫୦ହଜାର ଟଙ୍କା ମୂଳ ଜମା ରାଶିରୁ ମିଳିଥିବା ସୁଧ ୨ ଲକ୍ଷ ଟଙ୍କାକୁ ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ନଗଦ ଅର୍ଥ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିରେ ଟ୍ରଷ୍ଟର ସଭାପତି ତଥା ପ୍ରତିଷ୍ଠାତା ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବିଜୟ ଚନ୍ଦ୍ର ତ୍ରିପାଠୀ, ଇଞ୍ଜିନିୟର ଇନ୍ ଚିଫ୍ ଡ. ଅମରଜିତ୍ ମହାନ୍ତି, ଜେନେରାଲ ମ୍ୟାନେଜର ନାଲ୍କୋ ହସ୍ପିଟାଲ ଡ. ହୃଦାନନ୍ଦ ଜେନା, ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ପ୍ରମୁଖ ଯୋଗଦେଇ ସମ୍ମିଳିତ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ତଥା ଆଶୀର୍ବଚନ ପ୍ରଦାନ କରିଥିଲେ।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଟ୍ରଷ୍ଟର ସମ୍ପାଦକ ଶୁଭଶ୍ରୀ ଦାଶ ଟ୍ରଷ୍ଟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀ ମଧୁସ୍ମିତା ସାହୁ (ନବମ)ଙ୍କୁ 'ବିଶ୍ୱମ୍ଭର ଶ୍ରୀ', ଛାତ୍ର ବିଷ୍ଣୁ ଦାଶ (ଦଶମ)ଙ୍କୁ 'ଛାତ୍ର ରତ୍ନ', ଛାତ୍ରୀ ସ୍ନେହା ସାହୁ (ନବମ)ଙ୍କୁ କନ୍ୟା ରତ୍ନ, ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ (ସପ୍ତମ)ଙ୍କୁ 'ସୁକନ୍ୟା' ଓ ଛାତ୍ରୀ ଆରାଧନା ସାହୁ(ଦଶମ)ଙ୍କୁ 'ବିଜ୍ଞାନ ଶ୍ରୀ' ଉପାଧିରେ ପୁରସ୍କୃତ କରାଯାଇଥିଲା। ଏଥିରେ ଟ୍ରଷ୍ଟ ର ସଭ୍ୟ ସର୍ବଶ୍ରୀ ବସନ୍ତ ମିଶ୍ର , ଧ୍ରୁବ ଚରଣ କର, ଗିରୀଶ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ବଳିୟାର ସିଂ, ଚନ୍ଦ୍ରଶେଖର ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ବିଭୁଦାନନ୍ଦ ମହାନ୍ତି, ରମାବଲ୍ଲଭ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ରାୟଗୁରୁ, ସ୍ମିତା ବାନାର୍ଜୀ, ରଶ୍ମିରଞ୍ଜନ ମହାନ୍ତି, ଶୁଭେନ୍ଦୁ ଦାଶ, ଅଶୋକ ଦାସ, ସୁଜିତ୍ ଦାସ ଓ ପଣ୍ଡିତ ସତ୍ୟନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଟ୍ରଷ୍ଟର ସଭ୍ୟ ଦିବାକର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ସଞ୍ଜୟ

ପୁରୀ,୧୧।୧(ସମିସ)

**ଆଶ୍ୱାସନା ଦେଲେ, ସହାୟତା ପ୍ରଦାନ କଲେ**

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ପୁରୀ ସଦର ବ୍ଲକ କହ୍ନେଇ ବିଦ୍ୟାଧରପୁର ପଞ୍ଚାୟତ ସୁଜନପୁର ଗ୍ରାମରେ ସର୍ଟସର୍କିଟ ଯୋଗୁ ଶୁକ୍ରବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୫ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିସହିତ ୩୦ଟି ଛେଳି ଜିଅନ୍ତା ଦଗ୍ଧ ହୋଇଯାଇଛନ୍ତି। ଏହି ଦୁଃଖଦ ସମୟରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ସୁଜନପୁର ଗ୍ରାମର ଅଗ୍ନି ବିପନ୍ନ ପରିବାର କୁମର ସେଠୀ, ଭ୍ରମର ସେଠୀ, ଜୁଗଳ ସେଠୀ, ସୁବଳ ସେଠୀ, ତ୍ରିନାଥ ସେଠୀ, ସୁଦାମ ସେଠୀ, ପ୍ରଭାତ ସେଠୀ, ମାଧେଇ ସେଠୀ, ଚରଣ ସେଠୀ, ନାରାୟଣ ସେଠୀ, କୈଳାସ ସେଠୀ, ଫୁଲ ସେଠୀ, ରବିନ୍ଦ୍ର ନାୟକ, ଛବି ନାୟକ ଓ ସନ୍ତୋଷ ନାୟକଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଏଥିସହିତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଚୁଡ଼ା, ବିସ୍କୁଟ, ଚାଉଳ, ଡାଲି, ପାଲ ସହିତ ଶୁଖିଲା ଖାଦ୍ୟ ଓ ଆର୍ôଥକ ସହାୟତା ଯୋଗାଇବା ସହିତ ସମସ୍ତ ପ୍ରକାର ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଉପାଧ୍ୟକ୍ଷଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ଭାଇଲପୁର ସମିତି ସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ସରପଞ୍ଚ କଳାଶ୍ରୀ ବିଶ୍ୱାଳ, ସମିତି ସଭ୍ୟା ସଙ୍ଗୀତା ମିଶ୍ର ଓ ସଦର ବ୍ଲକ ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ କବି ହେମାଙ୍ଗିନୀଙ୍କ ପରଲୋକ



ପୁରୀ,୧୧।୧(ସମିସ): ଯୁବ କବି, ସୁ ସଂଯୋଜିକା, ସମ୍ବାଦ ପାଠିକା ସୁଶ୍ରୀ ହେମାଙ୍ଗିନୀ ମହାନ୍ତିଙ୍କର ଶୁକବ୍ରାର ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ତାଙ୍କର କବିତା ଏବଂ ଅନେକ ଗବେଷଣା ଧର୍ମୀ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ତାଙ୍କ ମୃତ୍ୟୁରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଶରୀର ଅସୁସ୍ଥତା କାରଣରୁ ତାଙ୍କୁ ପୁରୀ ମେଡିକାଲରୁ ଉତ୍ତମ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ପୁରୀ ଦଇତାପଡ଼ା ସାହିସ୍ଥିତ ବାସ ଭବନକୁ ଅଣାଯାଇ ସ୍ୱର୍ଗଦ୍ୱାର ନିଆଯାଇଥିଲା। ସାନଭାଇ ଗିରିଶ ପ୍ରସାଦ ମହାନ୍ତି ମୁଖାଗ୍ନି ଦେଇଥିଲେ। ପିତା ଭାଗିରଥି ମହାନ୍ତି ଏବଂ ପରିବାର, ବନ୍ଧୁ ପରିଜନ, ଶୁଭେଚ୍ଛୁ ଶେଷ ସମୟରେ ଉପସ୍ଥିତ ଥିଲେ। ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ, ସ୍ତମ୍ଭକାର ବଦ୍ରି ମିଶ୍ର, ଅଭିନନ୍ଦନିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ବରିଷ୍ଠ ଗବେଷକ ଡ. ଭାସ୍କର ମିଶ୍ର, କବି ଅଜୟ ପ୍ରଧାନ, ସର୍ବାଣି ଦାସ, ଶ୍ରୀପର୍ଣ୍ଣା ସଂପାଦକ ଉମାକାନ୍ତ ମହାପାତ୍ର, ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର, ପ୍ରତିମା ମିଶ୍ର, ଶିଶୁ ସାହିତ୍ୟିକ ସତ୍ୟ ନାରାୟଣ ମିଶ୍ର, ଲକ୍ଷ୍ମୀକାନ୍ତ ଦଳେଇ, କବି ପବିତ୍ର ମୋହନ ଦାସ, ଚିନ୍ମୟ ବିବେକ, ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ସମେତ ବହୁ ସାହିତ୍ୟିକ, କବି ଯୋଗଦେଇ ଯୋଗଦେଇ ଶୋକବ୍ୟକ୍ତ କରିଛନ୍ତି।







ପୁରୀରେ ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ୍ ଧମାଲ ମେଗା ଲକି ଡ୍ର: ୩୫ ଜଣ ହେଲେ ଲକ୍ଷପତି ଭାଗ୍ୟଶାଳୀ ବିଜେତା




# ରେବଣା ନୂଆଗାଁ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ପୁରୀ,୧୧।୧(ସମିସ)

ବ୍ରହ୍ମଗିରି ବ୍ଲକର ରେବଣାନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନର କୁଳପତି ଡ. ହରିହର କାନୁନଗୋ ଉଦ୍‌ଘାଟନ କରିଥିଲେ । ଏହି ବିଦ୍ୟାଳୟଟି ୧୯୭୪ ମସିହାରେ ସ୍ଥାପିତ ହୋଇଥିଲା। ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବିଦ୍ୟାଳୟ ଆରମ୍ଭରୁ ପାଠ ପଢିଥିବା ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ। ସେଥିପାଇଁ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଙ୍ଗଠନ ସଭାପତି ମୂରଲୀଧର ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ରେବଣା ନୂଆଗାଁର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ନାହିଁ ଶ୍ରୀମନ୍ଦିର ଷ୍ଟଲ୍




ପୁରୀ,୧୧।୧(ସମିସ)

ଚଳିତବର୍ଷ ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ବହି ବିକ୍ରି ଏତେଟା ଉତ୍ସାହପ୍ରଦ ନାହିଁ। ଏଥର ମଧ୍ୟ ଅନେକ ପରିଚିତ ଷ୍ଟଲ ଆସିନାହାନ୍ତି। ଯେପରି କି ଗ୍ରନ୍ଥ ମନ୍ଦିର, କଟକ ଷ୍ଟୁଡେଣ୍ଟ ଷ୍ଟୋର, ବୁକ୍ସ ଆଣ୍ଡ ବୁକ୍ସ, ସାରଳା ବୁକ୍ ଷ୍ଟୋର, ପ୍ରାଚୀ ସାହିତ୍ୟ ଭଳି କଟକ-ଭୁବନେଶ୍ୱରର ପାଖାପାଖି ୧୬ଟି ଷ୍ଟଲ୍ ଆସି ନ ଥିବା ଯୋଗୁ ଅନେକ ପାଠକ ଫେରୁଛନ୍ତି। କେବଳ ଏତିକି ନୁହେଁ ଅନେକ ଭଗବତ ପ୍ରେମୀ, ବୟସ୍କ ପୁରୁଷ ଓ ମହିଳା ଗୀତାପ୍ରେସ ଓ ଧର୍ମଗ୍ରନ୍ଥ ଷ୍ଟୋର ଷ୍ଟଲ ନ ପାଇ ନିରାଶ ହେଉଛନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ନାହିଁ ଶ୍ରୀମନ୍ଦିରର ଷ୍ଟଲ। ଏହା ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି, ଗତ ଡିସେମ୍ବରରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଆୟୋଜିତ ପୁସ୍ତକ ମେଳାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ସୁନ୍ଦର ଷ୍ଟଲ କରାଯାଇଥିଲା। ସେହି ଷ୍ଟଲରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀମନ୍ଦିର ଉପରେ ଆଧାରିତ ବିଭିନ୍ନ ପ୍ରକାର ଉପାଦେୟ ପୁସ୍ତକ ପ୍ରଦର୍ଶନୀ ଏବଂ ବିକ୍ରିବଟା ମଧ୍ୟ ହୋଇଥିଲା। ହେଲେ ଖୋଦ୍ ପୁରୀରେ ଆଉ ଶ୍ରୀମନ୍ଦିର ପ୍ରଶାସନ ଅଧୀନ ଶରଧାବାଲିରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ହେଉଥିବା ବେଳେ ସେଠାରେ ଶ୍ରୀଜଗନ୍ନାଥ ମନ୍ଦିର ଷ୍ଟଲ୍ ନ କରିବା ଏକ ଆଲୋଚ୍ୟ ବିଷୟ ହୋଇଛି। ପ୍ରତିଦିନ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଭକ୍ତ, ପର୍ଯ୍ୟଟକ ବହୁ ସଂଖ୍ୟାରେ ପୁରୀ ଆସୁଛନ୍ତି। ଯଦି ଶ୍ରୀମନ୍ଦିର ଷ୍ଟଲ କରିଥାନ୍ତା ସେଠାରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଅନେକ ପୁସ୍ତକ ଓ ଫଟୋ ବିକ୍ରିବଟା ହୋଇପାରିଥାନ୍ତା। ଏହାଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ହୋଇଥାନ୍ତା। ତେବେ ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ବର୍ଷକୁ ଶ୍ରୀମନ୍ଦିର ବଜେଟରେ ୫୦ଲକ୍ଷ ଟଙ୍କା ଦେଉଥିବାବେଳେ ଓ ଏହା ବ୍ୟୟ ହୋଇପାରୁ ନ ଥିବା ବେଳେ ମନ୍ଦିର କାହିଁକି ଇଚ୍ଛା କଲାନାହିଁ ନା' ମେଳା କମିଟି ଏଥିପାଇଁ ନିବେଦନ କଲେ ନାହିଁ ଏହା ମଧ୍ୟ ଚର୍ଚ୍ଚା ହେଉଛି।

! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !




୧୦୮ EMRI GREEN HEALTH SERVICES GVK Enterprise

ନିଯୁକ୍ତି ସୁଯୋଗ

୧୦୮ ଆମ୍ବୁଲାନ୍ସ ସେବା

ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍ଏମ୍ଭି (କମର୍ସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୂର୍ଦ୍ଧ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସି) ଏବଂ +୨ ବିଜ୍ଞାନ (ଅନ୍ୟୁନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ଇଡ୍‌କୋ ଟାୱାର, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡିଶା |
| ଫୋନ୍ ନମ୍ବର | ୦୬୭୪-୬୭୧୫୨୦୦ |
| ତାରିଖ | ୨ ଜାନୁଆରୀ ୨୦୨୫ ରୁ ୧୮ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି ଏଜେନ୍ସୀକୁ ନିୟୋଜିତ କରାଯାଇନାହିଁ। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।

ସକାଳ
THE SAKALA



### ଡିମ୍ବୁଲିପଟା ଜଙ୍ଗଲରେ ଡୁକ୍ରୁ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍

# ହାଣିବାକୁ ଯାଇ ହଣା ଖାଇଲେ

**ମୁନିଗୁଡ଼ା, ୧୧।୧ (ସମିସ):** ଭାଇ ହତ୍ୟାର ପ୍ରତିଶୋଧ ନେବାକୁ ଯାଇଥିଲେ, କିନ୍ତୁ ନିଜେ ହଣା ଖାଇ ପ୍ରାଣ ହରାଇଲେ। ରାୟଗଡ଼ା ଜିଲ୍ଲା ଡିମ୍ବୁଲିପଟା ଜଙ୍ଗଲରେ ଗତ ବୁଧବାର ସଂଘଟିତ ଡୁକ୍ରୁ ସିକ୍କା ହତ୍ୟା ଘଟଣାର ପର୍ଦ୍ଦାଫାସ୍ କରିବା ସହ ୨ ଅଭିଯୁକ୍ତଙ୍କୁ ମୁନିଗୁଡ଼ା ପୁଲିସ୍ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ମୁନିଖୋଲ ଅନ୍ତର୍ଗତ କୁଲେରିପଟା ଗାଁର ବଟ୍‌କୁ ସିକ୍କା ଓ ଲଖନ ସିକ୍କା। ଏନେଇ ପୁଲିସ୍ ୮/୨୫ରେ ଏକ ମାମଲା ରୁଜୁ କରିବା ସହ ଦୁହିଁଙ୍କୁ କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ଗତ ୨୦୨୧ ଜାନୁଆରୀ ୧୪ ଦିନ ଉକ୍ତ ଗ୍ରାମର ଲଗାଡ଼ି ସିକକା(୩୦)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ମୁନିଗୁଡ଼ା ପୁଲିସ୍ ଗ୍ରାମର ମାଣି ସିକକା ଓ ସୁଟେ ସିକକାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ମୃତ ଲଗାଡିର ବଡ଼ଭାଇ ଡୁକୁର ରାଗ ଏଥିରେ ଶାନ୍ତ ପଡ଼ିନଥିଲା। ପ୍ରତିଶୋଧ ନିଆଁରେ ସେ ଜଳୁଥିଲା। ହତ୍ୟାକାରୀ ସୁଟେର ଭାଇ ବଟ୍‌କୁ ସିକ୍କାକୁ ହତ୍ୟା କରିବାକୁ ସେ ସୁଯୋଗ ଉଣ୍ଡୁଥିଲା। ଗତ ୮ ତାରିଖ (ବୁଧବାର) ଦିନ ବଟ୍‌କୁ ଓ ଲଖନ ସିକ୍କା ଡିମ୍ବୁଲିପଟା ଜଙ୍ଗଲ ନିକଟସ୍ଥ ସଲପ ଗଛ ପାଖରେ ବୁଲୁଥିବା ବେଳେ ଡୁକ୍ରୁ ଟାଙ୍ଗିଆ ଧରି ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲା। କିନ୍ତୁ ବଟ୍‌କୁ ଓ ଲଖନ ତାଙ୍କ ଉପରେ ଭାରି ପଡ଼ି



ଯାଇଥିଲେ। ଡୁକୁକୁ ଉଭୟ କାବୁ କରିବା ସହ ତାଙ୍କ ହାତରୁ ଟାଙ୍ଗିଆ ଛଡ଼ାଇନେଇ ସେଇଥିରେ ତାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ପରେ ଉଭୟ ଗାଁକୁ ଯାଇ ହତ୍ୟାକାଣ୍ଡ ବିଷୟରେ ଗ୍ରାମବାସୀଙ୍କୁ ଜଣାଇଥିଲେ।

ଖବର ପାଇ ମୁନିଗୁଡ଼ା ପୁଲିସ୍ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲା।

ବିଷମକଟକ ଆଇଆଇସି ସୂର୍ଯ୍ୟ କୁମାର ପାଢ଼ୀଙ୍କ ନେତୃତ୍ୱରେ ମୁନିଗୁଡ଼ା ଥାନା ତଦନ୍ତକାରୀ ଅଫିସର ଏସ୍‌ଆଇ ନରେନ୍ଦ୍ର କୁମାର ବେହେରା, ପ୍ରସନ୍ନ କୁମାର ନାୟକ, ସୁଶୀଲ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ହତ୍ୟାକାଣ୍ଡର ତଦନ୍ତ ହୋଇଥିବା ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ବାପାର ଛୁରାମାଡ଼ରେ ପୁଅର ମୃତ୍ୟୁ

**ବାଲିଗୁଡ଼ା, ୧୧।୧ (ସମିସ):** ବାପାର ଅତର୍କିତ ଛୁରାମାଡ଼ରେ ଭେଣ୍ଡିଆ ପୁଅର ମୃତ୍ୟୁ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ା ପଞ୍ଚାୟତର ସିଙ୍ଗମିଲା ଗାଁରେ ଆଜି ପାରିବାରିକ କଳହର ଏମିତି ଏକ ଉଗ୍ରରୂପ ଦେଖିବାକୁ ମିଳିଛି। ମୃତକ ହେଲେ, ଜିତେନ୍ଦ୍ର ମଲ୍ଲିକ (୨୦)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଜଘନ୍ୟ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ବାପା ପ୍ରାଣେଶ୍ୱର ମଲ୍ଲିକ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛି। ଏହି ଘଟଣା ଆଜି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୂଚନାନୁସାରେ, କିଛି ଦିନ ହେବ ବାପା-ପୁଅଙ୍କ ମଧ୍ୟରେ ସଂପର୍କ ଠିକ୍ ନଥିଲା। ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ତେବେ ଆଜି ଭୋର୍‌ରେ ପୁଣି କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ପ୍ରାଣେଶ୍ୱରଙ୍କ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଘରେ ଥିବା ଏକ ଛୁରିରେ ସେ ଜିତେନ୍ଦ୍ରର ପେଟକୁ ଆକ୍ରମଣ କରିଥିଲେ। ପ୍ରାଣ ବିକଳରେ ଜିତେନ୍ଦ୍ର ସେଠାରୁ ଦୌଡ଼ି ଆସି ସଂପର୍କୀୟଙ୍କ ଘରେ ପହଞ୍ଚିଥିଲେ। ଏହାର କିଛି ସମୟ ପରେ ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲା। ତେବେ କେଉଁ କାରଣରୁ ଏତେ ବଡ଼ ଅଘଟଣ ଘଟିଲା, ପୁଲିସ୍ ସେ ବାବଦରେ ଅଧିକ ତଦନ୍ତ ଚଳାଇଛି।



ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସୋହିନୀ ବନ୍ଦୋପାଧ୍ୟାୟଙ୍କ କଥକ ନୃତ୍ୟ ପରିବେଷଣ

## ଉତ୍ତର ପାର୍ଶ୍ୱ ମଠରେ ସାଧୁସନ୍ଥ ସମ୍ମିଳନୀ

ପୁରୀ, ୧୧।୧(ସମିସ): ଶନିବାର ଉତ୍ତର ପାର୍ଶ୍ୱ ମଠ ପରିସରରେ ଜିଲ୍ଲା ସଂଯୋଜକ ଶ୍ରୀବସ୍ତ ଦାଶଙ୍କ ଅଧ୍ୟକ୍ଷତାରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସହ ସଂଯୋଜକ ପୁରୁଷୋତ୍ତମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସଂଯୋଜକ ଅରବିନ୍ଦ ଶତପଥୀ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧୁସନ୍ଥ, ମଠାଧୀଶ ସଜ୍ଜନ ମଣ୍ଡଳୀ, ଅନେକ କଥାବାଚକ ଅଂଶଗ୍ରହଣ କରିବା ସହିତ ସୁଚିନ୍ତିତ ମତାମତ ଦେଇଥିଲେ। ଏଥିସହ ହିନ୍ଦୁମାନଙ୍କୁ ଏକାଠି ହେବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସମସ୍ତ ମଠର ପୂଜ୍ୟ ମଠାଧୀଶ ସୁଚିନ୍ତିତ ମତାମତ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସଦ୍‌ଭାବନା ସମିତିର ମୁଖ୍ୟ ଗୋପାଳ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନର ହିନ୍ଦୁ ଧର୍ମ, ପରମ୍ପରା, ସଂସ୍କୃତି ରକ୍ଷା ପାଇଁ ସାଧୁସନ୍ଥମାନେ ଏକାଠି ହୋଇ ସାରଥୀ ହେବାକୁ ଆହ୍ୱାନ ଦେଇଥିଲେ। ବୟୋଜ୍ୟେଷ୍ଠ ମାର୍ଗଦର୍ଶକ ରାଜକିଶୋର ସାହୁ, ଜିଲ୍ଲା କାର୍ଯ୍ୟବାହ ବାମଦେବ ନାୟକ, ବିଭାଗ ସଂଘ ପରିଚାଳକ ମନୋରଞ୍ଜନ ସାହୁ, ନଗର ସଂଘ ଚାଳକ ଶ୍ୟାମ ସୁନ୍ଦର ହାଲ୍‌ଦାର, ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସହସଂଯୋଜକ ଅଭିମନ୍ୟୁ ନାୟକ ଧନ୍ୟବାଦ ଦେଇଥିଲେ।

## ଆକାଉଣ୍ଟ ଅପଡେଟ୍ ଲିଙ୍କ୍ ପଠାଇ ୫୦ ହଜାର ନେଇଗଲା ସାଇବର୍ ଠକ

**ବ୍ରହ୍ମପୁର, ୧୦।୧(ସମିସ):** ଷ୍ଟେଟ୍ ବ୍ୟାଙ୍କର ଆକାଉଣ୍ଟ ଅପଡେଟ୍ କରିବାକୁ ମେସେଜ୍ ପଠାଇ ସାଇବର ଠକ ଜଣେ ଯୁବକଙ୍କଠାରୁ ୫୦ହଜାର ଠକି ନେଇଛି। ଘଟଣାକୁ ନେଇ ସମ୍ପୃକ୍ତ ଯୁବକଜଣଙ୍କ ଗୋପାଳପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁସାରେ, ଗୋପାଳପୁର ନିବାସୀ ମୁରଲୀଧର ଗୌଡ଼(୪୭)ଙ୍କ ହ୍ୱାଟସଆପ ନମ୍ବରକୁ କିଛି ଦିନ ତଳେ ଏକ ମେସେଜ ଆସିଥିଲା। ଏସ୍‌ବିଆଇ ଆକାଉଣ୍ଟ ଅପଡେଟ୍ କରିବାକୁ ହେବ ଉକ୍ତ ମେସେଜରେ ଲେଖା ହୋଇଥିଲା। ଉପଡେଟ ନ କଲେ କାଳେ ଅନଲାଇନ୍ କାରବାର ବନ୍ଦ ହୋଇଯିବ ଭାବି ମୁରଲୀଧର ସେହି ଲିଙ୍କକୁ କ୍ଲିକ୍ କରିଥିଲେ। କ୍ଲିକ କରିବା ପରେ ଏକ ଓଟିପି ଆସିଥିଲା। ଓଟିପି କାହାକୁ ନଦେଲେ ମଧ୍ୟ ମୁରଲୀଧରଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା କଟି ଯାଇଥିଲା। ତେବେ କେଉଁ କାରଣରୁ ଟଙ୍କା କଟିଲା, ସେ ବିଷୟରେ ସେ ଜାଣିପାରିନଥିଲେ। ପବରର୍ତ୍ତୀ ସମୟରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର କ୍ରାଇମ ହେଲ୍ପ ଲାଇନକୁ ଜଣାଇବା ସହ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ।

## ଚାକିରି କରାଇଦେବାକୁ କହି ଠକେଇ: ଦମ୍ପତି ଗିରଫ

**ରାଉରକେଲା,୧୧।୧(ସମିସ):** କୋର୍ଟରେ ଚାକିରି କରାଇ ଦେବାକୁ କହି ୨୦ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଉଦିତନଗର ଥାନା ପୁଲିସ ଜଣେ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦମ୍ପତି ହେଲେ, ଟିମ୍ବର୍ କଲୋନୀସ୍ଥିତ ଶାନ୍ତି ଭବନ ନିକଟରେ ରହୁଥିବା ମହିଳା ଲକ୍ଷ୍ମୀ ତନ୍ତୀ (୨୮) ଓ ତାଙ୍କ ସ୍ୱାମୀ ପିଙ୍କୁ ଓରଫ ସଂଗ୍ରାମ କୁମାର ସାହୁ (୩୧)। ସେମାନଙ୍କଠାରୁ ଗୋଟିଏ କାର୍, ଦୁଇଟି ମୋବାଇଲ ଫୋନ, ୧୫ଟି ନକଲି ନିଯୁକ୍ତିପତ୍ର ଓ ୧୦ଟି ନକଲି ପରିଚୟପତ୍ର ଜବତ କରିଛି ପୁଲିସ୍। ଗିରଫ ସଂଗ୍ରାମ କୁମାର ସାହୁ ଆରଟିଓ ଦଲାଲ ଭାବେ କାର୍ଯ୍ୟ କରୁଥିଲେ। ୬ ମାସ ତଳେ ସେ ଲକ୍ଷ୍ମୀ ତନ୍ତୀଙ୍କୁ ବିବାହ କରିଥିଲେ।



**୧୫ ଆଶାୟୀଙ୍କୁ ମାରିଛନ୍ତି ଚୂନ**

ଶନିବାର ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଏସ୍‌ପି ନିର୍ମଳ ମହାପାତ୍ର ଏହି ଠକାମି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ହେମଗିରି ଥାନା କୁଣ୍ଡ ଅଞ୍ଚଳର ଅମର ବନଛୋର୍, ଗୁପ୍ତେଶ୍ୱର ଦିଉରିଆ ଓ ରାଜଗାଙ୍ଗପୁର ସମଲେଇ ମୁଣ୍ଡା ଅଞ୍ଚଳର ଡେଜଲୀନା ସଏଙ୍କୁ ରାଉରକେଲା କୋର୍ଟରେ ଚାକିରି କରାଇ ଦେବାକୁ କହି ମୋଟ ୨୦ଲକ୍ଷ ଟଙ୍କା ଲକ୍ଷ୍ମୀ ତନ୍ତୀ ନେଇଥିଲେ। ପରେ ସେମାନଙ୍କୁ ନକଲି ନିଯୁକ୍ତିପତ୍ର ଓ ପରିଚୟ ପତ୍ର ଦେଇଥିଲେ। ନିଯୁକ୍ତି ପତ୍ର ପାଇଥିବା ୩ଜଣ କୋର୍ଟର ଜନୈକ ବିଭାଗୀୟ ଅଧିକାରୀଙ୍କୁ ଭେଟି କାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ସେତେବେଳେ ସମ୍ପୃକ୍ତ ଅଧିକାରୀ ଏହା ନକଲି ବୋଲି କହିଥିଲେ। ଏହାପରେ ସେମାନେ ଠକେଇର ଶିକାର ହେବା ଜାଣି ଲକ୍ଷ୍ମୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ଉତ୍ତର ମିଳିନଥିଲା। ଏନେଇ ୩ ଅଭିଯୋଗକାରୀ ଥାନାରେ ପୃଥକ୍ ଭାବେ ୩ଟି ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଦିତ୍‌ନଗର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଟିମ୍ବର୍ କଲୋନୀରେ ଚଢ଼ଉ କରି ପୁଲିସ ଠକ ଦମ୍ପତିଙ୍କୁ ଗିରଫ କରିଥିଲା।

ସୂଚନାଯୋଗ୍ୟ, ଲକ୍ଷ୍ମୀ ଆଇନ ପାଠ ପଢୁଥିବା ବେଳେ ଜଣେ ଆଇନଜୀବୀଙ୍କ ନିକଟରେ କିରାଣି ଭାବେ କାମ କରୁଛନ୍ତି। କୋର୍ଟକୁ ଅନେକ ଲୋକ ଆସୁଥିବା ବେଳେ ବିଶ୍ୱାସ ଜନ୍ମାଇ ଠକେଇ କରି ଚାଲିଥିଲେ। ଏହାର ସୁଯୋଗ ନେଇ ଚାକିରି ଅନ୍ୱେଷଣରେ ଥିବା ଯୁବକଯୁବତୀମାନଙ୍କୁ ନିଜ ଜାଲରେ ଫସାଇ ଚାଲିଥିଲେ। କାହାକୁ ଷ୍ଟେନୋଗ୍ରାଫର୍, ତ ଆଉ କାହାକୁ କୋର୍ଟ ସିଏସଆଇ, ସେକ୍ସନ ଅଫିସର ଓ କିରାଣି ସମେତ ଅନ୍ୟ ପଦରେ ଚାକିରି କରାଇ ଦେବାକୁ ମହିଳାଜଣଙ୍କ କହି ଗ୍ରାହକଙ୍କୁ ପ୍ରଲୋଭନ ଦେଖାଉଥିଲେ।

## ସ୍ତ୍ରୀକୁ ହତ୍ୟା କରି ଆତ୍ମସମର୍ପଣ

**କାଲିମେଲା,୧୧।୧(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଏମଭି ୬୬ ଗ୍ରାମରେ ଘଟିଯାଇଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ସ୍ତ୍ରୀଙ୍କୁ ଅତି ବୀଭତ୍ସ ଭାବରେ ଏକ ଧାରୁଆ ଅସ୍ତ୍ରରେ ବେକକୁ କାଟି ହତ୍ୟା କରିଛି ସ୍ୱାମୀ। ଗତକାଲି ରାତି ୧୧ଟାରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତ ମହିଳା ହେଲେ ଶ୍ରୀତି। ହତ୍ୟା କରିବା ପରେ ସ୍ୱାମୀ ନିପେନ ବିଶ୍ୱାସ କାଲିମେଲା ଥାନାରେ ଆତ୍ମସମର୍ପଣ କରିଛି। କାଲିମେଲା ପୁଲିସ ଏମଭି ୬୬ ଗ୍ରାମକୁ ଯାଇ ଶ୍ରୀତିକୁ କାଲିମେଲା ମେଡିକାଲ ଆଣିଥିଲେ। ସେଠାରେ



ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଥିବାବେଳେ ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ଆଜି ସକାଳୁ ଝିଅ ଘର ଓ ଏମ୍‌ପିଭି-୨ ୬ ଗ୍ରାମର ଲୋକ ଆସି ନ୍ୟାୟ ପାଇଁ ଥାନା ପରିସରରେ ରୁଣ୍ଡ ହୋଇଥିଲେ।

ସୂଚନାଯୋଗ୍ୟ ଯେ ନୀପେନ ବିଶ୍ୱାସ ଗମ୍ପାକୋଣ୍ଡା ପଞ୍ଚାୟତ ଏମପିଭି ୨ ୬ ଗ୍ରାମର ଜଗଦୀଶ ମଲ୍ଲିକଙ୍କ ଝିଅ ଶ୍ରୀତିଙ୍କୁ ୮ବର୍ଷ ତଳେ ବିବାହ କରିଥିଲେ। ସେମାନଙ୍କ ୨ ଟି ପୁଅ ଥିବାବେଳେ ଏବେ ଶ୍ରୀତି ଗର୍ଭବତୀ ଥିଲେ। ନିପେନ କାଲିମେଲା-ମୋଟୁ ୩୨୬ ଜାତୀୟ ରାଜପଥ କଡରେ କାଲିମେଲା ବ୍ଲକ କଲୋନୀ ସ୍କୁଲ ସମ୍ମୁଖରେ ଆଖୁ ରସ ବିକ୍ରିକରି ପରିବାର ଚଳାଉଥିଲେ। କୋରାପୁଟରୁ ସାଇଣ୍ଟିଫିକ ଟିମ ଆସିଲା ପରେ ହତ୍ୟାକାଣ୍ଡର କାରଣ ଜଣାପଡ଼ିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ଖବର ପାଇବା ପରେ ମୃତ ମହିଳାଙ୍କ ବାପଘର ଏମପିଭି-୨୬ ଗ୍ରାମର ମହିଳାମାନେ କାଲିମେଲା ଥାନାରେ ପହଞ୍ଚି ହୋହଲ୍ଲା କରିବା ସହ ନ୍ୟାୟ ଦାବିରେ ରାଜରାସ୍ତା ଅବରୋଧ କରିଥିଲେ। ଫଳରେ କାଲିମେଲାରୁ ମୋଟୁକୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ବୁଝାସୁଝା ପରେ ରାସ୍ତା ଅବରୋଧ ହଟିଥିଲା।

### ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ଆଦିପୀଠ ଯୋରନ୍ଦା

## ଶୁଭିଲାନି ବିଶ୍ୱର ବୃହତ୍ତମ ଘଣ୍ଟିର ଶବ୍ଦ

**ଢେଙ୍କାନାଳ, ୧୧।୧(ସମିସ):** ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ସାଧୁ ସନ୍ନ୍ୟାସୀମାନଙ୍କ ପାଇଁ ଯୋରନ୍ଦା ମହିମା ଗାଦି ଆଦିପୀଠ ଭାବେ ପରିଚିତ। ଦେଶରେ ମହିମା ଧର୍ମର ସ୍ୱତନ୍ତ୍ର ପରିଚୟ ଥିବା ବେଳେ ପୀଠର ସୌନ୍ଦର୍ଯ୍ୟକରଣ ନିମନ୍ତେ ବିଭିନ୍ନ ସମୟରେ ଉଦ୍ୟମ କରାଯାଇଛି। ମାତ୍ର ଦୀର୍ଘ ୧୭ବର୍ଷ ଧରି ଲଗାଯାଇଥିବା ୧୨ କ୍ୱିଣ୍ଟାଲ ଓଜନର ଏକ ବୃହତ ଘଣ୍ଟି ନ ବାଜିବାରୁ ତାହା ଅବ୍ୟବହୃତ ହୋଇ ପଡ଼ିରହିଛି। ଏବେ ଘଣ୍ଟିରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି।



ଯୋରନ୍ଦାରେ ପ୍ରତିବର୍ଷ ମାଘ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମାଘମେଳା ଅନୁଷ୍ଠିତ ହୋଇଥାଏ। ମହିମା ଧର୍ମାବଲମ୍ବୀ ଶ୍ରଦ୍ଧାଳୁଙ୍କ ପାଇଁ ୨୦୦୭ ଜାନୁଆରୀ ୩୧ରେ ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟରେ ଏକ ବିରାଟ ଘଣ୍ଟି ନିର୍ମାଣ କରାଯାଇଥିଲା। ଘଣ୍ଟିର ଓଜନ ପ୍ରାୟ ୧୧୫୦ କିଲୋଗ୍ରାମ ହୋଇଥିବା ବେଳେ କଂସା ପିତ୍ତଳରେ ନିର୍ମିତ ଏହି ଘଣ୍ଟିର ଆକାର ପ୍ରାୟ ୧୨ବର୍ଗ ମିଟର ହେବ। ୨୦୦୬ ଡିସେମ୍ବର ୧୬ରେ ନୟାଗଡ଼ କଣ୍ଟିଲୋର ୧୭ଜଣ କାରିଗର ମହିମା ଧାମରେ ଢଳେଇ କରି ଏହି ଘଣ୍ଟି ନିର୍ମାଣ କରିଥିଲେ। କିନ୍ତୁ ଘଣ୍ଟି ଲଗାଯିବା ପରେ ତାହା ବାଜି ନ ଥିଲା। ଗାଦିମନ୍ଦିରର ତୃତୀୟ ବେଢ଼ାରେ ଥିବା ଏହି ଘଣ୍ଟି ପ୍ରଭୁଙ୍କୁ ସମର୍ପଣ ପରେ ନବାଜିବାରୁ ଭକ୍ତମାନେ ନିରାଶ ହୋଇଥିଲେ। ଘଣ୍ଟି ନିର୍ମାଣରେ କୌଣସି ବୈଷୟିକ ତ୍ରୁଟି ଯୋଗୁଁ ବାଜିଲା ନାହିଁ ବୋଲି କୁହାଯାଉଥିବା ବେଳେ ଏହା ଅଶୁଭ ସମୟରେ ସମର୍ପଣ କରାଯାଇଥିବାରୁ ବାଜିଲା ନାହିଁ ବୋଲି ମଧ୍ୟ କୁହାଯାଉଛି। ବିଶ୍ୱର ଏହା ବୃହତ୍ତମ ଘଣ୍ଟି ବୋଲି କୁହାଯାଉଥିବା ବେଳେ ଏହା ବାଜିଥିଲେ ୨୫ କିଲୋମିଟର ପର୍ଯ୍ୟନ୍ତ ଧ୍ୱନି ଶୁଣାଯିବାର ଥିଲା। ତେବେ ଏଭଳି ଏକ ବିରାଟ ଘଣ୍ଟି ନିର୍ମାଣ ପରେ ଦୀର୍ଘ ୧୭ବର୍ଷ ଧରି ସେମିତି ପଡ଼ିରହିଛି। ଘଣ୍ଟିରୁ ଶବ୍ଦ ନ ବାହାରିବାର କାରଣ ଖୋଜିବାକୁ ମଧ୍ୟ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏହି ଘଣ୍ଟିକୁ ପୁଣି ଥରେ ପ୍ରସ୍ତୁତ କରି ସ୍ଥାପନ କରିବାକୁ ଦାବି ହୋଇଛି। ଆଗକୁ ମାଘ ମାସ ଏବଂ ଯୋରନ୍ଦା ମେଳା ଥିବାରୁ ଏହା ପୂର୍ବରୁ ପୁଣି ଥରେ ରାଜ୍ୟରେ ଥିବା ପ୍ରସିଦ୍ଧ ଧ୍ୱନିବିଜ୍ଞାନୀଙ୍କ ସହାୟତାରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ମହିମା ଧର୍ମର ଉପାସକମାନେ ଦାବି କରିଛନ୍ତି।

## ରାଜ୍ୟରେ ପାଳନ ହେବ ପ୍ରବାସୀ ଓଡ଼ିଆ ଦିବସ

**ଭୁବନେଶ୍ୱର, ୧୧।୧(ସମିସ):** ଆଗାମୀ ଦିନରେ ରାଜ୍ୟରେ ପ୍ରବାସୀ ଓଡ଼ିଆ ଦିବସ ପାଳନ କରାଯାଇପାରେ। ପ୍ରବାସୀ ଓଡ଼ିଆ ଦିବସ ଆୟୋଜନ ପାଇଁ ଚିନ୍ତା କରାଯାଉଛି ବୋଲି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମକୁ

**ସରକାର ବିଚାର କରୁଛନ୍ତି: ଆଇନ ମନ୍ତ୍ରୀ**

ପ୍ରତିକ୍ରିୟା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯେଉଁ ପ୍ରବାସୀ ଓଡ଼ିଆ ଯୋଗ ଦେଇଥିଲେ, ସେମାନଙ୍କ ସହ ସରକାର ସ୍ୱତନ୍ତ୍ର ଭାବେ ଆଲୋଚନା ଏବଂ ଏନେଇ ସମ୍ଭାବନା ସମ୍ପର୍କରେ ଚର୍ଚ୍ଚା କରିଛନ୍ତି। ଆଗାମୀ ଦିନରେ ହୁଏତ ବିଭିନ୍ନ ସ୍ଥାନରେ ଯେଉଁ ପ୍ରବାସୀ ଓଡ଼ିଆ ପ୍ରତିଷ୍ଠିତ ଅଛନ୍ତି, ସେମାନଙ୍କୁ ନିମନ୍ତ୍ରଣ କରି ଜନ୍ମମାଟି ସହ ଯୋଡ଼ିବାର କାର୍ଯ୍ୟକ୍ରମ କରାଯାଇପାରେ। ସେ ଆହୁରି କହିଛନ୍ତି, ପ୍ରବାସୀମାନେ ଏଠାରୁ ଖୋଲା ମନ ନେଇକି ଯାଇଛନ୍ତି। ଆଗାମୀ ଦିନରେ ଓଡ଼ିଶାର ବିକାଶ ଦୃଷ୍ଟିକୋଣରୁ ସେମାନଙ୍କର ସହଭାଗିତା ରହିବା ନେଇ ଆମେ ଆଶାବାଦୀ ରହିଛୁ।

### ■ ପେନ୍ ଡେ'ରେ ଛାତ୍ରୀଙ୍କୁ 'ପେନ୍' ଦେଲେ ଅଧ୍ୟକ୍ଷ

## ବିନା ସାର୍ଟରେ ଘରକୁ ପଠାଇଲେ!

**ରାଞ୍ଚି,୧୧।୧(ଏଜେନ୍ସି):** ଶିକ୍ଷାବର୍ଷର ଅନ୍ତିମ ଦିନରେ ସହପାଠୀଙ୍କ ଗହଣରେ ପେନ୍ ଡେ' (କଲମ ଦିବସ) ପାଳି ଖୁସି ମନାଉଥିବା ଛାତ୍ରୀଙ୍କୁ ଯନ୍ତ୍ରଣା (ପେନ୍) ଦେଇଛନ୍ତି ସ୍କୁଲ ଅଧ୍ୟକ୍ଷ। ଝାଡ଼ଖଣ୍ଡ ଧାନବାଦସ୍ଥିତ ଏକ ପ୍ରମୁଖ ଘରୋଇ ସ୍କୁଲରେ ଗତ ଗୁରୁବାର ଏହି ଘଟଣା ଘଟିଛି। ପରସ୍ପରକୁ ଶୁଭେଚ୍ଛା ଜଣାଇ ନିଜ ନିଜର ସାର୍ଟରେ ବାର୍ତ୍ତା ଲେଖିଥିବା ଛାତ୍ରୀମାନଙ୍କୁ ସ୍କୁଲ ଅଧ୍ୟକ୍ଷ ଅପମାନିତ କରିବା ସହ ସେମାନଙ୍କୁ ବିନା ସାର୍ଟରେ କେବଳ ବ୍ଲେଜର୍ ପିନ୍ଧି ଘରକୁ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାକୁ ନେଇ ଛାତ୍ରୀ ଓ ଅଭିଭାବକମାନେ ଅଧ୍ୟକ୍ଷଙ୍କୁ ଘେରିଛନ୍ତି। ଅଭିଭାବକମାନେ ସ୍କୁଲରେ ପହଞ୍ଚି ଅଧ୍ୟକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ତମ୍ବିତୋଫାନ କରିଛନ୍ତି। ପରେ ଏହି କଥା ସ୍ଥାନୀୟ ବିଧାୟକ ଏବଂ ଉପ-କମିସନରଙ୍କ ନିକଟରେ ପହଞ୍ଚିବା ପରେ ସେମାନେ ମଧ୍ୟ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଘଟଣାର ଯାଞ୍ଚ କରି ସ୍କୁଲ ଅଧ୍ୟକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଉପ-କମିସନର୍ପ୍ର ତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମିଳିଥିବା ସୂଚନାନୁଯାୟୀ, ୧୦ମ ଶ୍ରେଣୀ ଛାତ୍ରୀଙ୍କ ପରୀକ୍ଷା ଶେଷ ହେବା ପରେ ଛାତ୍ରୀମାନେ ନିଜ ନିଜ ମଧ୍ୟରେ ପେନ୍-ଡେ' ପାଳିଥିଲେ। ଏହିକ୍ରମରେ ସେମାନେ ପରସ୍ପରର ସାର୍ଟରେ ଶୁଭେଚ୍ଛା ବାର୍ତ୍ତା ଲେଖିଥିଲେ। ହେଲେ ଏହି ଘଟଣା ଦେଖିବା ପରେ ସଂପୃକ୍ତ ସ୍କୁଲର ଅଧ୍ୟକ୍ଷ ନିଆଁବାଣ ହୋଇଯାଇଥିଲେ। ଏହାକୁ ସେ ବିରୋଧ କରିବା ସହ ସମସ୍ତ ଛାତ୍ରୀ ସାର୍ଟ ଖୋଲି କେବଳ ବ୍ଲେଜର୍ ପିନ୍ଧି ଘରକୁ ଯିବାକୁ କହିଥିଲେ। ଅଧ୍ୟକ୍ଷଙ୍କ ଏଭଳି ନିର୍ଦ୍ଦେଶ ପରେ ଅଧିକାଂଶ ଛାତ୍ରୀ କାନ୍ଦିବାକୁ ଆରମ୍ଭ କରିଥିଲେ। କିନ୍ତୁ ଅନନ୍ୟୋପାୟ ହୋଇ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଘରେ ପହଞ୍ଚିଥିଲେ। ହେଲେ ନିଜ ବାପାମାଆଙ୍କୁ ଦେଖିବା ପରେ ସେମାନେ କୋହ ସମ୍ଭାଳି ପାରିନଥିଲେ।

### ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

## ନୂତନ ଶିକ୍ଷାନୀତିରେ ମାତୃଭାଷାକୁ ପ୍ରାଧାନ୍ୟ ଦିଆଯାଇଛି: ଧର୍ମେନ୍ଦ୍ର

**ଟାଙ୍ଗୀ, ୧୧।୧(ସମିସ):** ଇଂରାଜୀ ଏକ ବିଦେଶୀ ଭାଷା। ତତ୍କାଳୀନ ଇଂରେଜ ସରକାର ଭାରତୀୟଙ୍କ ମଧ୍ୟରେ ଏକତା ଓ ସ୍ୱାଭିମାନକୁ କ୍ଷୁଣ୍ଣ କରିବା ଲାଗି ଏହି ଭାଷାର ପ୍ରଚଳନ କରିଥିଲେ। ଦେଶରେ ମାତ୍ର ୧୩% ଲୋକ ଇଂରାଜୀରେ କଥାବାର୍ତ୍ତା କରନ୍ତି। ସେଥିପାଇଁ ବର୍ତ୍ତମାନର ଭାରତ ସରକାର ନୂତନ ଶିକ୍ଷା ନୀତିରେ ଭାରତୀୟ ଭାଷା ବିଶେଷ କରି ମାତୃଭାଷାକୁ ପ୍ରାଧାନ୍ୟ ଦେଇ ଏକ ବିକଶିତ ରାଷ୍ଟ୍ର ନିର୍ମାଣ ଲାଗି ପ୍ରୟାସ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଶନିବାର କଟକର ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି।




ମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି କହିଥିଲେ, 'ବଣମଲ୍ଲୀ ବଣରେ ଫୁଟି ମଉଳିଯାଏ' ବୋଲି ଯାହା କୁହାଯାଏ ତାହା ସବୁକ୍ଷେତ୍ରରେ ହୋଇ ନଥାଏ। ଟାଙ୍ଗୀ ଭଳି ଗ୍ରାମାଞ୍ଚଳରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଏବଂ ଏଥିରେ ପାଠ ପଢ଼ିଥିବା ବହୁ ଛାତ୍ରଛାତ୍ରୀ ଆଜି ଦେଶ ବିଦେଶରେ ଗୁରୁତ୍ୱପୂର୍ଣ୍ଣ ପଦରେ ଦକ୍ଷତା ପ୍ରଦର୍ଶନ କରି ଏହି ଅନୁଷ୍ଠାନର ଗୌରବ ବଢ଼ାଇବା ଆନନ୍ଦର ବିଷୟ। ଡ୍ରିମ୍ସ ଦୀର୍ଘ ୨୫ ବର୍ଷର ଏକ ସଫଳ ଉପଲବ୍ଧି ବୋଲି ଉଲ୍ଲେଖ କରିବା ସହ ଏହାର ପ୍ରତିଷ୍ଠାତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଗାମୀ ଦିନରେ ଏହି ଶିକ୍ଷା ମନ୍ଦିର ନବଭାରତ ନିର୍ମାଣ ପ୍ରୟୋଗଶାଳା ହେବ ଏବଂ ଏହା ବିଶ୍ୱସ୍ତରୀୟ ପ୍ରତିଭା ସୃଷ୍ଟି କରିବା ନେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ଦୃଢ଼ ଆଶାବାଦୀ ବୋଲି ପ୍ରକାଶ କରିଥିଲେ। ଆଜି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଠାରୁ କଟକର ଟାଙ୍ଗୀ ପର୍ଯ୍ୟନ୍ତ ଯେଉଁ ନୂତନ ରାଜପଥ ନିର୍ମାଣ ହେବାକୁ ଯାଉଛି ତାହା ଏ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ସେ କହିଥିଲେ।

ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଡ. ପ୍ରକାଶ କୁମାର ହୋତା ସ୍ୱାଗତ ଅଭିଭାଷରେ ଡ୍ରିମ୍ସର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲାବେଳେ ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ ସ୍ୱାଗତ ସୂଚନା ଓ ରେଜିଷ୍ଟ୍ରାର ଡ.ଭକ୍ତଚରଣ ପ୍ରଧାନ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ବିଶିଷ୍ଟ ଗାନ୍ଧିବାଦୀ କୃଷ୍ଣା ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ଏଥିସହ ପରୀକ୍ଷାରେ ସର୍ବୋଚ୍ଚ ସଫଳତା ହାସଲ କରିଥିବା ୧୦ଜଣ କୃତୀ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ଓ ୪୮୦ଜଣଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟ ବୋର୍ଡ ଅଫ ଗଭର୍ଣ୍ଣର ସଦସ୍ୟ ବିଧାୟକ ଛବି ମଲ୍ଲିକ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଅବସରପ୍ରାପ୍ତ ଆଇଏଫଏସ୍ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର୍ ଡା. ଶକ୍ତି ପ୍ରସାଦ ଦାସ, ଇଂ ଡ. ପ୍ରଭାକର ସ୍ୱାଇଁ, ଇଂ ଅଶୋକ କୁମାର ବାସା, ପ୍ରଫେସର୍ ଡ. ବିଜୟାନନ୍ଦ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ରେଜିଷ୍ଟ୍ରାର୍ ଇଂ ଶିଶିର କୁମାର ସାହୁ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ଅରିନ୍ଦମ ରାୟ, ବିସି ମହାନ୍ତି, ଜିଲ୍ଲାପାଳ ଓ ଏସପିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉତ୍ସବରେ ଉପସ୍ଥିତ ଥିଲେ।

■ ମୟୂରଭଞ୍ଜରେ ଲଘୁଖଣିଜ ଦ୍ରବ୍ୟ ପରିଚାଳନା କଟକଣା ପ୍ରସଙ୍ଗ

## ଏନଜିଟି ପକ୍ଷରୁ ଶୁଣାଣି ଶେଷ; ରାୟ ସଂରକ୍ଷିତ

**ବାରିପଦା, ୧୧।୧(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟର ପରିଚାଳନାରେ ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସଆର)କୁ ତ୍ରୁଟି ଦର୍ଶାଇ ଜାତୀୟ ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଛି। ଚୂଡ଼ାନ୍ତ ରାୟ ପ୍ରକାଶ




ପାଇବା ପର୍ଯ୍ୟନ୍ତ କୋର୍ଟଙ୍କ ଅନ୍ତରୀଣ ରହିତାଦେଶ ବଳବତ୍ତର ରଖାଯାଇଥିବା ବେଳେ ସପ୍ତାହକ ମଧ୍ୟରେ ନୋଟିସ ମାଧ୍ୟମରେ ଅବଗତ କରାଯିବ ବୋଲି ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ସୂଚନା ଦେଇଛନ୍ତି। ଫଳରେ ମୟୂରଭଞ୍ଜରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ଜାନୁଆରୀ ୧୦ ତାରିଖ ପର୍ଯ୍ୟନ୍ତ ଜାରି କଟକଣା ବୃଦ୍ଧି ପାଇଛି। ଜିଲ୍ଲା ସର୍ଭେ ରିପୋର୍ଟର ପ୍ରମାଣିକତା ସମୀକ୍ଷା କରିବାକୁ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (ଏସଇଆଇଏଏ) ପକ୍ଷରୁ ଅନୁମୋଦନ କରାଯାଇ ନ ଥିବାରୁ ଏହାକୁ ତ୍ରୁଟି ଥିବା ଦର୍ଶାଇ ମୟୂରଭଞ୍ଜରେ କୌଣସି ଖଣିକାର୍ଯ୍ୟ କରାଯିବ ନାହିଁ ବୋଲି ଶୁଣାଣି କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାସଙ୍ଗିକତା ତଥ୍ୟ ପ୍ରଦାନରେ ତ୍ରୁଟି ଥିବା ଦର୍ଶାଇ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ପ୍ରକାଶ ଥାଉକି, ମୟୂରଭଞ୍ଜରେ ଥିବା ସଇରାତଗୁଡ଼ିକରୁ ବାଲି ଖନନକୁ ନେଇ ପ୍ରସ୍ତୁତ କରାଯାଇଥିବା ଜିଲ୍ଲା ସର୍ଭେ ରିପୋର୍ଟକୁ ବେଆଇନ ଦର୍ଶାଇଥିବା ନେଇ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ଏନ୍‌ଜିଟି ନିକଟରେ ଅଭିଯୋଗ କରିଥିଲେ।

ଆଠଘରିଆ ହାତୀପଲଙ୍କ ଉପଦ୍ରବ

## କାନ୍ଥ ଭାଙ୍ଗି ଖାଇଗଲେ ଧାନ, ଚାଉଳ

### ଅନ୍ଧକେ ବର୍ତ୍ତିଲେ ଦୁଇ ପରିବାର

**କାମାକ୍ଷାନଗର, ୧୧।୧(ସମିସ):** କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ପଳାସଡାଙ୍ଗି ଓ ଡଙ୍କାରୀଡିହି ଗ୍ରାମରେ ଶୁକ୍ରବାର ଆଠଟିକିଆ ହାତୀପଲ ଉପଦ୍ରବ କରିଛନ୍ତି। ଦୁଇ ପରିବାରର ଘର କାନ୍ଥ ଭାଙ୍ଗି ଧାନଚାଉଳ ଖାଇବା ସହ ବାସନକୁସନ ଭାଙ୍ଗି ଦେଇଛନ୍ତି। ତେବେ ସମ୍ପୃକ୍ତ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଚନ୍ତି। ବିଳମ୍ବିତ ରାତିରେ ହାତୀପଲ ପଳାସଡାଙ୍ଗି ଗାଁରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲେ। ସେହିପରି ଡଙ୍କାରୀଡିହ ଗ୍ରାମର ବସନ୍ତ ଦେହୁରୀ ଓ ବୁଧେଇ ଦେହୁରୀଙ୍କ ଘର କାନ୍ଥ ଭାଙ୍ଗି ଧାନଚାଉଳ ଖାଇଦେଇଥିଲେ। ଏପରିକି ଉଭୟ ପରିବାରର ବାସନକୁସନ ତଥା ଘରକରଣା ସାମଗ୍ରୀ ନଷ୍ଟ କରିଥିଲେ। ଖବର ପାଇ ବନବିଭାଗ କର୍ମଚାରୀ ଗାଁରେ ପହଞ୍ଚି ହାତୀମାନଙ୍କୁ ଘଉଡ଼ାଇଥିବା ବେଳେ ହାତୀପଲ ଏବେ ନିକଟସ୍ଥ ମହାପୁରୁ ରଗଡ଼ା ଜଙ୍ଗଲରେ ରହିଛନ୍ତି। ତେବେ ବାରମ୍ବାର ହାତୀପଲଙ୍କ ଉପଦ୍ରବ ଫଳରେ ଅନେକ ଗରିବ ଲୋକଙ୍କ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ହେଉଥିବା ବେଳେ ସରକାରଙ୍କ ତରଫରୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ବିପନ୍ନ ପରିବାର ଲୋକେ ଦାବି କରିଛନ୍ତି।



ଏମକେସିଜି ମେଡିକାଲ

## ସରକାରୀ ଛୁଟିଦିନରେ ମିଳୁନି ଏମ୍‌ଆରଆଇ ସେବା

**ବ୍ରହ୍ମପୁର,୧୧।୧(ସମିସ):** ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ସରକାରୀ ଛୁଟି ଦିନରେ ରୋଗୀଙ୍କୁ ମିଳୁନି ଏମ୍‌ଆରଆଇ ଭଳି ଗୁରୁତ୍ୱପୂର୍ଣ୍ଣ ସେବା। ଫଳରେ ମେଡ଼ିକାଲକୁ ଆସୁଥିବା ବହୁ ରୋଗୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଏନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେକ ଦିନ ଏମକେସିଜି ମେଡ଼ିକାଲର ବହିର୍ବିଭାଗ ଉପରେ ୩୫ ଶହରୁ ଅଧିକ ରୋଗୀ ନିର୍ଭର କରିଥା'ନ୍ତି। ଏଥିସହ ଅନ୍ତର୍ବିଭାଗରେ ପ୍ରାୟ ୧୬ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କର ଚିକିତ୍ସା ହୋଇଥାଏ। ମେଡ଼ିକାଲକୁ ଆସୁଥିବା ରୋଗୀଙ୍କୁ ବିଭିନ୍ନ ସମୟରେ ଡାକ୍ତରମାନେ ରୋଗ ଚିହ୍ନଟ ପାଇଁ ଏମଆରଆଇ ପରୀକ୍ଷା କରିବାକୁ ପରାମର୍ଶ ଦେଇଥାନ୍ତି। ଏଭଳି ପ୍ରତିଦିନ ବିଭିନ୍ନ ବିଭାଗର ପ୍ରାୟ ୩୫ରୁ ୪୦ ରୋଗୀଙ୍କୁ ଏମଆର୍‌ଆଇ ପରୀକ୍ଷା କରିବାକୁ ଡାକ୍ତର ପରାମର୍ଶ କରିଥାନ୍ତି। ଗୋଟିଏ ଦିନରେ ଏତେସଂଖ୍ୟକ ପରୀକ୍ଷା କରିବା ନିମନ୍ତେ ଏମକେସିଜିରେ ଭିତ୍ତିଭୂମିର ଅଭାବ ରହିଛି। ଯାହାକୁ ନେଇ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ କିଛିବର୍ଷ ଧରି ଏକ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର ସହ ଚୁକ୍ତିନାମା କରିଛନ୍ତି।




ନିଦାନ ଓ ଚିକିତ୍ସା ସେବା ନ ପାଇ ରୋଗୀ ହନ୍ତସନ୍ତ

ଚୁକ୍ତିନାମା ଅନୁଯାୟୀ, ଏମକେସିଜି ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଉକ୍ତ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର ରୋଗୀଙ୍କ ଏମଆରଆଇ ପରୀକ୍ଷା କରିବା ସହ ରିପୋର୍ଟ ପ୍ରଦାନ କରିବ। ଏଥିପାଇଁ ମେଡ଼ିକାଲ ପକ୍ଷରୁ ପ୍ରତିମାସରେ ଉକ୍ତ ଘରୋଇ ନିଦାନ କେନ୍ଦ୍ରକୁ ୧୫ ଲକ୍ଷରୁ ଅଧିକ ଟଙ୍କା ପ୍ରଦାନ କରାଯାଉଛି। କିନ୍ତୁ ସରକାରୀ ଛୁଟି ଦିନରେ ଏମ୍‌କେସିଜି ମେଡିକାଲର ରୋଗୀଙ୍କୁ ଏମଆରଆଇ ସେବା ଉପଲବ୍ଧ ହେଉନଥିବା ବହୁ ରୋଗୀ ଅଭିଯୋଗ କରିଛନ୍ତି।

ଛୁଟିଦିନରେ ଡାଏଗ୍ନୋଷ୍ଟିକ୍ ସେଣ୍ଟର୍‌ର କୌଣସି କର୍ମଚାରୀ ମେଡ଼ିକାଲରେ ରହୁନଥିବା ସହ ରୋଗୀଙ୍କ ଟିକେଟ ସଂଗ୍ରହ ମଧ୍ୟ କରାଯାଉନାହିଁ। ଅନ୍ୟପକ୍ଷରେ ଡାକ୍ତରଖାନା ପକ୍ଷରୁ ଏମ୍‌କେସିଜି ମେଡ଼ିକାଲରେ ସ୍ୱଳ୍ପସଂଖ୍ୟକ ଏମ୍‌ଆରଆଇ ପରୀକ୍ଷା କରାଯାଉଥିବା ବେଳେ ସରକାରୀ ଛୁଟି ଦିନରେ ତାହା ମଧ୍ୟ ବନ୍ଦ ରହୁଥିବା ଅଭିଯୋଗ ହୋଇଛି। ଫଳରେ ଛୁଟି ଦିନରେ ରୋଗୀଙ୍କୁ ଏହି ପରୀକ୍ଷା କରିବା କଷ୍ଟକର ହେଉଛି। ମାସରେ ଏକାଧିକ ସମୟରେ ଲଗାତାର ୨ରୁ ୩ଦିନ ଛୁଟି ରହିବା ଫଳରେ ଏହି ସମୟରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ମଧ୍ୟ ନାହିଁ। ଫଳରେ ଏମଆରଆଇ ପାଇଁ ଡାକ୍ତର ପରାମର୍ଶ ପାଇଥିବା ରୋଗୀଙ୍କୁ ପୁଣିଥରେ ଡାକ୍ତରଖାନାକୁ ଆସିବାକୁ ପଡୁଛି। ଘରୋଇ ସଂସ୍ଥା ପକ୍ଷରୁ ଗୋଟିଏ ଦିନରେ ଟିକେଟ ସଂଗ୍ରହ ଓ ଆଉ ଗୋଟିଏ ଦିନରେ ଏମଆରଆଇ ପରୀକ୍ଷା କରାଯାଉଥିବା ଯୋଗୁଁ ରୋଗୀଙ୍କୁ ଅଯଥାରେ ଦୌଡ଼ିବାକୁ ପଡୁଛି ଏବଂ ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ତେଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଏନେଇ ଏମ୍‌କେସିଜି ମେଡିକାଲର ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଛୁଟିଦିନରେ ମଧ୍ୟ ଦାୟିତ୍ୱରେ ଥିବା ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର ରୋଗୀଙ୍କ ଏମ୍‌ଆରଆଇ ପରୀକ୍ଷା କରିବା ନିୟମ ରହିଛି। ତେବେ କାହିଁକି ପରୀକ୍ଷା ହେଉନି, ସେନେଇ ସମ୍ପୃକ୍ତ ଘରୋଇ ଡାଏଗ୍ନୋଷ୍ଟିକ୍ ସେଣ୍ଟର୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ସୀମାନ୍ତରୁ ୫ ମାଓବାଦୀ ଗିରଫ





**ମାଲକାନଗିରି, ୧୧।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓ ଦମନ ନିମନ୍ତେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ବେଳେ ଭିନ୍ନ ଭିନ୍ନ ସ୍ଥାନରୁ ମୋଟ ୫ ମାଓବାଦୀ ଗିରଫ ସହ ବିସ୍ଫୋରକ ସାମଗ୍ରୀ ଜବତ। ଛତିଶଗଡ଼ର ଆୱାପାଲି ଥାନା ଅଞ୍ଚଳରେ ସିଆରପିଏଫ ଏବଂ ପୁଲିସର ମିଳିତ ବାହିନୀ ମୁରଦଣ୍ଡ, ତିମ୍ମାପୁର, ଚିଲକାପାଲି ଏବଂ ବାୟାଗୁଡ଼ା ଗ୍ରାମ ଅଭିମୁଖେ ମାଓ ବିରୋଧୀ ଅଭିଯାନ ପାଇଁ ବାହାରିଥିଲେ। ଏହି ସମୟରେ, ମୁରଦଣ୍ଡ ଏବଂ ତିମ୍ମାପୁର ରାସ୍ତା କଡରେ ପୁଲିସକୁ ଦେଖି କିଛି ବ୍ୟକ୍ତି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। ଯବାନମାନେ ମୋଟ ୪ ଜଣଙ୍କୁ କାବୁ କରିଥିଲେ। ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ସ୍ୱୀକାର କରିବା ସହ ସେମାନଙ୍କ ନିକଟରୁ ଯବାନ ମାନେ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରି ସମସ୍ତଙ୍କୁ ଗିରଫ କରିଥିଲେ। ଗିରଫ ମାଓବାଦୀ ମାନେ ହେଲେ କୋସା ମାଡଭି, ସାନ୍ନା ଉଇକା, ମାଡକାମ ସୁଖରାମ ଏବଂ ସାନ୍ନା ପୂଜାରୀ। ସେହିପରି ଛତିଶଗଡ଼ର ସୁକମା ଜିଲ୍ଲାର ଜାଗରଗୁଣ୍ଡା ଥାନା ଅଞ୍ଚଳରେ ଥିବା ସିଲଗର ଅଞ୍ଚଳରେ ସିଆରପିଏଫ ଓ ପୋଲିସ ପକ୍ଷରୁ ମିଳିତ ରୂପେ ତଲାସି ଅଭିଯାନବେଳେ ଜଣେ ସନ୍ଦିଗ୍ଧଙ୍କୁ ଧରି ପଚରାଉଚରା ବେଳେ ତାଙ୍କ ନାମ ଓୟାମ କୋସା ଓ ସେ ମାଓବାଦୀ ଭାବେ କାର୍ଯ୍ୟ କରୁଥିବା ସ୍ୱୀକାର କରିଥିଲା। ଯବାନମାନେ ତାଙ୍କ ପାଖରୁ କର୍ଡେକ୍ସ ତାର, ୫ ଖଣ୍ଡ ଜିଲେଟିନ୍, ୪ ଖଣ୍ଡ ଡେଟୋନେଟର, ବୈଦ୍ୟୁତିକ ତାର, ବାରୁଦ ସମେତ କିଛି ମାଓ ସାମଗ୍ରୀ ଜବତ କରିଥିଲେ। ତେବେ ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ପାଇଁ ଉକ୍ତ ମାଓବାଦୀ ଜଣଙ୍କ ଜଙ୍ଗଲରେ ବୋମା ଖଞ୍ଜିବାକୁ ଆସିଥିବା ସ୍ୱୀକାର କରିବା ପରେ ଯବାନମାନେ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## 'ଦାନା' କ୍ଷତି: ମରାମତି ଉପରେ ରୋକ୍

**ଭଦ୍ରକ/ଦୋବଲ, ୧୧।୧ (ସମିସ):** ବାତ୍ୟା 'ଦାନା' ଯୋଗୁଁ ଧାମନଗର ବ୍ଲକରେ କ୍ଷତି ହୋଇଥିବା ପ୍ରକଳ୍ପ ମରାମତି ଉପରେ ଓଡ଼ିଶା ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ଯାଏ କୌଣସି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ତାଙ୍କ ରାୟରେ ଦର୍ଶାଇଛନ୍ତି। ରିଲିଫ୍, ଉଦ୍ଧାର ଓ ମରାମତି ନେଇଥିବା ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ର ଧାରା ୪୭ (କ) ଓ ଧାରା ୪୧କୁ ଅଣଦେଖା କରି ଏହି ସବୁ ପ୍ରକଳ୍ପ କ୍ରିୟାନ୍ୱୟନ ହେଉଥିବା ଅଭିଯୋଗ ହୋଇଥିଲା। ଏଣୁ କୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

ବାତ୍ୟା 'ଦାନା' ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦର୍ଶାଇ ଧାମନଗର ବ୍ଲକ ପକ୍ଷରୁ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ସେହି ଅନୁସାରେ, ରାଜ୍ୟ ସରକାର ୧୯ କୋଟି ୩୮ ଲକ୍ଷ ୫୦ ହଜାର ଟଙ୍କା ଅନୁମୋଦନ କରିଥିଲେ। ଏଥିରେ ୪୬୮ଟି ରାସ୍ତା, ୧୮୬ଟି କମ୍ୟୁନିଟି ସେଣ୍ଟର, ୫୬ଟି ଘର, ୧୦୫ଟି ଅଙ୍ଗନବାଡ଼ି କେନ୍ଦ୍ର ଓ ୨୨ଟି ପ୍ରାଥମିକ ବିଦ୍ୟାଳୟ ମରାମତି ହେବାକୁ ଥିଲା। ହେଲେ ଏହାକୁ ବିରୋଧୀ ଦଳର ସରପଞ୍ଚ ଓ ସମିତି ସଭ୍ୟ ବିରୋଧ କରିଥିଲେ। ଏହି ସବୁ କାମ ଶାସକ ଦଳର କର୍ମୀ ଓ ବ୍ଲକ ଅଧିକାରୀ ମିଳିମିଶି କରୁଛନ୍ତି। ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟକୁ ପଚାରୁନାହାନ୍ତି ବୋଲି ବିରୋଧୀମାନେ ଅଭିଯୋଗ କରିଥିଲେ। ଏନେଇ ଧାମନଗର ବିଡିଓ, ଭଦ୍ରକ ଜିଲ୍ଲାପାଳ ଏବଂ କେନ୍ଦ୍ରୀୟ ମୁଖ୍ୟ ରିଲିଫ୍ କମିସନରଙ୍କୁ ଜଣାଇଥିଲେ। ତା' ଛଡ଼ା ଦାନାର ପ୍ରଭାବ ଧାମନଗରରେ ଆଦୌ ପଡ଼ିନାହିଁ। ମିଛ କ୍ଷୟକ୍ଷତି ହୋଇଥିବା ଦର୍ଶାଇ ସରକାରୀ ତହବିଲରୁ କୋଟିକୋଟି ଟଙ୍କା ହଡ଼ପ କରିବାକୁ ଯୋଜନା ହେଉଥିବା ଅଭିଯୋଗ ଆଣିଥିଲେ। ଜିଲ୍ଲା ପ୍ରଶାସନ ନିରବ ରହିବାରୁ ବିରୋଧୀ ତଥା ବିଜୁ ଜନତା ଦଳର ସମର୍ଥନରେ ବିଜୟୀ ହୋଇଥିବା ସରପଞ୍ଚ ଓ ସମିତିସଭ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ ଏନେଇ ହାଇକୋର୍ଟରେ ଏକ ମାମଲା (ଡବ୍ଲୁପି(ସି) ନଂ-୫୭୧/୨୦୨୫) ରୁଜୁ କରିଥିଲେ। କୋର୍ଟ ଏହାର ଶୁଣାଣି କରି ପ୍ରକଳ୍ପ କ୍ରିୟାନ୍ୱୟନ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। କୋର୍ଟ ତାଙ୍କ ରାୟରେ ଆହୁରି ଦର୍ଶାଇଛନ୍ତି ଯେ କ୍ଷୟକ୍ଷତି ଆକଳନ ଠିକ୍ ଭାବେ କରାଯାଇନାହିଁ। ଏଥିପାଇଁ ସ୍ଥାନୀୟ ଜନପ୍ରତିନିଧି, ଗ୍ରାମସଭା ଓ ପଲ୍ଲୀସଭାର ମତ ନିଆଯାଇନାହିଁ। ଏଣୁ ଜାତୀୟ ବିପର୍ଯ୍ୟୟ ରିଲିଫ ପାଣ୍ଠି ଓ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠିରୁ ଅନୁଦାନ ଖର୍ଚ୍ଚ କରିବା ପାଇଁ ଥିବା ଆଇନର ଉଲ୍ଲଂଘନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାଶ୍ମୀରରେ ବିଯୁକ୍ତ...

ଭାରତର ବିଭିନ୍ନ ରାଜ୍ୟର ବହୁ ସହରରେ ଭିଜିବିଲିଟି ଶୂନ ହୋଇପଡ଼ିଥିବା କୁହାଯାଇଛି। ଅନ୍ୟପକ୍ଷରେ ଉତ୍ତର ଭାରତର ବହୁ ରାଜ୍ୟରେ ତାପମାତ୍ରା ଭାବେ ହ୍ରାସ ପାଇବାରେ ଲାଗିଛି। କଶ୍ମୀରରେ ତାପମାତ୍ରା (-) ୧୦ ଡିଗ୍ରୀରେ ପହଞ୍ଚିଥିଲା ବେଳେ ମଧ୍ୟପ୍ରଦେଶରେ ତାପମାତ୍ର ୨.୫ ଡିଗ୍ରୀକୁ ଖସିଆସିଛି। ସେହିପରି ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ,ବିହାର, ହିମାଚଳ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୨ରୁ ୫ ଡିଗ୍ରୀ ମଧ୍ୟରେ ରହିଥିବା ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଉତ୍ତର ଭାରତର କିଛି ରାଜ୍ୟ ସମେତ ତାମିଲନାଡୁ ଏବଂ ପୁଡୁଚେରୀରେ ଆସନ୍ତାକାଲି ଠାରୁ ବର୍ଷା ହୋଇପାରେ ବୋଲି ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି।

### କହିଥିଲେ ୭ ଦିନ...

କ୍ଷୟକ୍ଷତିକୁ ଅତି ନଗଣ୍ୟ ଭାବେ ଦର୍ଶାଯାଉଛି। ବୀମା କମ୍ପାନୀ ଗୁଡ଼ିକର ମନୋମୁଖୀ କାର୍ଯ୍ୟକଳାପକୁ ନେଇ ଚାଷୀ କ୍ଷୋଭ ପ୍ରକାଶ କରୁଛନ୍ତି। ମାତ୍ର ସରକାର ଏନେଇ ମୁହଁ ଖୋଲୁନାହାନ୍ତି କି କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନାହାନ୍ତି। ସୂଚନାଯୋଗ୍ୟ ଯେ ଅଦିନିଆ ବର୍ଷା ଯୋଗୁଁ ରାଜ୍ୟର ପ୍ରାୟ ୨୧ଟି ଜିଲ୍ଲାର ଧାନଚାଷୀ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି।

ଫସଲ ବୀମା କମ୍ପାନୀର ପୂର୍ବ ଟ୍ରାକ୍ ରେକର୍ଡକୁ ଦେଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସେମାନଙ୍କୁ କଡ଼ା ଚେତାବନୀ ମଧ୍ୟ ଦେଇଥିଲେ। ଫସଲ ବୀମା ନିୟମ କମ୍ପାନୀ ଲାଭ ପାଇଁ ଉଦ୍ଦିଷ୍ଟ ନୁହେଁ। ବୀମା କମ୍ପାନୀଗୁଡ଼ିକ ଚାଷୀଙ୍କ ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ। ସେମାନେ ଚାଷୀଙ୍କୁ ହଇରାଣ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ମଧ୍ୟ ଦେଇଥିଲେ। ତେବେ ବୀମା କମ୍ପାନୀଗୁଡ଼ିକର କାର୍ଯ୍ୟକଳାପକୁ ଦେଖିଲେ ମନ୍ତ୍ରୀଙ୍କ ଚେତାବନୀ ସେମାନଙ୍କୁ ଟିକିଏ ହେଲେ ମଧ୍ୟ ପ୍ରଭାବିତ କରିପାରିନାହିଁ। କମ୍ପାନୀ ନିଜର ମନମାନି ଜାରି ରଖିଥିବା ବେଳେ ଏମାନଙ୍କ ଉପରେ ଲଗାମ କଷିବା ଦିଗରେ ସରକାରଙ୍କ ନିରବତାକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହେଲାଣି।

ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କ୍ଷୟକ୍ଷତି ଭରଣା ଲାଗି ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। କିପରି ଅଧିକରୁ ଅଧିକ ଚାଷୀ ଏହି ବୀମାଭୁକ୍ତ ।।ହେବେ ସେନେଇ ଉଭୟ ସରକାର ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ ଚାଷୀ ବି ଏହି ବୀମା ଉପରେ ଭରସା କରି ପ୍ରତି ବର୍ଷ ବୀମା କରୁଛନ୍ତି। ମାତ୍ର କମ୍ପାନୀର ଲାଭଖୋର ମନୋବୃତ୍ତି ଏବେ ଚାଷୀଙ୍କ ମନରେ ନିରାଶା ଭରିଦେଇଛି। ବିଶେଷକରି ବୀମା ରାଶି ପ୍ରଦାନରେ ଜଟିଳତା, କ୍ଷୟକ୍ଷତିର ସଠିକ୍ ଆକଳନ ନକରିବା ସହ ନାମକୁ ମାତ୍ର ଅର୍ଥରାଶି ପ୍ରଦାନ ଚାଷୀଙ୍କୁ କ୍ଷୁବ୍ଧ କରିଛି। ତେଣୁ ଧିରେ ଧିରେ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି। ଏପଟେ ରାଜ୍ୟ ସରକାର ଚାଷୀଙ୍କ ବୀମା ପ୍ରିମିୟମ ଭରୁଥିବା ବେଳେ ପ୍ରିମିୟମ ଅର୍ଥରାଶିରେ ବୀମା କମ୍ପାନୀ ମାଲାମାଲ ହେଉଛନ୍ତି। ବୀମା କମ୍ପାନୀଙ୍କ ଉପରେ ସରକାର ତୀକ୍ଷ୍ଣ ନଜର ରଖୁନଥିବାରୁ ଏବଂ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଏପରି ସ୍ଥିତି ଉତ୍ପନ୍ନ ହେଉଥିବା ଚାଷୀନେତା ଅଭିଯୋଗ କରିଛନ୍ତି।

ସୂଚନାଥାଉ କି ପୂର୍ବରୁ କେନ୍ଦ୍ର ସରକାରଙ୍କ କୃଷିମନ୍ତ୍ରଣାଳୟ ରାଷ୍ଟ୍ରୀୟ କୃଷିବୀମା ଯୋଜନାରେ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରୁଥିଲେ। ହେଲେ ୨୦୧୬ରେ କେନ୍ଦ୍ର ସରକାର ଏହି ବ୍ୟବସ୍ଥାକୁ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପ୍ରଣୟନ କଲେ। ଏହି ବ୍ୟବସ୍ଥାର ଘରୋଇକରଣ କରାଯିବା ସହିତ ଘରୋଇ କମ୍ପାନୀଗୁଡ଼ିକୁ ବୀମା କମ୍ପାନୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହାପରେ ବୀମା କମ୍ପାନୀଗୁଡ଼ିକ ବୀମା ରାଶି ପ୍ରଦାନରେ ମନମାନି କରି ଆସୁଛନ୍ତି ବୋଲି ଗଦା ଗଦା ଅଭିଯୋଗମାନ ଆସିବାରେ ଲାଗିଛି।

### ଜମିରେ ଟଳିପଡ଼ିଲେ...

ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ପରେ ତାଙ୍କୁ ବ୍ରହ୍ମପୁର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଉଲ୍ଲେଖଯୋଗ୍ୟ, ଛତ୍ରପୁର ବ୍ଲକ୍ ବରଙ୍ଗ ଗ୍ରାମର ଭାଗଚାଷୀ ବନମାଳୀ ପେଣ୍ଟେଇ (୬୪) ଆତ୍ମହତ୍ୟା କରିବା ଘଟଣାର ଠିକ୍ ୧୫ଦିନ ପରେ ଆଜି ଈଶ୍ୱରଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଈଶ୍ୱରଙ୍କ ପୁଅ ପି.ଚିତ୍ତରଞ୍ଜନ ରେଡ୍ଡୀଙ୍କ କହିବାନୁଯାୟୀ, ଈଶ୍ୱର ନିଜର ୩ ଏକର ଓ ଅନ୍ୟର ୨ ଏକରକୁ ମିଶାଇ ସମୁଦାୟ ୫ ଏକର ଜମିରେ ଫସଲ କରିଥିଲେ। ସେଥିପାଇଁ ବିପୁଲିଙ୍ଗି ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୭୦ ହଜାର, ସମବାୟ ବ୍ୟାଙ୍କରୁ ୯୫ ହଜାର ଓ ହାତ ଉଧାରିରେ ୧ଲକ୍ଷ ଟଙ୍କା ଆଣିଥିଲେ। କିନ୍ତୁ, ଅଦିନିଆ ବର୍ଷାରେ ତାଙ୍କ ଫସଲ ନଷ୍ଟ ହୋଇଯିବାରୁ କିଛି ଦିନ ହେଲା ସେ ଚିନ୍ତାରେ ରହୁଥିଲେ। କେମିତି ଋଣ ଶୁଝିବେ, ସେଇ ଚିନ୍ତା ତାଙ୍କୁ ଅଥୟ ହରଦମ୍ ଅଥୟ କରୁଥିଲା। ଶୁକ୍ରବାର ଫସଲ ଅମଳ କାମ ଚାଲୁଥିଲା ବେଳେ ଈଶ୍ୱର ଜମିରେ ଠିଆ ହୋଇ ତଦାରଖ କରୁଥିଲେ। କିନ୍ତୁ ଆଶାଠାରୁ ଖୁବ୍ କମ୍ ଅମଳ ଦେଖି ସେ ସେହିଠାରେ ହିଁ ତଳେ ପଡ଼ି ଯାଇଥିଲେ।

ଗ୍ରାମବାସୀ ଜି.ଘନଶ୍ୟାମ ରେଡ଼ି, ଜି.ଦୁର୍ଯ୍ୟୋଧନ ରେଡ୍ଡୀ କହିଛନ୍ତି ଯେ ଈଶ୍ୱର ଗତ କିଛି ଦିନ ହେବ ଚିନ୍ତାରେ ରହୁଥିଲେ। କାହା ସହ ଠିକ୍‌ରେ ମିଳାମିଶା କି କଥାବାର୍ତ୍ତା କରୁ ନ ଥିଲେ। ଏପରିକି, ସୋସାଇଟିରେ ଧାନ ବିକ୍ରି ପାଇଁ ୬ ତାରିଖରେ ଟୋକନ୍ ମଧ୍ୟ ଆସିଥିଲା। ଉକ୍ତ ଟୋକନ୍‌ରେ ୬୪.୧୧ କ୍ୱିଣ୍ଟାଲ ଧାନ ସୋସାଇଟିରେ ବିକ୍ରି ପାଇଁ ଆସିଥିବା ଜଣାପଡ଼ିଛି। ସମସ୍ତ ଋଣ ଛାଡ଼ ସମେତ କ୍ଷତିପୂରଣ ଦେବା ପାଇଁ ପରିବାରଲୋକ ଦାବି କରିଛନ୍ତି।

### ଜଳିଗଲା ବିଳାସପୂର୍ଣ୍ଣ...

ଭାଗରେ ସାନ୍ତା ମୋନିକା ପାର୍ବତ୍ୟ ଶ୍ରେଣୀର ପାଦ ଦେଶରେ ପ୍ରତିଷ୍ଠା ହୋଇଥିଲା ଏହି ବିଳାସପୂର୍ଣ୍ଣ ଅଟ୍ଟାଳିକା। ଲୁମିନାର ଟେକନୋଲୋଜିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଷ୍ଟିନ ରୁସେଲଙ୍କ ମାଲିକାନାରେ ରହିଥିବା ଏହି ଭବ୍ୟ ଏବଂ ବିଳାସପୂର୍ଣ୍ଣ ମାନସନ ଏବେ ଭୂତକୋଠିରେ ପରିଣତ ହୋଇଛି। ଆମେରିକାର ବିଭିନ୍ନ ପ୍ରଦେଶ କିମ୍ବା ପ୍ରମୁଖ ସହରରେ ରହିଥିବା ବହୁ ବିଳାସମୟ ହୋଟେଲ କିମ୍ବା ମାନସନ୍ ମଧ୍ୟରେ ପାସିଫିକ୍ ପାଲିସେଡସ୍'ର ଚାହିଦା ଅଧିକ ରହିଥିଲା। ଏହି ବିଳାସପୂର୍ଣ୍ଣ ମାନସନ ହଲିଉଡ୍ ସହରକୁ ଲାଗି ରହିଥିବାରୁ ଅଧିକାଂଶ ସମୟରେ ଏଥିରେ ପ୍ରମୁଖ ହଲିଉଡ୍ ଷ୍ଟାରମାନଙ୍କ ଠାରୁ ଆରମ୍ଭ କରି ହାଇପ୍ରୋଫାଇଲ ସେଲିବ୍ରିଟି ରହିଥାଆନ୍ତି। ଏହାର ଭଡ଼ା ମଧ୍ୟ କିଛି କମ୍ ନୁହେଁ। ୨୦୨୩ରେ ଏହି ମାନସନ ଆମେରିକାର ସବୁଠୁ ବିଳାସମୟ ଆବାସିକ ସ୍ଥଳ ଭାବେ 'ଏଚବିଓ ସକ୍ସେସନ'ରେ ସ୍ଥାନ ପାଇଥିଲା ବେଳେ ଏହାର ମାସିକ ଭଡ଼ା ପ୍ରାୟ ୪ କୋଟି ଟଙ୍କା ଥିଲା। ଭଡ଼ାକୁ ନେଇ ମଧ୍ୟ ବିଶ୍ୱସ୍ତରରେ ଚର୍ଚ୍ଚା ଲାଗି ରହିଥିଲା। ତେବେ ଆମେରିକାରେ ପ୍ରଳୟ ରଚି ଚାଲିଥିବା ଜଙ୍ଗଲ ନିଆଁ ଏହାକୁ ମଧ୍ୟ ଗ୍ରାସି ସାରିଛି।

କାଲିଫର୍ଣ୍ଣିଆ ପ୍ରଦେଶର ବିଭିନ୍ନ ସହରକୁ ଏବେ ନିଆଁ ବ୍ୟାପି ପ୍ରଳୟ ରଚି ଚାଲିଥିଲେ ହେଁ ନିଆଁକୁ ଆୟତ୍ତ କରିବା ଏବେ ମଧ୍ୟ ସମ୍ଭବ ହୋଇନାହିଁ। ସବୁ ଉଦ୍ୟମ ସତ୍ତ୍ୱେ ନିଆଁ ବିଭିନ୍ନ ସହରକୁ ମାଡି ଚାଲିଛି। ତୀବ୍ର ବେଗରେ ପବନ ବୋହିବା ସବୁଠୁ କାଳ ହୋଇଛି। ଜଙ୍ଗଲ ବହ୍ନିରେ ଜଳିପୋଡି ବିଭିନ୍ନ ସହର ଏବେ ଭୂତକୋଠି ଭଳି ଦେଖାଯାଉଛି।

### ଜାଲ, ବାଉଁଶରେ...

ବ୍ୟବହାର ଏବଂ ପରିତ୍ୟକ୍ତ ପଲିଥିନ୍ ଓ ପ୍ଲାଷ୍ଟିକ, ଚିଙ୍ଗୁଡି ଚାଷର ଘେରିବନ୍ଧ କାରଣରୁ ଜବରଦଖଲରେ ଅଣନିଶ୍ୱାସୀ ଏବେ ଚିଲିକାରାଣୀ। ପଙ୍କିଳ ଚିଲିକାର ଗଭୀରତା ବି ଖସିଗଲାଣି। ପାରମ୍ପରିକ ମତ୍ସ୍ୟଜୀବୀ ଏବେ ହା ହୁତାଶ ମଧ୍ୟରେ ଜୀବନ କାଟୁଛନ୍ତି। ସେମାନଙ୍କ ଭାତହାଣ୍ଡି ଏବେ ମରି ମରି ଯାଉଛି। ଚିଙ୍ଗୁଡି ମାଫିଆଙ୍କ ରାଜୁତି ପରେ ଘେରି ନିର୍ମାଣ ସହ ରାସାୟନିକ ସାରର ବ୍ୟବହାର ବଢ଼ି ଚାଲିଛି, ଯାହା ବହୁ ମାଛ ବଂଶକୁ ନିଶ୍ଚିହ୍ନ କରିଦେଲାଣି। ପାରମ୍ପରିକ ମତ୍ସ୍ୟଜୀବୀ ଆଖିଦୃଶିଆ ମାଛ ପାଉନାହାନ୍ତି। ଡଙ୍ଗା ଓ ଜାଲ ନେଇ ଚିଲିକାକୁ ଗଲେ ମଧ୍ୟ ପେଟ ପୂରୁନି। ନିଜ ଛୁଆପିଲାଙ୍କ ଭବିଷ୍ୟତ ପାଇଁ ମତ୍ସ୍ୟଜୀବୀ ଏବେ ଚିନ୍ତାରେ। ବେଆଇନ ଘେରି ଉଚ୍ଛେଦ କେବଳ ଲୋକଦେଖାଣିଆ।

ପରିବେଶବିତ୍‌ଙ୍କ ମତରେ ଚିଲିକା ଗର୍ଭକୁ ଏବେ ଅପେକ୍ଷାକୃତ ଅଧିକ ଲୁଣି ଜଳ ଆସି ଲବଣାଂଶକୁ ବଢ଼ାଇ ସନ୍ତୁଳନକୁ ବିଗାଡ଼ିଛି। କାଗଜପତ୍ରରେ ଭିନ୍ନ ତଥ୍ୟ ଦିଆଯାଉଥିଲେ ମଧ୍ୟ ଗତ କିଛି ବର୍ଷ ହେବ ଚିଲିକାରେ ମାଛ, କଙ୍କଡ଼ା ଉତ୍ପାଦନ କମିଛି। ପୂର୍ବରୁ ବର୍ଷକ ବାର ମାସ ଚିଲିକାରୁ ପ୍ରଚୁର ମାଛ ମିଳୁଥିଲା। ବିଶେଷକରି ଅରଖକୁଦା, ଗବକୁଣ୍ଡ, ମିର୍ଜାପୁର, ସାନପାଟଣା, ନୂଆପାଟଣା, ଆଳୁପାଟଣା, ମଏଁଷା, ବରହମ୍ପୁର, ସାତପଡ଼ାଗଡ଼, ଯଦୁପୁର ଏହିଭଳି ଚିଲିକା ଉପକୂଳରେ ୫୨ଟି ଗାଁ ସମ୍ପୂର୍ଣ୍ଣ ଭାବେ ଚିଲିକାର ମତ୍ସ୍ୟ ସମ୍ପଦ ଉପରେ ନିର୍ଭରଶୀଳ ଥିଲେ। ମାତ୍ର ଏବେ ସେଭଳି ସ୍ଥିତି ନାହିଁ। ଚିଲିକାକୁ ଆଉ ଭରସା କରିପାରୁନାହାନ୍ତି ପାରମ୍ପରିକ ମତ୍ସ୍ୟଜୀବୀ।

ଅନ୍ୟପକ୍ଷରେ ଚିଲିକାରେ ନଳଘାସ ମାଡ଼ିଲାଣି। ବିଭିନ୍ନ ପ୍ରକାର ଆବର୍ଜନା ଏବଂ ଅନ୍ୟାନ୍ୟ କେତେକ କାରଣ ପାଇଁ ପୋତି ହେବାରେ ଲାଗିଛି। ଏ ଧାରା ଜାରି ରହିଲେ ଚିଲିକା ଉପରେ ଜୀବିକା ପାଇଁ ନିର୍ଭରଶୀଳ ପାରମ୍ପରିକ ମତ୍ସ୍ୟଜୀବୀ ଏକ ଦାରୁଣ ଅର୍ଥନୈତିକ ଓ ସାମାଜିକ ବିର୍ପଯ୍ୟୟର ସମ୍ମୁଖୀନ ହେବେ; ଏହା ଏକପ୍ରକାର ନିଶ୍ଚିତ। ଦୁଇ ଦଶନ୍ଧି ତଳେ ଚିଲିକାରେ ୨୨୫ ପ୍ରଜାତିର ମାଛ ଥିଲେ। ମାତ୍ର ପରିବେଶଗତ ସଂକଟ ସୃଷ୍ଟି ହେବାରୁ ମାଛଙ୍କ ପ୍ରଜାତି ସଂଖ୍ୟା ଖସି ଆସିଲାଣି। ଆଗକୁ ଏହା ବଡ଼ ବିପର୍ଯ୍ୟୟର ସଙ୍କେତ ଦେଉଛି। ବେଳ ଥାଉ ଥାଉ ସରକାର ଓ ସାମାଜିକ ସଙ୍ଗଠନ ଏହାକୁ ଗମ୍ଭୀରତାର ସହ ନେବା ଦରକାର ବୋଲି କୁହାଯାଉଛି।


**AFFIDAVIT**

By virtue of an affidavit No.: 63, dated 10.01.2025 sworn before the Executive Magistrate, Bhubaneswar , **I Benoy C Chacko,** S/o.: Late Varghese Chacko, Resident of Cosmopolis Apartment, Flat No.: 113, Block-J, Bhubaneswar Dist.: Khordha, PIN-751019, Odisha, have changed my Son's name from Riyon Varughes Chacko to Riyon Varghese Chacko. Henceforth,he will beknown as **RIYON VARGHESE CHACKO** for all future purposes.

**AFFIDAVIT**

I, P.ANKIT KRISHNA,S/o-P.RAVANA,Resident of Gandhi Nagar, Koraput, Ps-Koraput Town Dist-Koraput, Pin-764020, Odisha declare by this affidavit No-17 Dated-07/01/2024 that now onwards i shall be known as POTNURU ANKIT KRISHNA for all future purposes.

**WE ARE HIRING**

Join India's most Trusted fitness equipment Brand.

**WELCARE**

Positions Available

1) **Marketing Executive** (Any Graduate/MBA)
2) **Technician** (ITI / Diploma - Any Trade)
3) **Delivery Boy** (10th / + 2)

Please send your CV at
Email: fitnesscarebbsr@gmail.com

Call : 7788014444

Visit: Welcare Fitness Equipment, Pandara Square, BBSR-Puribypass, Bhubaneswar

**AFFIDAVIT**

I, Heeramani Sahoo, W/o- Srikanta Sahoo, resident of Vill- Kaspa, PO- Ahiyas, PS- Mangalpur, Dist- Jajpur, Odisha declared by this affidavit No. 10, dtd- 02/01/2025 that now onwards I shall be known as **HIRAMANI SAHOO** for all future purposes.

**AFFIDAVIT**

I, Srikant Sahoo, S/o- Bairagi Sahoo, resident of Vill- Kaspa, PO- Ahiyas, PS- Mangalpur, Dist- Jajpur, Odisha declared by this affidavit No. 09, dtd- 02/01/2025 that now onwards I shall be known as **SRIKANTA SAHOO** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, Dtd- 31/12/2024. I, **Rabindra Kumar Muduli,** resident of Vill- Kapileswar, Kumbharsahi, PO- Old Town, PS- Shree Lingaraj, Bhubaneswar, Dist- Khordha, Odisha have changed my twins daughter name from **(Ankita Muduli To Smuti Rekha Muduli) and (Ritika Muduli To Swagatika Muduli).** Henceforth, both of them shall be known as **Smuti Rekha Muduli & Swagatika Muduli** for all future purposes.

**AFFIDAVIT**

By virtue of an affidavit before the Notary Public, Bhubaneswar Dated 05/01/2024, I **Shri Sushil Peter Minz,** aged about 60 years, S/O Late Remis Minz, Qr. No-Type-II-585, New AG Colony, Bhubaneswar, do hereby solemnly affirm that my Name/surname **Sushil Peter Minz** in all my records. But wrongly mentioned as **Sushil Peter Minj** in my HSC certificate bearing Roll No- 01D222. That both Name/surname **Sushil Peter Minz and Sushil Peter Minj** are one and same person. That the facts above are true to the best of my knowledge.

**Sd/- Sushil Peter Minz**

**AFFIDAVIT**

By virtue of an affidavit before the Notary Public, Titilagarh. I, **Subham Bhati,** S/o- Balkrushna Bhati aged about 27yrs, R/o Hatpada Pada, Titilagarh, Pin- 767033, affirm that my actual name is Subham Bhati as per my Aadhar Card No. 297312534078, but in my driving licence bearing No. OD0320190000762 my name has been wrongly mentioned as **Subham Hati. Subham Bhati and Subham Hati** are same and one person, henceforth I will be known as **Subham Bhati** in all future purposes.

# ମିତା ମୋର ପ୍ରଥମ ପସନ୍ଦ



ସୁକାନ୍ତ ସାହୁ



ମିତାକୁ ନେଇ କିଛି କଥା ମୋର କହିବାର ଅଛି। କାରଣ ବରାବର ଆମ ଘରେ ମିତାକୁ ନେଇ ନିଆଁ ଜଳେ। ଅନେକ ଥର ଅରନ୍ଧା ଅବଢ଼ା ରହେ ଆମ ଘର। ଭୋକ ପେଟରେ କେବେ ସିଗାରେଟ୍ ପି' କେବେ ପାଣି ପି' ରାତି କଟା ହୁଏ।

ତେବେ ଏ ମିତା କିଏ, ଯାହାକୁ ନେଇ ଗୋଟେ ଗପ ପଢ଼ିବେ ପାଠକେ! ମିତା ଗୋଟେ ସାଦା ଝିଅ। ନାଲି ପୋଷାକ ତାକୁ ଭାରି ଭଲ ମାନେ। ବୟସରେ ମୋ' ସାନ ଭଉଣୀ ବୟସର। ମୋ' ଠୁଁ ସେଇ ଦଶ ବାର ବର୍ଷ ସାନ। ମୋ' ଅଫିସ୍‌ରେ ଚାକିରି କରେ, ଡାଟା ଏଣ୍ଟ୍ରି ଅପରେଟର୍। ଦରମା ତା'ର ସର୍ବମୋଟ ୩୩୮୧୨ ଟଙ୍କା। ଏତକ ଟଙ୍କାରେ ତା'ର ଢେର୍ ଖୁସି। ତା'ର ଗୋଟେ ଅଛି ପାଉଁଶ ରଙ୍ଗର ସ୍କୁଟି। ଭେନିଟିର ରଙ୍ଗ ବି ବୋଧେ ସେଇ ରଙ୍ଗର।

ଖୁବ୍ ଖୁସି ଥାଏ ମିତା। ମୋ' ଟେବୁଲ୍‌ରୁ ଛ'ଟା କେବିନ୍ ଛାଡ଼ି ବସେ ସେ। ସେ ଯେଉଁଠି ବସେ ସେଇଠୁ ତା'ର ଭଏସ୍ ମୋ' ପାଖକୁ ଆସିବା କଥା ନୁହଁ, ହେଲେ ମୋ' ଇଣ୍ଟରେଷ୍ଟ ଯୋଗୁଁ ମୁଁ ଶୁଣି ପାରେ ତା'ର ଫୁସ୍‌ଫାସ୍ ଆବାଜ୍। ବେଳେବେଳେ ମୋ' ଟେବୁଲ୍‌ରୁ ଦିଶିଯାଏ ତା' ରେଶମୀ ବାଳ। ମୋ' କାମର ଭିଡ଼ ଭିତରେ ମୋତେ ରିଲାକ୍ସ କରେ ସେ ଦୃଶ୍ୟ।

ମୋର ଏ ପ୍ରକାର ବକ୍ତବ୍ୟରୁ ହୁଏତ ପାଠକେ ମୋତେ ଜଣେ ଅବିବାହିତ ତରୁଣ ଭାବୁଥିବେ, ବାସ୍ତବରେ କଥା ସେମିତି ଜମା ନୁହେଁ, ମୁଁ ଜଣେ ବିବାହିତ ପ୍ରୌଢ଼ କହିଲେ ଚଳେ। ମୋର ଗୋଟେ ହସଖୁସିର ସଂସାର ଅଛି, ଯେଉଁଥିରେ ଜଣେ ସୁନ୍ଦରୀ ସ୍ତ୍ରୀଲୋକ, ଦୁଇଟି ମେଧାବୀ ସନ୍ତାନ, ଗୋଟେ ମନଲାଖି ଘର, ଛୋଟ ବଗିଚା, ସୁନ୍ଦର ଗାଡ଼ି ଅଛି।

ତଥାପି ତ ମିତା ମୋ' ପ୍ରଥମ ପସନ୍ଦ।

ମିତା ସହ ଥିଲାବେଳେ ମୁଁ ଖୁସିରେ ମିଠା ଜୁସ୍ ପି' ପାରେ। ଗୋଟେ ଲେଗ୍ ପିସ୍ ତନ୍ଦୁରି ଖାଇପାରେ ଆଉ ଗୋଟେ ପେଗ୍ ସେଥିରୁ ବି ନେଇପାରେ।

ହେଲେ ମୋ' ସୁନ୍ଦରୀ ସ୍ତ୍ରୀ ଗୋଟେ ହାତରେ ହଣ୍ଟର ଧରି ତାଗିଦ୍ କରେ ମୋତେ। ସକାଳେ କଲରା ଜୁସ୍, ଟିଫିନ୍‌ରେ କାଦୁଆ ଓଟ୍ସ, ଲଞ୍ଚରେ ମେଞ୍ଚାଏ କାକୁଡ଼ି ଗାଜର ସାଲାଡ୍। ରାତିରେ ଘରଯାକର ହିସାବ। ପରିବାର ପରିଜନଙ୍କ ସମ୍ପର୍କର ଇନ୍ଦ୍ରଜାଲ, ପିଲାମାନଙ୍କ ଡିମାଣ୍ଡ, ପଡ଼ୋଶୀଙ୍କ ଇଙ୍ଗିତ। ରିଟାର୍‌ମେଣ୍ଟର ପ୍ଲାନିଂ। ଓଃ ରିଅଲି ମୁଁ ବୁଢ଼ା ହୋଇଯାଏ।

ପତ୍ନୀ ମୋର ଖୋଜନ୍ତି ମୋ' ଦେହରେ ସେ ପୁରୁଣା ଦିନ। ଦିନ ତ ପୁରୁଣା ହୋଇଯାଏ। ଯେଉଁ ଲୋକ ଜିମ୍‌ରେ ଘଣ୍ଟାଘଣ୍ଟା ୱାର୍କଆଉଟ୍ କରୁଥିଲା, ସିଏ ଏବେ ଥକ୍କାହୋଇ ବସିପଡ଼େ ଅଧ କିଲୋମିଟର ବାଟ ଚାଲି।

ଘଷରା ଲାଗେ ଘର। କୋଉ ଆମ ବାହାଘର କାଳରୁ ପଡ଼ିଛି ଘରେ ଗୋଟେ ଡାଇନିଂ ଟେବୁଲ୍। ସେଇଥିରେ କେବେ ଗୋଟେ ରଙ୍ଗିନ ଜରି ଘୋଡ଼େଇ ଖାଇଛୁ, ମଣ୍ଡା କାକରା ବଦଳରେ ମମୋଜ୍। ପଲଉ ବଦଳରେ ଚାଓମିନ୍। ହେଲେ କୋଉ ଦେଉଛି ସେ ସୁଖ! ସେଠିକୁ ତ ପଶିଆସେ ବଡ଼ଭାଇଙ୍କ ଝିଅ ବାହାଘରର ହାତ ଗଣ୍ଠି ପ୍ରସଙ୍ଗ। ଓଃ, ଉଗ୍ର ହୋଇଯାଆନ୍ତି ସୁନ୍ଦରୀ ପତ୍ନୀ ମୋର। ତାଙ୍କ ଗୋରା ଗାଲ ନୀଳ ପଡ଼ିଯାଏ।

ମିତା କ'ଣ ମୋ' ପତ୍ନୀଙ୍କ ପରି କେବେ ନୀଳ ପଡୁଥିବ?

ମାସକୁ ମୋର ଆସେ ଲକ୍ଷେରୁ ଅଧିକ ଟଙ୍କା। ଲୋନ୍ ସୁଝାରେ ଯାଏ ଅଧେ। ମୋବାଇଲ୍ ରିଚାର୍ଜ, ଗାଡ଼ିରେ ତେଲ ପକା, ଟାଉନ୍ ବସ୍ ଫେୟାର୍, ସାଙ୍ଗ ମେଳର ଚା' ସିଗାରେଟ୍ ଖର୍ଚ୍ଚ, ପତ୍ନୀଙ୍କ ମାର୍କେଟିଂ ଖର୍ଚ୍ଚ, ଘରକୁ ଆସୁଥିବା ବନ୍ଧୁବାନ୍ଧବଙ୍କ ପାଇଁ ହୋଟେଲ୍‌ରୁ ଆସୁଥିବା ପାର୍ସଲ, ଅନ୍‌ଲାଇନ୍ ସପିଂ, ପିଲାଙ୍କ ଖର୍ଚ୍ଚ ଶେଷରେ ସତରେ ମୁଁ ପୂରା ଫକୀର। ନାଇଁ ଘର ବାହାରେ ଦୁନିଆଟା କେତେ ମିଠା!

ଅଫିସ୍ ବାହାରର ଦେବଦାରୁ ଗଛମାନେ ଖୁବ୍ ସବୁଜ ଦିଶନ୍ତି। ସିଧା ଆକାଶକୁ ଦେଖନ୍ତି। ଜହ୍ନ ସହ କଥା ହୁଅନ୍ତି, ସୂର୍ଯ୍ୟଙ୍କୁ ହାତ ହଲେଇ ଉଇସ୍ କରନ୍ତି। ଗଛମାନେ ମିତାକୁ ଭଲ ପାଆନ୍ତି। ଗଛମାନେ ମୋ' ସହ ଦୁଃଖସୁଖ ହୁଅନ୍ତି। ମୁଁ ଭାଙ୍ଗି ପଡ଼ିଲେ, ସେମାନେ କହନ୍ତି ଆମେ ସବୁ ଫାଇଲିନ୍‌ରେ ନଣ୍ଡା ହୋଇଗଲୁ, ଆରଦିନ ପୁଣି ଆମ ଦେହରେ ନୂଆ ପତ୍ର କଅଁଳିଲା।

ପତ୍ନୀଙ୍କ ଗାଳି ଆକଟ, ମାଷ୍ଟ୍ରେଙ୍କ ପରି ତାଗିଦକୁ ଦୂରେଇବା ପାଇଁ ଖଣ୍ଡେ ସିଗାରେଟ୍ ଧୂଆଁ ହୋଇଯାଏ। ମିତା ସେତେବେଳେ ପାଖରେ ଥାଏ। ସିଗାରେଟ୍ ଧୂଆଁରେ ସେ ଆକ୍ତାମାକ୍ତା ହୁଏନା, ଗଣେଶ ଦୋକାନରୁ ଦି' କପ୍ କଡ଼ା ଚା' ଆଣେ ତା' ଦି' ହାତରେ। କପେ ତା'ର, କପେ ମୋର। ତା' ହାତଛୁଆଁ ସେ ସୁଗର୍ ଫ୍ରି ଚା'ଟା କି ମିଠା!

ଘର ଠୁଁ ଅଲଗା ଆଉ ଗୋଟିଏ ଦୁନିଆ, ଯେମିତି ଅଫିସ୍ ନ ଥାନ୍ତା ତ ମଣିଷ କ'ଣ ରିଟାର୍‌ମେଣ୍ଟ ଏଜ୍‌କୁ ପୂରା କରନ୍ତା?

ଏତେ ସବୁ ଭିତରେ ମୋତେ ଜୀବନ ଦିଏ ମିତାର ଫିସ୍‌ଫିସ୍ ଆୱାଜ। ତା' ଗୋଲାପି ଓଠ ଆଉ ରେଶମୀ ବାଳ। ରିଅଲି ମିତା ମୋର ପ୍ରେମିକା ନୁହଁ, ବଜାରର ଗୋଟେ କମନ୍ ଦୃଶ୍ୟ। ତଥାପି ମିତା ମୋର ପ୍ରଥମ ପସନ୍ଦ। ■


ଶ୍ରୀରୂପା, ରାମନଗରପଡ଼ା,
ଭବାନୀପାଟଣା-୭୬୬୦୦୧
ମୋ.: ୯୪୩୭୭ ୦୦୦୩୭


# କଥା ସରିଗଲା ସେତିକିରେ

ଡକ୍ଟର ଜୟନ୍ତୀ ରଥ





ହ୍ୟାଲୋ...ଅପା
ହଁ...ହଁ...
ଫୋନ୍ ରଖ ଏବେ
ମୁଁ ବୁଡ଼ି କି ଅଛି
ବାଲି ସିମେଣ୍ଟରେ
ଘୋ ଘୋ ଶବ୍ଦରେ
ଆରେ – ମୋ କବି ଅପାଟା
ପଡ଼ିଯାଇଚି କି ଜନ୍ତାରେ
ଖବର ଦେବି ପୁଲିସ୍‌ରେ?
କଥା ସରିଗଲା ସେତିକିରେ।

ହ୍ୟାଲୋ ... ମାଆ...
ହଁ ଧନ
ବର୍ଷା ମାଡ଼ି ଆସିଲାଣି ଜୋର୍‌ରେ
କାନ ଅତଡ଼ା ପଡୁଚି ଘଡ଼ଘଡ଼ିରେ
ତୁ ଫୋନ୍ ରଖ
ମୁଁ ଯାଉଚି ଉପରକୁ
ଗଦାଏ ଲୁଗା ପଡ଼ିଚି ଛାତରେ ।

ହ୍ୟାଲୋ... ହେଇଟି ଶୁଣ!
କିଛି ପରିବା ନାହିଁ ଫ୍ରିଜ୍‌ରେ
ଆଳୁ, ପିଆଜ
ବିନ୍, ପୋଟଳ
ଆଣିକି ଆସିବ
ଯାହା ପାଇବ ବାଟରେ
ଓଃ... ସବୁବେଳେ ଫୋନ୍ କାହିଁକି କର
ଅବେଳରେ
ମୋ କଥା ସରିଗଲା ସେତିକିରେ। ■


ମୋ: ୮୮୯୫୬୧୭୯୫୬


# ପଛ କଥା

ବଂଶୀଧର ଷଡ଼ଙ୍ଗୀ



ପଥ କଥା କହିଲେ ହିଁ ମୋର ମନେପଡ଼େ
ତା'ର ନାକ କାନ୍ଦୁରୀପଣ ଓ
ଶେଷ ବେଳକୁ ମତେ ଖୋଜୁଥିବା କଥା
କ'ଣ ହେଲା କେଜାଣି
ମୁଁ ଖବର ପାଇଲା ବେଳକୁ
ବହୁତ ଡେରି ହେଇ ଯାଇଥିଲା।
ପଛକୁ ଚାହିଁଲେ
ଆମ ଗାଁର ବରଗଛ ପୋଖରୀ କୂଳ
ଓ ମନ୍ଦିର ବେଢ଼ାର ଚମ୍ପାର କନିଅର
ଆଉ ବଉଳଗଛର କଥା ମନେପଡ଼େ।
ଖରାଦିନେ ସେଇ ମନ୍ଦିର ବେଢ଼ାର
ଚଉରା ମୂଳେ ଆମେ ସାଙ୍ଗମାନେ
ଯିଏ ଯେଉଁ ଜାଗାରେ ଶୋଇପଡୁ
ଚଉରା ଉପରକୁ ପଣସ ଗଛର ଛାଇ
ବେଶ୍ ଥଣ୍ଡାପଣ ଦଉଥାଏ।
ବେଳେବେଳେ ପାଖ ଗାଁରେ
ରାମଲୀଳା ଦେଖିବାକୁ ପଳେଇ ଯାଉ
ହେଲେ ଗଛଗହଳ ରାସ୍ତାରେ
ଗଛରୁ କିଏ ଧଳାଶାଢ଼ି ପିନ୍ଧା ସ୍ତ୍ରୀଲୋକଟେ
ଓହ୍ଲେଇ ପଡ଼ିଲା ଭଳି ମନେହୁଏ
ଆମେ ଏଣେତେଣେ ଭୟରେ
ଦଉଡ଼ା ଦଉଡ଼ି କରିବାରେ ଲାଗିପଡୁ।
ମନ୍ଦିର ବେଢ଼ାର ଚଉରାଠୁ ଅଳ୍ପ ଦୂରରେ
ପୋଖରୀ ପାଚେରି ଆରମ୍ଭ
ପୋଖରୀ କଥା ଭାବିଲେ
ପଞ୍ଚସଖାଙ୍କ ଭଜନ କଥା ମନେପଡ଼େ
ଯେମିତି ପାଣି ନାହିଁ ପଙ୍କ ନାହିଁ
ଅଥଚ ପୋଖରୀରେ ଲହଡ଼ି ଖେଳୁଛି
ଏବଂ ସେଇଠି ହଜାରେ ପାଖୁଡ଼ାର
ଫୁଲଟିଏ ଫୁଟିଛି।
ଏବେ ପରିଣତ ବୟସରେ
ପଛକଥା ମନେ ପକେଇଲା ବେଳକୁ
ଏଇ ଭଜନ ଜଣାଣ
ଆପେ ଆପେ ପଶିଆସୁଚି ମନ ଭିତରକୁ। ■


କବିତା ଘର, ଗୁହାଳପଡ଼ା
ପୋ: ନିମାପଡ଼ା, ଜି: ପୁରୀ
ପିନ୍: ୭୫୨୧୦୬
ମୋ: ୮୯୧୭୨୭୦୫୫୬


# ଫକୀର ମୋହନଙ୍କ ଉପନ୍ୟାସରେ ସମାଜତତ୍ତ୍ୱ

ଡକ୍ଟର ଶର୍ମିଷ୍ଠା ମହାପାତ୍ର



'ଉପନ୍ୟାସ' ହେଉଛି ମଣିଷ ଜୀବନର ଚଳନ୍ତି ଘଟଣାଗୁଡ଼ିକର ଏକ ଚିତ୍ରିତ ବାସ୍ତବ ପ୍ରବାହ। ମୂଳତଃ ସମାଜର ବାର୍ତ୍ତାକୁ ଏଥିରେ ଚିତ୍ରଣ କରାଯିବାର ବିଶେଷ ପ୍ରୟାସ ରହିଥାଏ। ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ ଔପନ୍ୟାସିକ ପ୍ରେମଚାନ୍ଦ ଏ ସମ୍ପର୍କରେ କହିଛନ୍ତି ଯେ, 'ମାନବ ଚରିତ୍ର ଓ ଜୀବନର ରସ ରହସ୍ୟ ହିଁ ଉପନ୍ୟାସର ମୂଳତତ୍ତ୍ୱ'। ଓଡ଼ିଆ ସାହିତ୍ୟରେ ଉମେଶ ଚନ୍ଦ୍ର ସରକାରଙ୍କ ଦ୍ୱାରା ରଚିତ 'ପଦ୍ମମାଳୀ' (୧୮୮୮)ଉପନ୍ୟାସଟି ପ୍ରଥମ ଉପନ୍ୟାସର ମାନ୍ୟତା ପାଇଛି। ରାମଶଙ୍କର ରାୟଙ୍କ 'ସୌଦାମିନୀ' ଉପନ୍ୟାସ 'ଉତ୍କଳ ମଧୁପ' ପତ୍ରିକାରେ ସେ ସମୟରେ ନିୟମିତ ପ୍ରକାଶ ପାଉଥିଲେ ମଧ୍ୟ ଅଚାନକ ପତ୍ରିକାଟି ବନ୍ଦ ହୋଇଯିବାରୁ ତାହା ପୂର୍ଣ୍ଣାଙ୍ଗରୂପେ ପ୍ରକାଶିତ ହୋଇପାରିନଥିଲା। ଉମେଶ ଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' ଏକ ଐତିହାସିକ ଉପନ୍ୟାସ, ଯାହାକି ନୀଳଗିରିର ପ୍ରଜା ଆନ୍ଦୋଳନକୁ ନେଇ ଲିଖିତ। ସେହିପରି ରାମଶଙ୍କରଙ୍କ 'ବିବାସିନୀ' ମରହଟ୍ଟା ଶାସନ, ଅତ୍ୟାଚାର, ଦୁର୍ଭିକ୍ଷର ଭୟାବହତା ଆଦିକୁ ପୃଷ୍ଠଭୂମିରେ ରଖି ଲିଖିତ। ଏଭଳି ଭାବନା ଓ ଚେତନା ଭିତରୁ ଊନବିଂଶ ଶତକର ଶେଷାର୍ଦ୍ଧ ଓ ବିଂଶ ଶତକର ପ୍ରାରମ୍ଭରେ କଥାସମ୍ରାଟ୍ ଫକୀର ମୋହନ ସେନାପତିଙ୍କ ଲିଖିତ 'ଛ'ମାଣ ଆଠଗୁଣ୍ଠ', 'ଲଛମା', 'ମାମୁଁ', 'ପ୍ରାୟଶ୍ଚିତ୍ତ' ଉପନ୍ୟାସ ଅନ୍ୟତମ। କେହି କେହି ତାଙ୍କର 'ଆତ୍ମଜୀବନୀ ଚରିତ'କୁ ପଞ୍ଚମ ଉପନ୍ୟାସର ମଧ୍ୟ ମାନ୍ୟତା ଦେବାକୁ ପଛାନ୍ତି ନାହିଁ।

ଛ'ମାଣ ଆଠଗୁଣ୍ଠ (୧୮୯୭) ଉପନ୍ୟାସରେ ଚିତ୍ରିତ ମୁଖ୍ୟ ଚରିତ୍ର ରାମଚନ୍ଦ୍ର ମଙ୍ଗରାଜ ଜଣେ ମଫସଲ ଜମିଦାର ହେଲେ ମଧ୍ୟ, ଚାରିକୋଶ ଯାଏଁ ତାଙ୍କର ମହାଜନୀ କାରବାର ରହିଛି। ଧାର୍ମିକ ବୋଲାଇବାର ବାହ୍ୟଲକ୍ଷଣ ଭିତର ଦେଇ ଏକଦଶୀ ବ୍ରତ ପାଳନ ଅନେକ ସମୟରେ ଲୋକଙ୍କୁ ମଙ୍ଗରାଜଙ୍କ ଧର୍ମନିଷ୍ଠା ପ୍ରତି ସନ୍ଦେହ ସୃଷ୍ଟି କରେ। ବ୍ରାହ୍ମଣଭୋଜନର ଦୃଶ୍ୟକୁ କଥାକାର ଅବିକଳ ବର୍ଣ୍ଣନା ଭିତରେ ଗ୍ରାମ୍ୟସମାଜର ବହୁ ବୃତ୍ତିଧାରୀ ଜନତାଙ୍କ ବଖାଣ ଯେମିତିକି କେଉଟ, ଗୁଡ଼ିଆ, ପାଞ୍ଜିଆ, ହଳିଆ, ତନ୍ତୀ-ପରମାଣିକ ଆଦି ସମ୍ପ୍ରଦାୟ ସମ୍ପର୍କରେ ଜାଣିହୁଏ। ସେହିପରି ଗ୍ରାମରେ ଆଗରୁ ପ୍ରଚଳିତ ଶସ୍ୟ ମାପିବାର, ତଉଲିବାର, ସାମଗ୍ରୀ କିଣାବିକା, ଗଣତି (ଅଣା, କଡ଼ା, ସେର, ଗଣ୍ଡା,ନଉତି, ତୋଳା) ପାଇଁ ବ୍ୟବହୃତ ଶବ୍ଦ ସବୁ ତତ୍କାଳୀନ ସମୟର ବିଶେଷତ୍ୱକୁ ସୂଚାଇଥାଏ। 'ଛମାଣ ଆଠଗୁଣ୍ଠ'ରେ ଜମିଦାର ରାମଚନ୍ଦ୍ର ମଙ୍ଗରାଜ କିଭଳି ଭଗିଆ ସାରିଆଙ୍କ ଭଳି ନିରୀହ ପ୍ରଜାଙ୍କୁ ଅତ୍ୟାଚାର, ନେତଗାଇ, ଛମାଣ ଆଠଗୁଣ୍ଠ ଜମି ଶୋଷଣ କରିଛନ୍ତି ତା'ର ସ୍ପଷ୍ଟ ଚିତ୍ର ପ୍ରତିଫଳିତ। ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବା, ଚକ୍ରାନ୍ତ ପୂର୍ବକ ଜମି, ଗାଇ ଆଦି ହରଣ ହିଁ ତତ୍କାଳୀନ ସମାଜରେ ପ୍ରଚଳିତ ଜୀବନବୋଧକୁ ପରିପ୍ରକାଶ କରିଛନ୍ତି ଉପନ୍ୟାସ ମାଧ୍ୟମରେ କଥାକାର। ଭାବ ଦୃଷ୍ଟିରୁ ଏହା ଯେତିକି ଗମ୍ଭୀର, ଚରିତ୍ରମାନଙ୍କର ଅବତାରଣା ମଧ୍ୟ ସେତିକି ସୁଖପାଠ୍ୟ। ଚମ୍ପା ଭଳି କୁଟୀଳା ନାରୀ ଓ ମଙ୍ଗରାଜଙ୍କ ପରି ଲମ୍ପଟ ଜମିଦାର ସମାଜକୁ ଧ୍ୱଂସ କରିବାକୁ କ୍ଷଣଟିଏ ବି ଲାଗେନି। ମଙ୍ଗରାଜଙ୍କ ମାଉସୀ ପୁଅ ଭାଇ ଶ୍ୟାମ ମଲ୍ଲ ସହରରେ କୁଆଡ଼େ ପିଆଜମିଶା କୋବିଖାଇ ପାପ କରିଥିବାରୁ ସେଥିରୁ ଉଦ୍ଧାର ପାଇଁ ସେ ସାଆନ୍ତଙ୍କ ନିକଟରେ ୧୫ମାଣ ଜମି ଦେଇ ଉଦ୍ଧାର ପାଇବାର କରୁଣ ଚିତ୍ର ଆମ ସମାଜର କୁସଂସ୍କାର, ଅନ୍ଧବିଶ୍ୱାସକୁ ପ୍ରତିଫଳିତ କରୁଛି। ସାମାଜିକ ସଂସ୍କାରର ଗୋଟିଏ ଗୋଟିଏ ବାସ୍ତବ ଛାପକୁ ଫୁଟେଇବା ପାଇଁ ହୁଏତ ଫକୀରମୋହନ ପରିକଳ୍ପନା କରିଥିବେ ତାଙ୍କ ଉପନ୍ୟାସ ଓ କାହାଣୀସବୁ।



"ମଙ୍ଗରାଜେ ଦିନେ ଶ୍ୟାମକୁ ଡାକି ମୁରବିପଣିଆ କରି କହିଲେ ଦେଖ ଶ୍ୟାମ, ଏଣିକି ହୁସିଆର ରହ, ମୁଁଥିଲି ବୋଲି ମୋ ମୁଲାଜାରରେ ପାଞ୍ଚଜଣ ତୋତେ ଟେକିନେଲେ ସିନା, ନୋହିଲେ ତୁ ଏକାବେଳେ କିରସ୍ତାନ ହୋଇ ରହିଥାନ୍ତୁ। ତୋ ସାତପୁରୁଷ ଅହି ନରକରେ ପଡ଼ିଥାନ୍ତେ। ମୁଁ ବୋଲି ସିନା ତୋର ମାଣ ପାଞ୍ଚଟଙ୍କାରେ ନେଲି, ଆଉକେହି ଦୁଇଟଙ୍କାରେ ଛୁଅନ୍ତା ନାହିଁ। ଯେତେହେଲେ ତୁ ତ ଭାଇ, ତୋତେ ଫୋପାଡ଼ି ଦେବି?" (ଛମାଣ ଆଠଗୁଣ୍ଠ, ପୃ-୩) ଶ୍ୟାମ ଏଠି ପିଆଜ ଖାଇ ପାପମୁକ୍ତି ପାଇଁ ୧୫ ମାଣ ଜମି ମଙ୍ଗରାଜଙ୍କୁ ଦେଲା, ମାତ୍ର ମଙ୍ଗରାଜଙ୍କ ଘର ସ୍ତ୍ରୀଲୋକମାନେ ଚମ୍ପା ଦ୍ୱାରା ହାଟରୁ ପିଆଜ କିଣନ୍ତି, ଖାଇବାର ପ୍ରମାଣ କାହା ପାଖରେ ନାହିଁ। ମନୁଶାସ୍ତ୍ରରେ ଲେଖାଅଛି ପିଆଜ ଖାଇବାକୁ ମନା କିନ୍ତୁ କିଣିଲେ କେହି ପତିତ ହେବ ନାହିଁ। ଏକି ସମାଜର ବିଚିତ୍ର ନୀତି ବୋଲି ପ୍ରଶ୍ନ ଉଠାଇଛନ୍ତି ଔପନ୍ୟାସିକ। ପ୍ରଜାଙ୍କ ପାଇଁ ନିୟମ, ଦଣ୍ଡ ଓ ଜୋରିମାନା ମାତ୍ର ମାଲିକ /ରାଜା ବା ଜମିଦାର ପାଇଁ ସବୁ ମାପ୍?

ଯେଉଁ ମଙ୍ଗରାଜେ ପଇସା ଅଭାବରୁ ଦିନେ ବାପାକୁ ଶୁଦ୍ଧି ହେଇ ପାରିନଥିଲେ, ଘର ଚାଳରେ ନଡ଼ା ନଥିଲା, ସେଇ ବ୍ୟକ୍ତି ଫତେପୁର ସରଷଣ୍ଡର ମାଲିକ, ନଗଦ ପାଞ୍ଚହଜାର ଟଙ୍କା (ଏବେ ବୋଧେ ପାଞ୍ଚକୋଟି ହେବ), ଅଠେଇଶ ବାଟି ସମ୍ପତ୍ତିର ମାଲିକ, ୧୫ହଳ ବଳଦ, ୧ ଜଣ ବାରମାସିଆ ହଳିଆ ତାଙ୍କ ଅଧୀନରେ କାର୍ଯ୍ୟରତ। ନିଜ ବିଲରେ ତଳି ନିଅଣ୍ଟ ପଡ଼ିଲେ ଶ୍ୟାମବିଲରୁ ରୁଆଧାନ ଉପାଡ଼ି ନିଅନ୍ତି ଭାରୁଆଙ୍କ ଦ୍ୱାରା।

ଲଛମା (୧୯୦୧) ଏକ ଐତିହାସିକ ଉପନ୍ୟାସ। ମରହଟ୍ଟାବର୍ଗୀମାନଙ୍କର ସାଧାରଣ ଜନତାଙ୍କ ଉପରେ କରୁଥିବା ନିର୍ମମ ଅତ୍ୟାଚାରକୁ ଏଥିରେ ମାର୍ମିକ ରୀତିରେ ଉପସ୍ଥାପିତ କରାଯାଇଛି। ଓଡ଼ିଶା ବ୍ୟତୀତ ବଙ୍ଗ, ବିହାରରେ ମଧ୍ୟ ଏଭଳି କୁଶାସନ ପ୍ରଚଳିତ ଥିବା ବର୍ଣ୍ଣିତ।

ମାମୁଁ (୧୯୧୩) ଉପନ୍ୟାସରେ ନାଜର ନଟବର ଦାସ ନିଜ ଭଣଜାର ସମ୍ପତ୍ତି ଅପହରଣ କରିବାର କୁପ୍ରୟାସକୁ କଥାକାର ଯେଉଁଳି ବର୍ଣ୍ଣନା କରିଛନ୍ତି ତଥା ନଟବରଙ୍କ ଧୂର୍ତ୍ତ ପ୍ରବୃତ୍ତି ପରେ ତୀବ୍ର ଅନୁଶୋଚନା କରି ଭାଙ୍ଗିପଡ଼ିବା ଆଦି ପ୍ରସଙ୍ଗ ହିଁ ଆମ ସମାଜର ଅମଲାତନ୍ତ୍ର ବ୍ୟବସ୍ଥାକୁ ପ୍ରତୀକାତ୍ମକ ଶୈଳୀରେ ସୂଚିତ କରାଯାଇଛି।

ଫକୀର ମୋହନଙ୍କ ଶେଷ ଉପନ୍ୟାସ ପ୍ରାୟଶ୍ଚିତ୍ତ (୧୯୧୫)। ବିଂଶ ଶତକର ପ୍ରାରମ୍ଭରେ ଆମ ଭାରତବର୍ଷରେ ସମାଜ ସଂସ୍କାର କରିବା ପାଇଁ ଶିକ୍ଷିତ ଯୁବଗୋଷ୍ଠୀ ପ୍ରତିଷ୍ଠିତ ପରମ୍ପରା ଓ ସମାଜର ରୀତିନୀତିରେ କିଭଳି ଉଲଙ୍ଘନ କରିଛନ୍ତି। ଏ ଉପନ୍ୟାସର ନାୟକ ଗୋବିନ୍ଦଚନ୍ଦ୍ର ଚରିତ୍ର ମାଧ୍ୟମରେ ତାହା ଉପସ୍ଥାପିତ। କୃତକର୍ମର ପ୍ରାୟଶ୍ଚିତ୍ତ ଓ ଆତ୍ମ ଅନୁଶୋଚନା ହିଁ ଏହାର ମୂଳପିଣ୍ଡ।

ଫକୀରମୋହନଙ୍କ ଉପନ୍ୟାସରେ ମୂଳତଃ ସମାଜର ସୁଖଦୁଃଖ, ସମସ୍ୟା, ପରିବେଶ, ପରିସ୍ଥିତି, ପ୍ରଚଳିତ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯାଇଛି। ଜମିଦାରଙ୍କ ଶୋଷଣ, ଅମଲାତନ୍ତ୍ରୀରେ ସୁବିଧାବାଦ, ସଭ୍ୟତା ଆଳରେ ପରମ୍ପରାକୁ ଗୋଇଠା ପ୍ରସଙ୍ଗ ନିଖୁଣ ରୂପେ ରୂପାୟିତ। ଫକୀରମୋହନ ସେନାପତି ହେଉଛନ୍ତି ପ୍ରଥମ 'ସଂକ୍ରାନ୍ତି ପୁରୁଷ' ଯିଏ କି ଓଡ଼ିଆ ଉପନ୍ୟାସରେ ମୋଡ଼ ଦିଆରିବା ସହିତ ଏକ ବାସ୍ତବ ସମାଜକୁ ନିଜ ଉପନ୍ୟାସ ଭିତରେ ପ୍ରତିକୀତ କରାଇବାରେ ସକ୍ଷମ ହୋଇଥିଲେ। ଭାଷା, ଶୈଳୀରେ କେବଳ ସ୍ୱାତନ୍ତ୍ର୍ୟତା ନଥିଲା ବରଂ ଉପନ୍ୟାସର ଘଟଣା ପ୍ରବାହରେ ଆଦର୍ଶ ବାସ୍ତବବାଦୀ ସମାଜ ଗଠନର ସଂକଳ୍ପବୋଧ ଉକୁଟି ଉଠୁଥିଲା। ପ୍ରାଚୀନ ମୂଲ୍ୟବୋଧ ସହିତ ଆଧୁନିକ ସଭ୍ୟତାର ଯେଉଁ ଅନୁଶୀଳନ ତାଙ୍କ ଉପନ୍ୟାସରେ ଘଟାଇଛନ୍ତି, ତାହା ଆଜି ଶହେ ବର୍ଷ ପରେ ମଧ୍ୟ ଅଲୋଡ଼ା ରୂପେ ପରିଗଣିତ ହୋଇନି। ସମାଜର ସ୍ୱର ହିଁ ଉପନ୍ୟାସର ସ୍ୱର ରୂପେ ସତେ ଯେମିତି ଉଭା ହୋଇଛି। ■


ଓଡ଼ିଆ ବିଶ୍ୱବିଦ୍ୟାଳୟ
ସତ୍ୟବାଦୀ, ପୁରୀ
ମୋ: ୭୨୦୫୪୦୦୫୮୪


## ପତ୍ରିକା ପରିଚୟ

### ସ୍ୱପ୍ନଦୀପ

**ମୁଖ୍ୟ ସଂପାଦକ: କାଳିକିଙ୍କର**



ପିଡବ୍ଲୁ/ଇ-୧୦, ପି.ଡବ୍ଲୁ.ଡି. କଲୋନୀ
ଢେଙ୍କାନାଳ-୭୫୯୦୦୩
ମୂଲ୍ୟ: ୪୦ ଟଙ୍କା

ତ୍ରୈମାସିକ ସାହିତ୍ୟ ପତ୍ରିକା 'ସ୍ୱପ୍ନଦୀପ'ର ଜାନୁଆରୀ-ଫେବୃଆରୀ-ମାର୍ଚ୍ଚ-୨୦୨୫ ପ୍ରକାଶ ପାଇଛି। ମୁଖ୍ୟ ସଂପାଦକ କାଳିକିଙ୍କର ଓ ସଂପାଦିକା ସୌଭାଗିନୀ ମିଶ୍ରଙ୍କ ସଂପାଦନାରେ ଏହି ପତ୍ରିକା ପ୍ରକାଶ ପାଉଛି। 'ସ୍ୱପ୍ନଦୀପ'ର ଏହି ସଂଖ୍ୟାରେ ଓଡ଼ିଶାର ବହୁ ପ୍ରତିଷ୍ଠିତ କବି, ଗାଳ୍ପିକ ଓ ପ୍ରାବନ୍ଧିକଙ୍କ ଲେଖାରେ ସମୃଦ୍ଧଶାଳୀ ହୋଇଛି। 'ପ୍ରେରଣାର ପର୍ବ' ବିଭାଗରେ ସୁରେନ୍ଦ୍ର ମହାନ୍ତିଙ୍କ 'କାଗଜ ଡଙ୍ଗା', ମନୋଜ ଦାସଙ୍କ 'ଶିଶୁ ସାହିତ୍ୟ ନୀତିବାଚକ ହେବା କେତେ ଦୂର ଆବଶ୍ୟକ', ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ମୋ ରାଜା', ବ୍ରଜନାଥ ରଥଙ୍କ 'ଚିତ୍ରପଟ' ଆଦି ଲେଖାଗୁଡ଼ିକ ମନଛୁଆଁ ହୋଇଛି। ସେହିପରି ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ଟାଙ୍ଗରା ମୁଣ୍ଡିଆ ଠୋ ଠା', ପିନାକୀ ମିଶ୍ରଙ୍କ 'ସନ୍ଧ୍ୟା ସାଧବାଣୀ', ଡକ୍ଟର ହରିଶ୍ଚନ୍ଦ୍ର ବେହେରାଙ୍କ 'ସ୍ୱାତୀ ଲଗ୍ନ', ଶ୍ରୀଯୁକ୍ତ ସତ୍ୟାନାଶଙ୍କ 'ବ୍ଲଡ୍ ଦର୍କାର' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି। ସେଭଳି ଡକ୍ଟର କୃତ୍ତିବାସ ନାୟକଙ୍କ 'ବିଚାର', କୁମାର ଦେବାଶ୍ରିତଙ୍କ 'ଟେଣ୍ଟୁର ମନ ଦୁଃଖ', ପ୍ରଦୀପ ମଲ୍ଲିକଙ୍କ 'ପ୍ରକୃତ ପୁରସ୍କାର' ଆଦି ଗଳ୍ପ ମାର୍ମିକ ହୋଇଛି। ସେହିପରି ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ମେଘରାତି', ନାରାୟଣ ପ୍ରସାଦ ବେହେରାଙ୍କ 'ଗଳ୍ପ ସୃଷ୍ଟିର ଗଳ୍ପ', ରଶ୍ମୀ ରାଉଳଙ୍କ 'ସର୍ବନାଶୀ ଆମନ୍ତ୍ରଣ',ବୀରେଶ୍ୱର ମହାନ୍ତିଙ୍କ 'ହାତ ପାହାନ୍ତାରେ' ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ହୋଇଛି। 'ସ୍ୱପ୍ନଦୀପ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଧରମା

**ସଂପାଦକ: ରବୀନ୍ଦ୍ର ନାଥ ବାହିନୀପତି**



କୋଣାର୍କ ସାହିତ୍ୟ ସଂସଦ
କୋଣାର୍କ, ପୁରୀ-୭୫୨୧୧୧
ମୂଲ୍ୟ: ୧୫୦ ଟଙ୍କା

ସାହିତ୍ୟ ପତ୍ରିକା 'ଧରମା'ର କୋଣାର୍କ ଉତ୍ସବ-୨୦୨୪ ବିଶେଷାଙ୍କ ପ୍ରକାଶ ପାଇଛି। ଏହି ସଂଖ୍ୟାରେ ପ୍ରଫେସର ଆଦିକନ୍ଦ ସାହୁଙ୍କ 'ଆମ ସାହିତ୍ୟର ଶାସ୍ତ୍ରୀୟ ଗୁଣ', ଡକ୍ଟର ତ୍ରିନାଥ ପଟ୍ଟନାୟକଙ୍କ 'ଭକ୍ତି ଓ ପ୍ରୀତିର କାବ୍ୟ ଗୀତଗୋବିନ୍ଦ', ରମେଶ ଚନ୍ଦ୍ର ମିଶ୍ରଙ୍କ 'କ୍ରୋଧ', ଦାଶ ବେନହୁରଙ୍କ 'ଆମ ପିଲାଏ', ମଞ୍ଜୁଲତା ସିଂହଙ୍କ 'ସନ୍ଥ କବିଙ୍କ ଚେତନାରେ ସାମ୍ୟବାଦ ଓ ମାନବବାଦ', ସୁନୀଲ ରଥଙ୍କ 'ଓଡ଼ିଶାରେ ବୌଦ୍ଧଧର୍ମ' ଆଦି ପ୍ରବନ୍ଧ, ଆଲୋଚନା ବେଶ୍ ଉଚ୍ଚକୋଟୀର ଓ ପ୍ରଭାବଶାଳୀ ହୋଇଛି। ସେହିପରି ଦିଲ୍ଲୀପ କୁମାର ସ୍ୱାଇଁଙ୍କ 'ଧର୍ମପଦର ହତ୍ୟା', ରକ୍ଷକ ନାୟକଙ୍କ 'ପ୍ରଦୀପ ପ୍ରଜ୍ୱଳନ', ଅମିୟ ରଞ୍ଜନ ମହାପାତ୍ରଙ୍କ 'ଧର୍ମପଦ', କୃଷ୍ଣ କୁମାର ମହାନ୍ତିଙ୍କ 'ଗ୍ରାମପଥ', ହଂସନାଥ ମୁଦୁଲିଙ୍କ 'ସେମିତି ଆସିଥିଲେ ଗୋପବନ୍ଧୁ', ଜୟନ୍ତିକାଙ୍କ 'ପାଖ ପୃଥିବୀ', ଡକ୍ଟର ସୁଚିତ୍ରା ରଥଙ୍କ 'ମୋହ', ଅନୀତା ପାଣିଙ୍କ 'ମଝି ଦରିଆରେ ଜୀବନ', ସନ୍ନ୍ୟାସୀ ନାୟକଙ୍କ 'ସ୍ୱର୍ଗଦ୍ୱାର' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି। ସେଭଳି ଭାଗୀରଥି ବେହେରାଙ୍କ 'ଫେରିବା ପଥ', ନିର୍ବିକାର ପ୍ରଭାତଙ୍କ 'ବୁଢ଼ା ଶଙ୍ଖାରି', ସସ୍ମିତା ରାଉତଙ୍କ 'ଝରା ଶେଫାଳୀ', ଦୀପିକା ଦାଶଙ୍କ 'ଅଧେ ଜହ୍ନ' ଆଦି ଗପଗୁଡ଼ିକ ମନଛୁଆଁ ହୋଇପାରିଛି। ଓଡ଼ିଶାର ବହୁ ପ୍ରତିଷ୍ଠିତ କବି, ଗାଳ୍ପିକ, ପ୍ରାବନ୍ଧିକଙ୍କ ଲେଖାରେ 'ଧରମା'ର ଏହି ସଂଖ୍ୟାଟି ଋଦ୍ଧିମନ୍ତ ହୋଇଛି। 'ଧରମା'ରେ ପ୍ରକାଶିତ ଲେଖାଗୁଡ଼ିକ ପାଠକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ପ୍ରଜନ୍ମ

**ସଂପାଦନା: ଡକ୍ଟର ଦେବାନନ୍ଦ ଦାସ**



ସୁଭଦ୍ରା ଆପର୍ଟମେଣ୍ଟ
ନନ୍ଦନକାନନ ରୋଡ୍,
ଭୁବନେଶ୍ୱର
ମୂଲ୍ୟ: ୧୫ ଟଙ୍କା

ସାହିତ୍ୟ ପତ୍ରିକା 'ପ୍ରଜନ୍ମ'ର ମକର -୨୦୨୫ ସଂଖ୍ୟା ଆମର ହସ୍ତଗତ ହୋଇଛି। ଏହି ସଂଖ୍ୟାରେ ଓଡ଼ିଶାର ଅନେକ ବିଶିଷ୍ଟ ଲେଖକ 'ପସନ୍ଦର ରମାକାନ୍ତ ରଥଙ୍କ କବିତା' ସଂପର୍କ ନିଜସ୍ୱ ମତ ପ୍ରଦାନ କରିଛନ୍ତି। ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ପ୍ରଫେସର ବସନ୍ତ କୁମାର ପଣ୍ଡା,କବି ପ୍ରବାସିନୀ ମହାକୁଡ଼, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, କବି ସୁରେନ୍ଦ୍ର ପାଣିଗ୍ରାହୀ, କବି ରକ୍ଷକ ନାୟକ, ପ୍ରାଧ୍ୟାପକ ଗୁରୁ ଚରଣ ବେହେରା ପ୍ରମୁଖଙ୍କୁ ରମାକାନ୍ତ ରଥଙ୍କ କେଉଁ କବିତା ଭଲ ଲାଗିଛି ଓ କାହିଁକି ଭଲ ଲାଗିଛି, ସେ ସଂପର୍କରେ ସେମାନେ ନିଜସ୍ୱ ଅଭିମତ ପ୍ରଦାନ କରିଛନ୍ତି। ସେହିପରି 'ଗପ ଲେଖୁଥିବା ହାତର କବିତା'ରେ ୧୨ ଜଣ ଗାଳ୍ପିକଙ୍କ ୧୨ଟି କବିତା ପ୍ରକାଶ ପାଇଛି। ଏଥିରେ ଆନନ୍ଦ ଚନ୍ଦ୍ର ପହିଙ୍କ 'ଜୀବନ ଜିଜ୍ଞାସା', ପ୍ରକାଶ ମହାପାତ୍ରଙ୍କ 'ନୀଳକଣ୍ଠର ଠିକଣା', ରବି ପଣ୍ଡାଙ୍କ 'ହଳଦୀ ରଙ୍ଗର ତୋରଣ', ଅଜୟ ସ୍ୱାଇଁଙ୍କ 'ମନଦୋଳି', ଭୀମ ପୃଷ୍ଟିଙ୍କ 'ଗୋଟିଏ ଶବ୍ଦରେ ଜୀବନ', ପ୍ରକାଶ କୁମାର ପରିଡ଼ାଙ୍କ 'ଅନ୍ୟମନସ୍କ', ମିହିର କୁମାର ସାହୁଙ୍କ 'ଜୀବନ ଓ ସମୟ', ସତ୍ୟପ୍ରିୟ ମହାଲିକଙ୍କ 'ବନବାସ' ଆଦି କବିତା ପ୍ରାଣସ୍ପର୍ଶୀ ହୋଇଛି। ଗପ ଲେଖୁଥିବା ପ୍ରତିଷ୍ଠିତ ଗାଳ୍ପିକଙ୍କ କଲମରୁ ଉତୁରି ପାରେ ଚମତ୍କାର କବିତା, ଏହା ତାହାର ଏକ ଏକ ଜ୍ୱଳନ୍ତ ଉଦାହରଣ। 'ପ୍ରଜନ୍ମ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର






## ଶୀତ ଡାକେ ହାତ ଠାରି

ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କନ୍ଧମାଳ ଜିଲ୍ଲା । ସୁଉଚ୍ଚ ପର୍ବତ ମାଳା, କଳ କଳ ନାଦରେ ଝରି ଚାଲିଥିବା ପାହାଡ଼ୀ ଝରଣା, ମନଲୋଭା ସବୁଜ ବନାନୀ ଏହି ଜିଲ୍ଲାକୁ ପ୍ରକୃତିପ୍ରେମୀଙ୍କ ପ୍ରଥମ ପସନ୍ଦ କରି ଗଢ଼ି ତୋଳିଛି । ବିଶେଷକରି ଶୀତ ଋତୁ ଆସିଲେ ପର୍ଯ୍ୟଟନ ଦୃଷ୍ଟିକୋଣରୁ କନ୍ଧମାଳ ଜିଲ୍ଲାର ଗୁରୁତ୍ୱ ଦ୍ୱିଗୁଣିତ ହୋଇଯାଏ । ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ଠାରୁ ଆରମ୍ଭ କରି ଜୈବ ବିବିଧତାରେ ପରିପୂର୍ଣ୍ଣ ମଣ୍ଡାସରୁକୁଟି ପର୍ଯ୍ୟନ୍ତ ସବୁଠି ଜମିଉଠେ ପର୍ଯ୍ୟଟକଙ୍କ ଭିଡ଼ । ନଭେମ୍ବର, ଡିସେମ୍ବର ଓ ଜାନୁଆରୀ, ବର୍ଷର ଏହି ତିନି ମାସ କନ୍ଧମାଳକୁ ଦେଶବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ।



ସଞ୍ଜୟ ପାତ୍ର

କନ୍ଧମାଳ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଗୁଡିକ ମଧ୍ୟରେ ସର୍ବାଗ୍ରେ ଆସେ ଓଡିଶାର କାଶ୍ମୀର ଭାବେ ପରିଚିତ ଦାରିଙ୍ଗବାଡ଼ି। ଏଠାକୁ ବର୍ଷ ତମାମ ଦେଶ ଓ ବିଦେଶରୁ ପର୍ଯ୍ୟଟକ ଆସୁଥିଲେ ବି ଶୀତଋତୁରେ ଏହାର ସଂଖ୍ୟା ବହୁଗୁଣିତ ହୋଇଥାଏ। ଦାରିଙ୍ଗବାଡ଼ିରେ କଫି ଗାର୍ଡେନ, ହିଲ ପଏଣ୍ଟ, ପାଇନ ଫରେଷ୍ଟ ଓ ଗ୍ରୀନ୍‌ବାଡି ସନସେଟ୍ ପଏଣ୍ଟ, ମିଡ଼ିୟୁବାନ୍ଧା ଜଳପ୍ରପାତ ଭଳି ରହିଛି ବହୁ ପର୍ଯ୍ୟଟନ ସ୍ଥଳୀ। ହିଲଭିୟୁ ପଏଣ୍ଟରୁ ତୁଷାରପାତ ଅନୁଭବ କରିବା ଓ ପାଇନ ଫରେଷ୍ଟରେ ଶୀତୁଆ ସକାଳରେ କୁହୁଡିରେ ଭିଜିଭିଜି ବୁଲିବା ବେଶ ରୋମାଞ୍ଚକ। ଦାରିଙ୍ଗବାଡ଼ିରୁ ଲଭର୍ସ ପଏଣ୍ଟ ୧୩ କିଲୋମିଟର ଓ ମିଡ଼ିୟୁବାନ୍ଧା ଜଳପ୍ରପାତ ୧୭ କିମି। ଲଭରସ ପଏଣ୍ଟରେ ଏବେ ପ୍ରେମୀ ଯୁଗଳଙ୍କ ପାଇଁ ନୂଆ ଠିକଣା। ବଣ ଭୋଜି ସାଙ୍ଗକୁ ସେଲ୍‌ଫିର ମଜା ବେଶ ନିଆରା। ସେହିପରି ମିଡ଼ିୟୁବାନ୍ଧା ଜଳ ପ୍ରପାତରେ ବଣଭୋଜିର ବେଶ୍ ମଜା ଉଠାଉଛନ୍ତି ପର୍ଯ୍ୟଟକ। ସେହିପରି ବେଲଘରରେ ଥିବା କାଠ ବଙ୍ଗଳା ଜିଲ୍ଲାର ଅନ୍ୟ ଏକ ପରିଚୟ। ଜିଲ୍ଲା ସଦର ମହକୁମା ଠାରୁ ୧୬୫ କିଲୋମିଟର ଦୂରରେ ଅବସ୍ଥିତ ବେଲଘରର ଏହି ପ୍ରକୃତି ନିବାସକୁ ଉପଭୋଗ କରିବାକୁ ଦେଶବିଦେଶରୁ ବହୁ ପର୍ଯ୍ୟଟକ ଛୁଟି ଆସିଥାନ୍ତି। ଏହି କାଠ ନିର୍ମିତ ବଙ୍ଗଳା ସହ ବହୁ ଇତିହାସ ଜଡ଼ିତ ହୋଇ ରହିଛି। ଏହି ବଙ୍ଗଳାର ଚଟାଣଠାରୁ ଆରମ୍ଭ କରି କାନ୍ଥ ଓ ଛାତ ସବୁଠି କାଠର ବ୍ୟବହାର ହୋଇଛି। ଏଥିରେ ଅନେକ କୋଠରି ଥିଲେ ବି ୨ ଟି କୋଠରିରେ ପର୍ଯ୍ୟଟକ ରହିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହାକୁ ବାଦ ଦେଇ ଫୁଲବାଣୀ ସହରଠାରୁ ୨୦ କିଲୋମିଟର ଦୂରରେ ପୁତୁଡି ଜଳପ୍ରପାତ ଓ ୨୫ କିଲୋମିଟର ଦୂରରେ ରହିଛି ପକଡାଝର ଜଳ ପ୍ରପାତ। ଫୁଲବାଣୀ ବ୍ଲକର ଉର୍ମାଗଡ ଓ କାତ୍ରାମାଲା ଜଳପ୍ରପାତ, କୋଟଗଡ ବ୍ଲକର ଲୁଦୁ ଜଳପ୍ରପାତ, ରାଇକିଆର ଜୈବ ବିବିଧ ଅଞ୍ଚଳ ମଣ୍ଡାସରୁ କୁଟି ଭଳି ରହିଛି ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି। ଏବେ କନ୍ଧମାଳ ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ନୂଆ କରି ଯୋଡି ହୋଇଛି ଜି.ଉଦୟଗିରିର କାଲିଗାଡୁ ହିଲ୍‌ଟପ। ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ଏକ ଅନନ୍ୟ ଅନୁଭୂତି ଦେଇଥାଏ ଏହି ପର୍ବତ ଶିଖର। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ମାନ୍ୟତା ମିଳିବା ପରେ ଏହି ସ୍ଥାନର ବିକାଶ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ପାଇଁ ନୂଆ ଠିକଣା-ଦାରିଙ୍ଗବାଡି ଇକୋ ରିଟ୍ରିଟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଗତ ୪ ବର୍ଷ ହେଲା ଆରମ୍ଭ କରିଛନ୍ତି ଇକୋ ରିଟ୍ରିଟ ପ୍ରକଳ୍ପ। ରାଜ୍ୟର ଅନେକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସହିତ ଦାରିଙ୍ଗବାଡିକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। ବିଳାସପୂର୍ଣ୍ଣ ତମ୍ବୁ ଘରେ ରହି ଦାରିଙ୍ଗବାଡିର ଶୀତ କାଳୀନ ମଜା ଉଠାଇବା ପାଇଁ ସମସ୍ତ ପ୍ରକାର ସୁବିଧା ଏଠାରେ ଉପଲବ୍ଧ ରହିଛି। ପୂର୍ବରୁ ପର୍ଯ୍ୟଟନ ବିଭାଗର ଜମିରେ ଅସ୍ଥାୟୀ ତମ୍ବୁ ନିର୍ମାଣ କରି ଇକୋ ରିଟ୍ରିଟ ପ୍ରସ୍ତୁତ କରାଯାଉଥିବା ବେଳେ ଚଳିତ ଥର ହିଲ ଭିୟୁ ଛକଠାରେ ସମ୍ପୂର୍ଣ୍ଣ ନୂତନ ଶୈଳୀରେ ଏହାକୁ ନିର୍ମାଣ କରାଯାଇଛି। ଚାରି ପଟେ ରହିଛି ସୁଉଚ୍ଚ ପାହାଡ଼। ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ତିଆରି ହେଉଛି ବହୁ ବିଳାସପୂର୍ଣ୍ଣ ତମ୍ବୁଘର। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବଡ଼ ତୋରଣ, ରିସେପ୍‌ସନ ପାଇଁ ଦୁଇଟି ବଡ଼ ହଲ୍, ପାନୀୟଜଳ ବ୍ୟବସ୍ଥା, ରାସ୍ତା କାମ, ବିଦ୍ୟୁତ ସଂଯୋଗ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଚାଲୁ ରହିଛି। ଅତ୍ୟାଧୁନିକ ତମ୍ବୁ ଘରେ ମିଳିବ ପଞ୍ଚତାରକା ହୋଟେଲ ସମକକ୍ଷ ରହଣୀ, ଖାଦ୍ୟ ସହିତ ସମସ୍ତ ସୁବିଧା।



ଏସବୁ ସତ୍ତ୍ୱେ କନ୍ଧମାଳ ଜିଲାକୁ ପର୍ଯ୍ୟଟକଙ୍କ ଆଗମନ ଆଶାଜନକ ହେଉନାହିଁ। ପର୍ଯ୍ୟଟନ ବିଭାଗ ତଥ୍ୟ ଅନୁସାରେ, କନ୍ଧମାଳକୁ ୨୦୨୧ ରେ ଘରୋଇ ପର୍ଯ୍ୟଟକ ୬୦ହଜାର ୯ଶହ ୫୯ ଜଣ ଆସିଥିବା ବେଳେ କେହି ବି ବିଦେଶୀ ପର୍ଯ୍ୟଟକ ଆସିନାହାନ୍ତି । ୨୦୨୨ ପର୍ଯ୍ୟଟନ ଋତୁରେ ମାତ୍ର ୮୫ହଜାର ୧୭ଶହ ୭୦ ଜଣ ଘରୋଇ ପର୍ଯ୍ୟଟକ ଆସିଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଶୂନ ଥିଲା। ସେହିପରି ୨୦୨୩ ପର୍ଯ୍ୟଟନ ଋତୁରେ ୧ଲକ୍ଷ ୨୦ହଜାର୮୬୧ ଜଣ ଘରୋଇ ପର୍ଯ୍ୟଟକ ଆସିଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୪୯ ଥିଲା। ଚଳିତ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବଢିବ ବୋଲି ଅନୁମାନ କରାଯାଇଛି। ଶୀତର ପ୍ରକୋପ ବଢିବା ସହ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ବଢ଼ିବ ବୋଲି କୁହାଯାଉଛି। ■






## କଳା, ସଂସ୍କୃତିର ଗାଥା

ଖଣି ଓ ଜଙ୍ଗଲଜାତ ସମ୍ପଦରେ ଭରପୁର ବିଭବଶାଳୀ କଳାହାଣ୍ଡି ଜିଲ୍ଲାର କର୍ଲାପାଟ ଅଭୟାରଣ୍ୟର ଅତୀତ ଯେତିକି ସମୃଦ୍ଧ ସେହିପରି ବର୍ତ୍ତମାନ ମଧ୍ୟ ଆକର୍ଷଣୀୟ ସାଜିଛି । କର୍ଲାପାଟ ଏପରି ଏକ ଅଭୟାରଣ୍ୟ ଯାହା ସମସ୍ତଙ୍କୁ ବିମୋହିତ କରିପାରିବ । ବନ୍ୟ ଜନ୍ତୁ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଏକାଧିକ ଝରଣା ଅଭୟାରଣ୍ୟର ଗୋଟିଏ ଗୋଟିଏ ଦିଗ କହିଲେ ଠିକ ହେବ । ଫୁର୍ଲିଝରଣ ଭଳି ଅନେକ ଜଳପ୍ରପାତ ସବୁଜ ଶ୍ୟାମଳିମାପୂର୍ଣ୍ଣ ଘଞ୍ଚ ଜଙ୍ଗଲ ଗୁଡିକର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରି ଆସୁଛି ।



ସ୍ୱାଧୀନ ପାତ୍ର

କଳାହାଣ୍ଡି ସଦର ମହକୁମାଠାରୁ ମାତ୍ର ୧୫ କି.ମି. ଦୂରରେ ଅବସ୍ଥିତ କର୍ଲାପାଟ ଅଭୟାରଣ୍ୟ। କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ କର୍ଲାପାଟ ରେଞ୍ଜ ଅଧୀନରେ ଅଭୟାରଣ୍ୟଟି ରହିଛି। ଜୀବନ ଜିବୀକା ଠାରୁ ଆରମ୍ଭ କରି ଶିକାରୀଙ୍କ ଖାଦ୍ୟ ସଂଗ୍ରହ, ଜଙ୍ଗଲଜାତ ଦ୍ରବ୍ୟ ତଥା କିସମ କିସମ ପଶୁପକ୍ଷୀ ଏବଂ ଔଷଧୀୟ ଗଛ ଦୀର୍ଘ ବର୍ଷ ପୂର୍ବରୁ ଅଭୟାରଣ୍ୟକୁ ଲୋକାଦୃତ କରିବାରେ ଖୋରାକ ଯୋଗାଇଛି।ଏବେ ଖଣିଜ ସମ୍ପଦ ତଥା ଜଙ୍ଗଲ ସମ୍ପଦର ବୃଦ୍ଧି କାରଣରୁ ବହିରାଗତ ଲୋକଙ୍କ ଦୃଷ୍ଟିଭଙ୍ଗୀ ଭିନ୍ନ ହେବା ଦେଖିବାକୁ ମିଳିଛି। ସେତେବେଳେ ଅଭୟାରଣ୍ୟ ଘୋଷଣାପରେ ସ୍ଥାନୀୟ ବାସିନ୍ଦାଙ୍କ ସ୍ଥିତିରେ ପରିବର୍ତ୍ତନ ହୋଇଥିଲା। ସେମାନଙ୍କର ଜୀବନ ଓ ଜୀବିକାର ଉତ୍ସ ଲଘୁବନଜାତ ଦ୍ରବ୍ୟ ସଂଗ୍ରହରେ ପ୍ରତିବନ୍ଧକ ଲାଗୁ କରାଗଲା। ଭୌତିକ ବିକାଶର ଆଗ୍ରହ ସୃଷ୍ଟି ହେବା ଦ୍ୱାରା ଲୋକଙ୍କ ଦୈନନ୍ଦିନ ଜୀବନଯାପନ, ରୋଜଗାର ଏବଂ ସାଂସ୍କୃତିକ ଓ ସାମାଜିକ ଜୀବନଧାରା ପ୍ରଭାବିତ ହେବାକୁ ଲାଗିଲା। କର୍ଲାପାଟ ଅଭୟାରଣ୍ୟ ରୂପେ ଏପ୍ରିଲ ୨ ତାରିଖ ୧୯୯୨ରେ ଘୋଷଣା ହେଲା। ଏହାର ଅଞ୍ଚଳ କହିଲେ ପ୍ରାୟ ୧୪୭.୬୬ କିଲୋମିଟର। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଜଙ୍ଗଲାଞ୍ଚଳରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବନ ବିଭାଗର ଦିଗଦର୍ଶୀ ଆଭିମୁଖ୍ୟକୁ ନେଇ ଅନେକ ସମୟରେ କର୍ଲାପାଟ ଚର୍ଚ୍ଚାରେ ଥାଏ। ଅଭୟାରଣ୍ୟର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ ହେଲା ଶାଳ ଜଙ୍ଗଲ ସମେତ ବିଜା,କଷି, ଅସନ, ମହୁଲ, ହରିଡା, ବାହାଡ଼ା, ପାତାଳଗରୁଡ଼, ଗୁଲୁଛି ଅଁଳା ଇତ୍ୟାଦି ମୂଲ୍ୟବାନ ବୃକ୍ଷରେ ଭରପୁର। ଜୈବ-ବୈଚିତ୍ର୍ୟର ସମ୍ଭାର ଶାଳବଣ ଧୀରେ ଧୀରେ ନଷ୍ଟ ହେବାପରେ ପୁନରୁଦ୍ଧାର ଚେଷ୍ଟା ଜାରୀ ରହିଛି ସତ କିନ୍ତୁ ପୂର୍ବ ସ୍ଥିତି ଫେରିବା ପ୍ରାୟ ସମ୍ଭବ ନୁହେଁ। ଅଭୟାରଣ୍ୟ ଭିତରେ ୪୧ଗୋଟି ଗାଁ ଥିବାବେଳେ ସେଥିମଧ୍ୟରୁ ୧୯ଟି ଗ୍ରାମ୍ୟ ଜଙ୍ଗଲ ଜନବସତି ଏବଂ ୨୨ଟି ରାଜସ୍ୱ ଗ୍ରାମରେ ଲୋକମାନେ ବସବାସ କରିଆସୁଛନ୍ତି। ସବୁଠାର ବୃହତ୍ ଗ୍ରାମ ରୂପେ କର୍ଲାପାଟ ହୋଇଥିବା ଦୃଷ୍ଟିରୁ ଜନସଂଖ୍ୟା ସର୍ବାଧିକ। ତେବେ ଅଞ୍ଚଳବାସୀଙ୍କ ବହୁ ଆବଶ୍ୟକତା ପୂରଣ କରିବାର ମୁଖ୍ୟ ଉତ୍ସ ହେଉଛି ପଶୁ ସମ୍ପଦ ଓ ଜଙ୍ଗଲଜାତ ଦ୍ରବ୍ୟ। ଜୈବମଣ୍ଡଳ ସଂରକ୍ଷଣ ଯୋଜନା ପ୍ରଥମେ ୧୯୭୩ ମସିହାରେ ପରିକଳ୍ପନା କରାଯାଇଥିବା ବେଳେ ୧୯୯୨ ମସିହାରେ କର୍ଲାପାଟ ଅଭୟାଅରଣ୍ୟର ଜଙ୍ଗଲ ସଂରକ୍ଷଣ ଯୋଜନାରେ ସାମିଲ କରାଯାଇଛି। ୧୪୭.୬୬ ବର୍ଗ କି.ମି. ଏହାର ପରିସୀମା ମଧ୍ୟରେ ୨୬ଟି ଜଳପ୍ରପାତ ଶୋଭା ବୃଦ୍ଧି କରୁଛି।ସେଗୁଡିକ ହେଲା ଫୁର୍ଲିଝରନ, ଜାକମ, ଗୋବରଗୋଲା, ଘୁଷୁରୀଗୁଡି, ପାଜେନ୍ଦ୍ର, ଦୁଇମୁହଁ, ଦେଙ୍ଗଚୁଆ ପକ୍ଷୀ, ରାମକାଶୀ ଓ ଖଣ୍ଡୁଆଳ ମାଳି ଅନ୍ୟତମ। ଏହାସହିତ ଅଭୟାରଣ୍ୟରେ ବାଘ, କଲରାପତରିଆ ବାଘ, ହାତୀ, ଗୟଳ, ହରିଣ, ସମ୍ବର, କୁଟ୍ରା, ସାପ, ହଜାର ହଜାର ପ୍ରଜାପତି, ଭଳିକି ଭଳି ପକ୍ଷୀ ଆହୁରି ଅନେକ କିସମର ବନ୍ୟଜନ୍ତୁଙ୍କ ନିରାପଦ ସ୍ଥଳି ପାଲଟିଥିଲା। ଚିରହରିତ ଜଙ୍ଗଲ, ଆଦ୍ର ପର୍ଣ୍ଣମୋଚି ଜଙ୍ଗଲ, ଶାଳଜଙ୍ଗଲ ସହିତ ତୃଣଭୂମି ମଧ୍ୟ ଦେଖିବାକୁ ମିଳେ। କର୍ଲାପାଟ ଅଭୟାରଣ୍ୟ ଆଉ ଏକ ବିଶେଷତ୍ୱଃ ହେଲା ୧୨୦ ପ୍ରକାର ଔଷଧୀୟ ଗୁଣଯୁକ୍ତ ଉଦ୍ଭିଦ ଦେଖିବାକୁ ମିଳେ। ସୁରକ୍ଷା ଦିଗରେ କର୍ଲାପାଟ ଅଭୟାରଣ୍ୟକୁ ୧୭ଟି ବିଟ୍ ଓ ୫ଟି ସେକ୍ସନରେ ବିଭକ୍ତ କରାଯାଇଛି। ଦୁଇ ଜଣ ଡେପୁଟୀ ରେଞ୍ଜର, ୫ଜଣ ଫରେଷ୍ଟର ଓ ଜଣେ ରେଞ୍ଜ ଅଫିସରଙ୍କ ସହିତ ୫୫ ଜଣକୁ ନେଇ ବନ୍ୟପ୍ରାଣୀ ସୁରକ୍ଷା ସ୍କାର୍ଡ ଗଠନ କରାଯାଇ ମୁତୟନ ହୋଇଛନ୍ତି। ଏଯାବତ ଅଭୟାରଣ୍ୟରେ ଏକ ଦନ୍ତା ହାତୀ ସମସ୍ତଙ୍କ ଦୃଷ୍ଟିର କେନ୍ଦ୍ରବିନ୍ଦୁ ସାଜିଛି। ଦନ୍ତାହାତୀକୁ ସ୍ଥାନୀୟ ବାସିନ୍ଦା କାହିଁକି କଳାହାଣ୍ଡି ଜିଲ୍ଲାର ଅନେକ ପ୍ରକୃତି ପ୍ରେମୀ ଗଣେଶ ନାମରେ ଜାଣନ୍ତି। ଏପରିକି କର୍ଲାପାଟ ଅଭୟାରଣ୍ୟ ରାସ୍ତାରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବା ସମୟରେ ଯଦି କିଏ ଗଣେଶକୁ ଦେଖେ ତେବେ ତାହାର କାର୍ଯ୍ୟସିଦ୍ଧି ହୋଇଯିବ ବୋଲି ଏଭଳି ମାନସିକତା କେତେକ ମନରେ ଉତ୍ପନ୍ନ ହେଉଛି। ଆଜି ଯାଏ ଗଣେଶ କାହାର କୌଣସି କ୍ଷତି କରିନାହିଁ।




ଏହି କର୍ଲାପାଟ ଅଭୟାରଣ୍ୟ ସହିତ ରାଜ ପରିବାର ସଂପର୍କ ଯୋଡି ହୋଇଅଛି। କର୍ଲାପାଟରେ ପୁରୁଣା ରାଜପ୍ରାସାଦ ଅଛି। ଐତିହାସିକ ସ୍ମାରକୀକୁ ଅବଲୋକନ କଲେ କର୍ଲାପାଟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଓ ଅନେକ ଉତ୍‌ଥାନ ପତନର ମୁକସାକ୍ଷୀ ରୂପେ ଏବେ ଗତିକରୁଛି। କର୍ଲାପାଟ ଅଭୟାରଣ୍ୟରେ ଜାକମ ନେଚର କ୍ୟାମ୍ପର ସୁବିଧା ଅଛି।ଜାକମ କାଠ ନିର୍ମିତ ବଙ୍ଗଳା ବ୍ୟତୀତ ବର୍ତ୍ତମାନ ୬ଟି କଟେଜ ନିର୍ମାଣ କରାଯାଇଛି। ଗୋଟିଏ କଟେଜରେ ୩ଜଣ ରହିପାରିବେ। ଏବଂ ୨୪ଘଣ୍ଟା ପାଇଁ ଟିଫିନ ଠାରୁ ଖାଦ୍ୟପେୟ ମାଗଣାରେ ଯୋଗାଇଦିଆଯାଉଛି। ବନ ବିଭାଗ ଦାୟିତ୍ୱରେ ଥିବା କଟେଜ ଗୁଡିକ ପାଇଁ ଏକ 'ଫି' ନିୟମ ରହିଛି। ଯେଉଁ ବ୍ୟକ୍ତି କଟେଜ ରିଜର୍ଭ କରିବେ ସେ ମାନେ କଟେଜ ପିଛା ୪୯୫୨ ଟଙ୍କା ଦେବା ପଡେ।ସମସ୍ତଙ୍କୁ ସେବାଭିତ୍ତିକ ସୁବିଧା ଉପଲବ୍ଧ ହେଲେ ଜାକମର ଗୁଣାରକ ମାନ ବୃଦ୍ଧି ହେବା ନିଶ୍ଚିତ। ଆଶା କର୍ଲାପାଟ ଅଭୟାରଣ୍ୟ ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀଙ୍କୁ ପାଇଁ ପର୍ଯ୍ୟଟନ ଭିତ୍ତିଭୂମି କ୍ଷେତ୍ରରେ ଜିଲ୍ଲା କାହିଁକି ସମଗ୍ର ରାଜ୍ୟରେ ବିଶେଷ ସମ୍ଭାବନା ବହନ କରିବ। ■



## ମହକୁଛି ଶେରଗଡ଼ର ସ୍ୱାଦ

## ଧନୁରୁ ମକର : ମୁଆଁର ଆସର

ପରମ୍ପରାର ଓ ପର୍ବର ସମୃଦ୍ଧି ମାଟି ଗଞ୍ଜାମ । ଏଠାକାର ପର୍ବପର୍ବାଣିରେ ସ୍ୱତନ୍ତ୍ର ଖାଦ୍ୟପେୟ ଦେଖିବାକୁ ମିଳେ । ଏହି ଖାଦ୍ୟପେୟ ନୂଆ ସମ୍ପର୍କ ମଧ୍ୟ ତିଆରି କରେ । ତନ୍ମଧ୍ୟରୁ ମୁଆଁ ଅନ୍ୟତମ । ସାଧାରଣତଃ ଶେରଗଡ଼ ମୁଆଁ ସଭିଙ୍କର ପ୍ରିୟ । ଲୋକଙ୍କ ପସନ୍ଦ ମଧ୍ୟ । ଯଦିଓ ମୁଆଁର ଆରମ୍ଭକୁ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ । କିନ୍ତୁ ଧାନକଟା ହୋଇ ଖଳାକୁ ଆସିବା ପରେ ଧାନ ଗଦା ନିକଟରେ ଲକ୍ଷ୍ମୀ ନାରାୟଣଙ୍କୁ ମୁଆଁ ପୂଜା ହେବାର ପରମ୍ପରା କେଉଁ ଆବାହମାନ କାଳରୁ ରହିଛି ବୋଲି କୁହାଯାଏ । ତେଣୁ ଗଞ୍ଜାମରେ ଏବେ ନୁହେଁ, ଦୀର୍ଘ ସମୟ ଧରି ଏହି ସ୍ୱତନ୍ତ୍ର ମୁଆଁ ପ୍ରସ୍ତୁତ କରାଯାଉଛି ।



ଶଙ୍କର ପ୍ରସାଦ ପ୍ରଧାନ

ଦିନ ଥିଲା ହାତଗଣତି କେତେ ଜଣ ଗୁଡ଼ିଆ ସମ୍ପ୍ରଦାୟର ଲୋକ ତିଆରି କରୁଥିଲେ। ବର୍ତ୍ତମାନ କିଛି ବ୍ୟବସାୟିକ ସମ୍ପ୍ରଦାୟର ଲୋକ ମୁଆଁ ଗଢୁଥିବା ଦେଖିବାକୁ ମିଳିଛି। ଅବଶ୍ୟ ସେତେବେଳେ ଖୁବ କମ ଭେରାଇଟିର ମୁଆଁ ଗଢ଼ା ଯାଉଥିଲା। ଲୋକେ କେବଳ ଲିଆ ନଡ଼ିଆ ଗୁଡରେ ମୁଆଁ କରିବା ଜାଣିଥିଲେ। କିନ୍ତୁ ସମୟ କ୍ରମେ ଲୋକଙ୍କ ଚାହିଦା ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବେ ବିଭିନ୍ନ ପ୍ରକାରର ମୁଆଁ ବିକ୍ରି କରାଯାଉଛି। ମୁଆଁର ସ୍ୱତନ୍ତ୍ରତାକୁ ଧ୍ୟାନରେ ରଖି ସୂର୍ଯ୍ୟଚନ୍ଦ୍ର ଘିଅରେ ମୁଆଁ ପ୍ରସ୍ତୁତି କରାଯାଇଥାଏ। ଘିଅରେ ନିର୍ମିତ ମୁଆଁ ସମସ୍ତଙ୍କ ପ୍ରଥମ ପସନ୍ଦ ବୋଲି କୁହାଯାଏ। ବିଶେଷ କରି ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ମୁଆଁ ବେପାର ଚାଲିଥାଏ। ଏହି ମାସରେ ବନ୍ଧୁ ବାନ୍ଧବଙ୍କ ଘରକୁ ଗଲେ ପ୍ରଥମ ପସନ୍ଦ ମୁଆଁ ନେଇ ଯାଇଥାନ୍ତି। ଏହି ମୁଆଁ ବେପାର ଏକ ମାସ ଧରି ଚାଲିଥାଏ। ଏହି ଏକ ମାସ ମଧ୍ୟରେ ମୁଆଁ ସାରା ଓଡ଼ିଶାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥାଏ। ଅପରପକ୍ଷରେ ଲୋକଙ୍କୁ କିପରି ଭଲ ତଥା ଗୁଣବତ୍ତା ମୁଆଁ ଯୋଗାଇ ଦିଆଯିବ ତାକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ପ୍ରକାର ମୁଆଁ ପ୍ରସ୍ତୁତି କରାଯାଏ ବୋଲି କହିଛନ୍ତି ଶେରଗଡ ଅନ୍ୟତମ ପ୍ରସିଦ୍ଧ ମୁଆଁ ବେପାରୀ ଜେ.ରମେଶ ଚନ୍ଦ୍ର ପାତ୍ର। ଓଡ଼ିଶାରେ ମିଳୁଥିବା ସମସ୍ତ ମୁଆଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ସେଥିମଧ୍ୟରୁ ଗୁଡ଼ ମୁଆଁ କରିବାକୁ କାରିଗରମାନେ ଗୁଡ଼, ଲେମ୍ବୁ, ଲିଆ, ଘିଅ ଆଦିକୁ ବ୍ୟବହାର କରି ସ୍ୱାଦିଷ୍ଟ ଗୁଡ ମୁଆଁ ପ୍ରସ୍ତୁତ କରିଥାନ୍ତି। ସେଥି ମଧ୍ୟରେ ବାଦାମ ମୁଆଁ, ମୁଡି ମୁଆଁ, କାଜୁ ପିସ୍ତା ଲିଆ ମୁଆଁ ଆଦି ରହିଛି। ବର୍ତ୍ତମାନ ଶେରଗଡ଼ ଓ ଏହାର ଆଖପାଖ ଅଞ୍ଚଳରେ ବହୁ ବ୍ୟବସାୟୀ ମୁଆଁ ପ୍ରସ୍ତୁତ କରୁଛନ୍ତି। ଏହି ବ୍ୟବସାୟରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କାରିଗର ପେଟ ପୋଷୁଥିବା ବେଳେ ୩୦୦ରୁ ଅଧିକ ଲୋକ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିୟୋଜିତ ହୋଇ ଆସୁଛନ୍ତି। ଶେରଗଡ଼ ମୁଆଁ ବ୍ୟବସାୟୀଙ୍କ ଲାଗି ମୁଆଁ ଏକ କୁଟୀର ଶିଳ୍ପ ଭାବେ ପରିଣତ ହୋଇପାରିଛି। ମୁଆଁ ପ୍ରସ୍ତୁତିରେ ଲିଆ ଚିନି ଘିଅ ନଡ଼ିଆ କାଜୁ ପିସ୍ତା ବାଦାମ ଲେମ୍ବୁ ରସ ଚିନାବାଦାମ କୁଙ୍କୁମ ମିଠା ଆବଶ୍ୟକ ହୋଇଥାଏ। ପ୍ରଥମେ ଚିନିକୁ ପାଗ କରାଯାଏ। ଗରମ ଚିନି ପାଗ ହେବା ପରେ ପୂର୍ବରୁ ପ୍ରସ୍ତୁତ ସଫା ଲିଆ ପକାଯାଇ ଘଣ୍ଟାଯାଏ। ମୁଆଁ ପାଗ ହେବା ପରେ ତାହାକୁ ବିଭିନ୍ନ ପ୍ରକାର ଛାଞ୍ଚରେ ପକାଯାଏ। ମୁଆଁର ଉପରି ଅଂଶରେ ଗୁଡରେ ଛଣା ଯାଇଥିବା ନଡ଼ିଆ ଖଣ୍ଡ, କାଜୁ,ପିସ୍ତା, ଚିନାବାଦାମ,କୁଙ୍କୁମ ମିଠା କୁ ସଜାଇ ଦିଆଯାଏ। ତେବେ ଘିଅ ମୁଆଁ ପ୍ରସ୍ତୁତି ଟିକିଏ ନିଆରା। ଘିଅ ମୁଆଁ ପ୍ରସ୍ତୁତି ସକାଶେ ପ୍ରଥମେ ଲିଆକୁ ଘିଅରେ ଛଣାଯାଇ ପ୍ରସ୍ତୁତ କରାଯାଇଥାଏ। ସାଧାରଣତଃ ମୁଆଁ ଲୋକଙ୍କ ଆବଶ୍ୟକତା ଦୈନିକ ଅର୍ଡରକୁ ଧ୍ୟାନରେ ରଖି ମୁଆଁ ତିଆରି କରାଯାଇଥାଏ। ତେଣୁ ମୁଆଁ ଅର୍ଡର ଅନୁଯାୟୀ ଭଳିକି ଭଳି ମୁଆଁ ପ୍ରସ୍ତୁତ କରାଯାଇ ସେମାନଙ୍କୁ ଯୋଗାଇ ଦିଆଯାଇଥାଏ। ରାଜ୍ୟର କୋଣ ଅନୁକୋଣରେ ଏହାର ଚାହିଦା ଥାଏ ବୋଲି ବ୍ୟବସାୟୀ ମାନେ ପ୍ରକାଶ କରିଛନ୍ତି। ବହୁ ପୁରୁଣା ଗୁଡ ମୁଆଁ। କେଉଁ ଆବାହମାନ କାଳରୁ ଗୁଡ଼ରେ ପ୍ରସ୍ତୁତ ହୁଏ ମୁଆଁ। ସମୟ ଥିଲା ଗୁଡ଼ ମୁଆଁକୁ କେହି ପସନ୍ଦ କରୁନଥିଲେ। କିନ୍ତୁ ସମୟ ବଦଳି ଯାଇଛି, ସେହି ପୁରୁଣା ଦିନ କୁ ଫେରିଲେଣି ଗ୍ରାହକ। ଚିନି ମୁଆଁ ବଦଳରେ ଗୁଡ ମୁଆଁକୁ ବେଶ ପସନ୍ଦ କରନ୍ତି ଗ୍ରାହକ। ଏହା ଛଡା ମୁଡିରେ ପ୍ରସ୍ତୁତ ମୁଆଁର ବେଶ ଚାହିଦା ରହିଥିବା କାରିଗର ମାନେ କହନ୍ତି। ଶେରଗଡରେ ପ୍ରସିଦ୍ଧ ଲାଭ କରିଥିବା ସୁଗାର ଫ୍ରି ମୁଆଁ କେବଳ ମୁଆଁକୁ ଭଲ ପାଉଥିବା ମଧୁମେହ ଆକ୍ରାନ୍ତ ବ୍ୟକ୍ତି ବ୍ୟକ୍ତି ଚିନି ଲାଗି ଏହାକୁ ଖାଦ୍ୟ ଭାବେ ଗ୍ରହଣ କରିପାରୁନଥିବାରୁ ସୁଗାର ଫ୍ରି ମୁଆଁର ଚାହିଦା ରହିଛି। ଏହାର ମୂଲ୍ୟ ଅନ୍ୟ ମୁଆଁ ଠାରୁ ଅଧିକ ହୋଇଥାଏ। ■







### ଭାପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସମୂହ ସ୍ୱାର୍ଥକୁ ନେଇ ଗର୍ବ କରିବା ହିଁ ସ୍ୱାଭିମାନ



ଭାପୁର,୧୧।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୨୫ର ଦ୍ୱିତୀୟ ସନ୍ଧ୍ୟାରେ ବର୍ଣ୍ଣାଳୀ ହୋତା ଓ ତାଙ୍କ ଟିମ ତିରିଶ ହଜାର ଦର୍ଶକଙ୍କୁ ମତୁଆଲା କରିଛନ୍ତି। ସ୍ଥାନୀୟ କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା ଓ ଜଗଦୀଶ ପ୍ରସାଦ ରଥଙ୍କ ଭଜନରେ ଦ୍ୱିତୀୟ ଦିନର ଶୁଭାରମ୍ଭ ହୋଇଥିଲା। ନୃତ୍ୟ ପ୍ରଣାମ ବନମାଳୀପୁରର ଡ୍ୟାନସ ଗ୍ରୁପ, ରୁବି ଡ୍ୟାନସ ଗ୍ରୁପ ବଡସହରା, ରୋଶନୀ ଡ୍ୟାନସ ଗ୍ରୁପ ନୟାଗଡ଼ ପ୍ରମୁଖ ଦର୍ଶକଙ୍କୁ ମତୁଆଲା କରିଥିଲା। ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାଧୁ ତଥା ସନାତନ ଧର୍ମର ପ୍ରଚାରକ ସନ୍ଥ ଯାହାଙ୍କ ଆମେରିକା, ଜର୍ମାନ, ଇଟାଲୀ ଭଳି ଦେଶରେ ମଠ ରହିଛି ବିଶ୍ୱମିତ୍ର ଫାଉଣ୍ଡେସନର ମୁଖ୍ୟ ଆନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସୁନାମଧନ୍ୟ ସାରସ୍ୱତ ସାଧକ ଡ. ଜିତେନ୍ଦ୍ର ନାରାୟଣ ଦାସ (ଦାସ ବେନେହୁର), ବିଜେପି ରାଜ୍ୟ ଯୁବ ସମ୍ପାଦକ ଅଭିଳାଷ ପଣ୍ଡା, ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡା ବ୍ଲକ ଅଧ୍ୟକ୍ଷ ଉପମା ବେହେରା, ଶିକ୍ଷାବିତ କଥାକାର ପ୍ରଫୁଲ୍ଲ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଭାବେ ଯୋଗଦେଇ ପ୍ରଫୁଲ୍ଲ କୁମାର ମହାନ୍ତି କହିଥିଲେ ଭାପୁର ଅସ୍ମିତାରେ ବାଧକ ସାଜିଥିବା ଜୟଚନ୍ଦ୍ର ଓ କଳାପାହାଡଙ୍କୁ ଇତିହାସ କେବିବି କ୍ଷମା ଦେବନାହିଁ। ଅନ୍ୟତମ ଅତିଥି ଅଭିଳାଷ ପଣ୍ଡ କହିଥିଲେ ସମୂହ ସ୍ୱାର୍ଥକୁ ନେଇ ଗର୍ବ କଲେ ତାକୁ ସ୍ୱାଭିମାନ କୁହାଯାଏ। ତେଣୁ ମୁଁ ଭାପୁରିଆ ଭାବେ ମୋ ଭାପୁରକୁ ନେଇ ଗର୍ବ କରେ। ସ୍ୱପ୍ନକୁ ପରଖିବା ପାଇଁ ଧର୍ମର କ୍ଷେତ୍ର ସହ ଭାପୁରକୁ ପ୍ରୟୋଗ କ୍ଷେତ୍ର, ଜ୍ଞାନର କ୍ଷେତ୍ର, ପର୍ଯ୍ୟଟନ ଓ ଶିଳ୍ପ କ୍ଷେତ୍ର ଭାବେ ପରିଚିତ କରିବାକୁ ବିଶିଷ୍ଟ କଥାକାର ଦାସ ବେନେହୁର ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। ବର୍ଣ୍ଣାଳୀ ହୋତା ଓ ତାଙ୍କ ଟିମର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ସଙ୍ଗୀତରେ ଦର୍ଶକ ଝୁମିଥିଲେ।

### ■ ଦଶପଲ୍ଲା ଯୁବ ମହୋତ୍ସବ ମହକ ଉଦଘାଟିତ

# ସ୍ୱାମୀ ବିବେକାନନ୍ଦ ଜୟନ୍ତୀକୁ ଋଦ୍ଧିମନ୍ତ କଲା ତ୍ରିରଙ୍ଗା ଶୋଭାଯାତ୍ରା




ଦଶପଲ୍ଲା,୧୧।୧(ସମିସ): ଦଶପଲ୍ଲା ଯୁବ ମାନସ ସ୍ପନ୍ଦନ ତଥା ଯୁବ ମହୋତ୍ସବ ଶନିବାରଠାରୁ ସ୍ଥାନୀୟ ମହକ ମଇଦାନରେ ଆରମ୍ଭ ହୋଇଯାଇଛି। ଜାତୀୟ ଜୀବ ଦିବସ ତଥା ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ଜନ୍ମ ଜୟନ୍ତୀକୁ ଅଧିକ ଋଦ୍ଧିମନ୍ତ କରିବାକୁ ଦେଶର ଯବାନ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆରାଧ୍ୟ ଶ୍ରୀ ମହାବୀର ମନ୍ଦିରଠାରୁ ୩୦୦ ମିଟର ଲମ୍ବ ତ୍ରିରଙ୍ଗାକୁ ଦେଶଭକ୍ତି ତଥା ବୀର ବାଦ୍ୟ ତାଳେ ତାଳେ କାନ୍ଧରେ କାନ୍ଧ ମିଳାଇ ବହନ କରିଥିଲେ ଆରକ୍ଷୀ, ଏନସିସି, ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ଓ ଜନସାଧାରଣ। ସ୍ଥାନୀୟ ବିଧାୟକ ରମେଶ ବେହେରା, ଥାନା ଭାରପ୍ରାପ୍ତ ନିରୀକ୍ଷକ ଅନିତା ସାହୁ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଗୋଷ୍ଠୀ ଶିକ୍ଷାଧିକାରୀ ଭକ୍ତି ବିନୋଦ ଶଳ, ସଦର ବନପାଳ ଶ୍ରବଣ ବଳିଆରସିଂ, ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ସୌମ୍ୟ ରଞ୍ଜନ ଶତପଥୀ, ସମାଜସେବୀ ବଂଶୀଧର ନାହାକ, ବିଘ୍ନେଶ୍ୱର ବେହେରା, ପ୍ରଦୀପ ମହାନ୍ତି, ଚିତ୍ତରଞ୍ଜନ ଗୋଛି ଓ ବରିଷ୍ଠ କ୍ରୀଡାବିତ୍ ତ୍ରିନାଥ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଚିତ୍ରକଳା, ସୁନ୍ଦର ହସ୍ତାକ୍ଷର ସହିତ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସନ୍ଧ୍ୟାରେ ସ୍ତମ୍ଭକାର ହାଡିବନ୍ଧୁ ମହାକୁଡ଼ଙ୍କ ବଳିଷ୍ଠ ସଂଯୋଜନା ଦର୍ଶକଙ୍କୁ ବାନ୍ଧି ରଖିଥିଲା। ମୁଖ୍ୟଅତିଥି ଭାବରେ ସ୍ଥାନୀୟ ବିଧାୟକ ରମେଶ ବେହେରା ଜାତୀୟ ଯୁବ ଉତ୍ସବର ପ୍ରାସଙ୍ଗିକତାକୁ ବ୍ୟାଖ୍ୟା କରିବା ସହିତ ଯୁବ ଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ମଞ୍ଚାସୀନ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଉଦ୍ୟୋଗୀ ସୂର୍ଯ୍ୟ ନାରାୟଣ ସାହୁ, ସମାଜସେବୀ ଶୁଭ ନାରାୟଣ ସାହୁ, ଅଜୟ କୁମାର ମହାନ୍ତି, କ୍ଲବ୍ ସଭାପତି ଶ୍ରୀକାନ୍ତ ସାହୁ ଓ ସମ୍ପାଦକ ଚନ୍ଦନ ସାହୁ ଗରିମାମୟ ଉପସ୍ଥିତି ସାନ୍ଧ୍ୟ ଅଧିବେଶନକୁ ଗୌରବାନ୍ୱିତ କରିଥିଲେ। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି।

### ■ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ୍

# ମଣିପୁର ଦଳ ଫାଇନାଲରେ



ଦଶପଲ୍ଲା,୧୧।୧(ସମିସ): ସ୍ୱୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ସର୍ବଭାରତୀୟ ଦଶପଲ୍ଲା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ୫ମ ଦିନ ଗ୍ରୁପ ଏ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷ ପୂର୍ଣ୍ଣ ଓ ଉଚ୍ଚକୋଟୀର ଥିଲା। ଆଜି ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଇମ୍ଫାଲ ମଣିପୁର ଦଳ କଲିକତା ଦଳକୁ ୭-୬ ଗୋଲରେ ପରାସ୍ତ କରି ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ଆଜି ଖେଳରେ ଅତିଥି ଥିଲେ ଅତିରିକ୍ତ ବିଡିଓ ଶାରଦା ପ୍ରସନ୍ନ ମହାନ୍ତି ଓ ଗୋଷ୍ଠୀ ଶିକ୍ଷାଧିକାରୀ ଭକ୍ତି ବିନୋଦ ଶଳ। ଖେଳ ପରିଚାଳନା କରୁଥିଲେ ଶ୍ୟାମସୁନ୍ଦର ସାହା, ଲାଇନ୍ସରେ ଆଶ୍ରିବାଦ ସେନ, ରବିନ୍ଦ୍ରନାଥ ନାୟକ ଓ ଫୋର୍ଥ ଅଫିସିଆଲରେ ପ୍ରସନ୍ନ କୁମାର ନାୟକ ସହଯୋଗ କରୁଥିଲେ। ଆସନ୍ତାକାଲି ଓ ପରଦିନ୨ଦିନଧରିମହିଳାପ୍ରଦର୍ଶନୀଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ ନେଇ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

### ଖଲିସାହି କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ କଟକ ବିଏନ୍‌ସିସି



ଖଣ୍ଡପଡ଼ା,୧୧।୧(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ବଡ଼ ପଡ଼ିଆରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ କଟକ ବିଏନସିସି କ୍ରିକେଟ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଖଲିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଟସ ଜିତି କଟକ ବିଏନସିସି ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା।

ଜବାବରେ ଚୌଦ୍ୱାର ଏମବିସିସି କ୍ଲବ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୨୭ ରନ କରିଥିଲା। ବିଜୟୀ ଦଳର ରାକେଶ ରାଉତ ୧୯ଟି ବଲରୁ ୫୨ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଡା ପ୍ରଦୀପ କୁମାର ପାଇକରାୟ ଏବଂ ସମାଜସେବୀ ଚନ୍ଦ୍ର ପୃଷ୍ଟି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ଆଜିର ଖେଳକୁ ଦୀପକ ସାହୁ ଏବଂ ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ତୃତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ ଟିମ ଏବଂ କଟକ ସାଲେପୁର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ମିଳିଛି।

# ପ୍ରିୟାଂଶୀଶ୍ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଖଣ୍ଡପଡ଼ା,୧୧।୧(ସମିସ): ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମରେ ପ୍ରିୟାଂଶୀଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ରାଇଜିଙ୍ଗ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଶନିବାର ପ୍ରଥମ ଲିଗରେ ବରହମପୁରା କ୍ରିକେଟ ଟିମ ୪ ୱିକେଟରେ ଫୁଲପଡା କ୍ରିକେଟ ଟିମକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ଫୁଲପଡା କ୍ରିକେଟ ଟିମ ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୯୭ ରନ କରିଥିଲା। ଜବାବରେ ବରହମପୁରା କ୍ରିକେଟ ଟିମ ୧୪.୧ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ ହାସଲ କରି ନେଇଥିଲା। ବରହମପୁରା ଟିମର ଅଭୟ ୪ ଓଭର ବୋଲିଂ କରି ୪ଟି ୱିକେଟ ସହ ୨୦ ରନ କରିଥିବା ଯୋଗୁଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବରୁଣ ବରାଳ ଏବଂ ଦିନେଶ କୁମାର ମହାଳିକ ଖେଳ ପରିଚାଳନା କରିଥିବା ବେଳେ ଅଶୋକ ରାଉତ ଭାଷ୍ୟକାର ଏବଂ ନିରଞ୍ଜନ ରାଉତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଉଦଘାଟନୀ ଦିବସରେ ପ୍ରଥମେ ଦିବଙ୍ଗତ ଇଞ୍ଜିନିୟରିଂ ଛାତ୍ର ପ୍ରିୟାଂଶୀଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ ଖେଳ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକ ଗଙ୍ଗାଧର ଷଡଙ୍ଗୀ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ସମିତିସଭ୍ୟ ମହେଶ୍ୱର ରାଉତ, ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ନାୟକ ଯୋଗଦେବା ସହିତ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ନୟାଗଡ଼,୧୧।୧(ସମିସ): ନୟାଗଡ଼ ସଦର ବ୍ଲକ ସୁବର୍ଣ୍ଣଦେଇପୁର ନିକଟସ୍ଥ ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ ଶନିବାର ଉଦଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଅବସରପ୍ରାପ୍ତ ବନସଂରକ୍ଷକ ସୁରେଶ ଚନ୍ଦ୍ର ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ପଣ୍ଡିତ ଭଗବାନ ଆଚାର୍ଯ୍ୟ ସମ୍ବର୍ଦ୍ଧିତ ପ୍ରତିଭୂ ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଶ୍ରୀଧର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟର ଅରୁଣ, ଉଦୟ ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ତଥା ଟ୍ରଷ୍ଟି ହରିହର ପାତ୍ର, ସହସମ୍ପାଦକ ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଗୁରୁମା ପ୍ରିୟମ୍ବଦା ମହାପାତ୍ର ଓ ଅନ୍ୟ ଗୁରୁମାମାନେ ସହଯୋଗ କରିଥିଲେ। ଅନୁଷ୍ଠିତ ରକ୍ତଦାନ ଶିବିରରେ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କଳିକା'




ନୟାଗଡ଼,୧୧।୧(ସମିସ): ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କଳିକା ଶନିବାର ରିଜର୍ଭ ବ୍ୟାରେକ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ପିଟିଏସ୍ ଅଧ୍ୟକ୍ଷ ଭବେଶ କୁମାର ନାୟକ, ଏସ୍‌ଡ଼ିପିଓ ସୁଦର୍ଶନ ଗାଙ୍ଗୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭା ବିକାଶ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଙ୍ଗୋଲି ପ୍ରତିଯୋଗିତାରେ ୧୯ ଜଣ, କୁଇଜ ପ୍ରତିଯୋଗିତାରେ ୯୪ ଜଣ ଓ ଏକକ ଅଭିନୟରେ ୧୪ ଜଣ ସାମିଲ ହୋଇଥିଲେ। କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ରଙ୍କ ଦ୍ୱାରା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପୁଲିସ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ଭୟ ଦୂର କରାଯିବା ସହ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଆଗକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହେବ ବୋଲି ଉପସ୍ଥିତ ବରିଷ୍ଠ ପୁଲିସ ଅଧିକାରୀମାନେ କହିଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ ଉମାଶଙ୍କର ଦାଶ ଓ ସୁରେଶ ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ। ସାଇବର ଅପରାଧ ଓ ସଡ଼କ ସୁରକ୍ଷା ଉପରେ ଏକକ ଅଭିନୟ ପ୍ରତିଯୋଗିତା ହୋଇଥିଲା। କବି ଓ ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରିଜର୍ଭ ଇନ୍ସପେକ୍ଟର ଡମ୍ବରୁଧର ହନୋଗା, ବିଜୟ କୁମାର ମୁଦୁଲି, ଆରତୀ କହଁର, ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଅଗ୍ନି ନିରାପତ୍ତା ସଚେତନତା କରାଯାଇଥିଲା।

# ଗର୍ଭଣୀପଡ଼ା ଓ ସାଗରଗୁଆଁରେ ଧାନମଣ୍ଡି ଉଦ୍‌ଘାଟିତ



ବୋଲଗଡ଼, ୧୧।୧(ସମିସ): ବୋଲଗଡ଼ ବ୍ଲକର ଗର୍ଭଣୀପଡ଼ା ଓ ସାଗରଗୁଆଁ ସେବା ସମବାୟ ସମିତି ଲିଃର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଗର୍ଭଣୀପଡ଼ା ସମିତି ମଣ୍ଡିରେ ସଭାପତି ସଞ୍ଜୟ କୁମାର ବିଶ୍ୱାଳଙ୍କ ସମେତ ଜୟକୃଷ୍ଣ ଫତେସିଂହ, ମାଧବ ଚନ୍ଦ୍ର ବିଶ୍ୱାଳ, ବ୍ରଜେନ୍ଦ୍ର ସାମନ୍ତସିଂହାର, ବସନ୍ତ କୁମାର ଦାସ, ଉମାକାନ୍ତ ବିଶ୍ୱାଳ, ପରିଚାଳନା ପରିଷଦର ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ସେହିପରି ସାଗରଗୁଆଁ ସମିତି ଧାନମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମିତି ସଭାପତି କୃଷ୍ଣଚନ୍ଦ୍ର ବାରିକ, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ସରପଞ୍ଚ ରମାମଣୀ ଦେଇ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ବଜାର ନିୟନ୍ତ୍ରିତ କମିଟି ସଦସ୍ୟ ପ୍ରମୁଖଙ୍କ ସମେତ ସମିତି ପରିଚାଳନା ପରିଷଦ ସଭ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ଉଭୟ ସମିତିରୁ ପ୍ରଥମ ପର୍ଯ୍ୟାୟରେ ଦୁଇ ହଜାର କ୍ୱିଣ୍ଟାଲ ଲେଖାଏଁ ଧାନ ଉଠାଣ ପାଇଁ ମିଲର ଶିବାନୀ ଫୁଡ ପ୍ରଡକ୍ଟକୁ ଟାର୍ଗେଟ ଆସିଥିବା ମିଲର ରବୀନ୍ଦ୍ର ସୁବୁଦ୍ଧିଙ୍କଠାରୁ ସୂଚନା ମିଳିଛି।

# ଅବକାରୀ ଚଢ଼ଉ: ମଦ ସହ ୨ ବାଇକ୍ ଜବତ, ଦୁଇ ଗିରଫ

ବାଲୁଗାଁ, ୧୧।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଶନିବାର ପୂର୍ବାହ୍ନରେ ବାଣପୁର ଥାନା ଅଧିନ ଆଦିବାସୀ ମାଳ ଅଞ୍ଚଳରେ ଚଢ଼ଉ କରି ୫୨୦ ଲିଟର ଦେଶୀ ମହୁଲି ମଦ ସହ ଦୁଇ ବାଇକ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଦୁଇ ମଦ ବେପାରୀ ବାଣପୁର ଥାନା ଭିମପୁର ଗ୍ରାମର ପ୍ରଶାନ୍ତ ସେନାପତି ଓ ବଡ଼ହନ୍ତୁଆଡ଼ ଗ୍ରାମର ଅଭିମନ୍ୟୁ ପ୍ରଧାନଙ୍କୁ ଗିରଫ କରାଯାଇଛି। ଅବକାରୀ କର୍ତ୍ତୃପକ୍ଷ ସେମାନଙ୍କଠାରୁ ୨ଟି ମୋବାଇଲ ଓ ୨୨୮୦୦ ଟଙ୍କା ଜବତ କରିଛି। ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢଉରେ ବାଲୁଗାଁ ଅବକାରୀ ଏସଆଇ ସଞ୍ଜୟ କୁମାର ସୁବୁଦ୍ଧି, ସିପାହୀ ଅଶେଷ କୁମାର ପ୍ରଧାନ, ତୁଷାରକାନ୍ତ ଚମ୍ପତି, ଚିନ୍ମୟୀ ଦାଶ ଓ କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।



# ଧାନମଣ୍ଡି ଉଦ୍‌ଘାଟିତ

## ● କାଶିପୁର ନଂ-୨ ସେବା ସମବାୟ ସମିତି

ନିରାକାରପୁର, ୧୧।୧(ସମିସ): ଟାଙ୍ଗୀ ବ୍ଲକ କାଶିପୁର ନଂ-୨ ସମବାୟ ସମିତି ପକ୍ଷରୁ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ପ୍ରଦୀପ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ମିଲର ଶକ୍ତି ତାରିଣୀ, ନିରାକାରପୁର ଚାଷୀ କମିଟି ସଭାପତି ବିପିନ ଜୟସିଂହ, ପୂର୍ବତନ ଡାଇରେକ୍ଟର ଦୀପକ ପ୍ରଧାନ, ପଞ୍ଚାୟତ ପିଇଓ ପଲଟନ କିଶକୋ, ଆର୍‌ଏମ୍‌ସି ଅଖିଳ କୁମାର ପଲେଇ, ସମ୍ପାଦକ ଗୌର ଗୋବିନ୍ଦ ପଟ୍ଟନାୟକ ଏବଂ ସମସ୍ତ ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାନ କିଣିବା ନେଇ ମିଲରଙ୍କ ସହ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଚାଷୀଙ୍କଠାରୁ ଧାନ କିଣା ଯାଇଥିଲା।

## ● ପୋଡ଼ାଡିହ ସେବା ସମବାୟ ସମିତି

ବେଗୁନିଆ, ୧୧।୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ନାଗରିକ ମନମୋହନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ସଭାପତି ସୁଦର୍ଶନ ମାଣିକ, ବିଡିଓ ଲକ୍ଷ୍ମୀଧର ସାହୁ, କୁରାଡିଲୋ ରାଜସ୍ୱ ନିରୀକ୍ଷକ ଦିଲୀପ ରଞ୍ଜନ ବଳିୟାରସିଂହ, ଗ୍ରାମ୍ୟ କୃଷି କର୍ମଚାରୀ ସୋନାଲି ଶବନମ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ଡେପୁଟି ସେକ୍ରେଟାରୀ ହୃଷୀକେଶ ଜେନା, ସରପଞ୍ଚ ଲତା ସେଠୀ, ସମିତି ସଭ୍ୟ ଅଲେଖ ବେହେରା, ଗାୟକ ଅଳଙ୍କାର ଶ୍ୟାମ ସୁନ୍ଦର ତ୍ରିପାଠୀ ଓ ସମାଜସେବୀ ବାଉରୀ ଶ୍ରୀଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଧାନ ସଂଗ୍ରହ ବେଳେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହେଲେ ତୁରନ୍ତ ଦୃଷ୍ଟି ଦିଆଯିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଚାଷୀ କର୍ପୁର ବେହେରା ପ୍ରଥମେ ୫୨ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରଭାତ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ କର୍ମଚାରୀ ରାକେଶ କୁମାର ବେହେରା, ତପନ କୁମାର ସାହୁ ଓ ପ୍ରଭାତ କୁମାର ଶ୍ରୀଚନ୍ଦନ ସହଯୋଗ କରିଥିଲେ।

## ● ଧଉଳିମୁହଁ ସେବା ସମବାୟ ସମିତି

ନିରାକାରପୁର, ୧୧।୧(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଧଉଳିମୁହଁ ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷର ଖରିଫ୍ ଫସଲ ପାଇଁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛଇ। ଜଂକିଆ ରାଜସ୍ୱ ନିରୀକ୍ଷକ ରୋସନ୍ ଦଳାଇ, ଧଉଳିମୁହଁ ସରପଞ୍ଚ ଶତୃଘନ ବେହେରା, ଧଉଳିମୁହଁ ସେବା ସମବାୟ ସମିତିର ସଭାପତି ସୌଭାଗ୍ୟ ରଞ୍ଜନ ରାୟସିଂହ, ସମ୍ପାଦକ କାଶୀନାଥ ମିଶ୍ର, ମିଲର୍ କର୍ମକର୍ତ୍ତା ଓ ଅଞ୍ଚଳର ୭୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଉପସ୍ଥିତିରେ ଧାନ ବିକ୍ରୟ ଉପରେ ପ୍ରଥମେ ଆଲୋଚନା ହୋଇଥିଲା। ସମସ୍ତଙ୍କ ସହମତି ଓ ସହଯୋଗରେ ବ୍ରାହ୍ମଣଙ୍କ ବେଦପାଠ ପରେ ଧାନମଣ୍ଡି ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଥିଲା।

# ରାଧାମୋହନ ଦେବଙ୍କ ମଠରେ ପ୍ରବଚନ କାର୍ଯ୍ୟକ୍ରମ

ବେଗୁନିଆ, ୧୧।୧(ସମିସ): ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର ରାଧାମୋହନ ଦେବଙ୍କ ମଠରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଧାର୍ମିକ ଚିନ୍ତାଧାରା ପଥଭ୍ରଷ୍ଟ ଯୁବ ସମାଜକୁ ପରିବର୍ତ୍ତନ କରିବାକୁ ସୁଯୋଗ ଦେଇଥାଏ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ବେଗୁନିଆ, ୧୧।୧(ସମିସ): ବେଗୁନିଆ ବ୍ଲକ ନିକଟସ୍ଥ ପଣ୍ଡାଳମ ଗ୍ରାମର ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡାଙ୍କ ମା' ଦୁଲାମଣି ପଣ୍ଡା(୮୬) ଙ୍କର ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଛି। ସେ ଜଣେ ପରୋପକାରୀ, ଦୟାଳୁ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମର ଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଏକମାତ୍ର ପୁତ୍ର ଦିଲ୍ଲୀପ ମୁଖାଗ୍ନି ଦେଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପୂର୍ବ ଭାରତୀୟ ଜାତୀୟ ବିଜ୍ଞାନ କଂଗ୍ରେସ ପ୍ରଦର୍ଶନୀ

# ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ପୁରସ୍କୃତ



ଖୋର୍ଦ୍ଧା, ୧୧।୧(ସମିସ): ଗତ ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ କଲିକତାର ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଟେକନିକାଲ ମ୍ୟୁଜିୟମଠାରେ ପୂର୍ବ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବିହାର, ଓଡ଼ିଶା ଓ ପଶ୍ଚିମବଙ୍ଗର କୁନି ବୈଜ୍ଞାନିକମାନେ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ବିଜ୍ଞାନ ମେଳାରେ ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ସଂଗ୍ରାମ ପୁହାଣ ଅଂଶ ଗ୍ରହଣ କରି ସମ୍ବଳ ପରିଚାଳନା ଶୀର୍ଷକ ଉପରେ ତାଙ୍କର ପ୍ରକଳ୍ପ ଉପସ୍ଥାପିତ କରିଥିଲେ। ଏହି ପ୍ରକଳ୍ପଟି ବିଚାରକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ସମାପନ ସମାରୋହ ହରେ ମୁଖ୍ୟଅତିଥି ତଥା ବିଆଇଟିଏମର ନିର୍ଦ୍ଦେଶକ କୃତି ଛାତ୍ର ସଂଗ୍ରାମ ପୁହାଣକୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଭୁପ୍ରସାଦ ସେନାପତି ପତି ଏହି ପ୍ରକଳ୍ପ ପ୍ରସ୍ତୁତିରେ ଗାଇଡ ଶିକ୍ଷକ ରୂପେ ସଂଗ୍ରାମକୁ ଦିଗଦର୍ଶନ କରିଥିଲେ।ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର ଅଭିଭାବକ ସମ୍ମିଳନୀରେ ପ୍ରଧାନଶିକ୍ଷକ ପ୍ରଭାକର ସାହୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ସଂଗ୍ରାମକୁ ସମ୍ବର୍ଦ୍ଧିତ କରିଛନ୍ତି।

ସେହିପରି ଭୋପାଳର ରବୀନ୍ଦ୍ର ଭବନଠାରେ ଗତ ୩ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଜାତୀୟ ବିଜ୍ଞାନ କଂଗ୍ରେସ ପ୍ରଦର୍ଶନୀରେ ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ଜ୍ୟୋତିଷ୍ମାନ ଭଟ୍ଟ ଅଂଶଗ୍ରହଣ କରି ଜାତୀୟସ୍ତରର ବୈଜ୍ଞାନିକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂଶିତ ହୋଇଛନ୍ତି। ସେ ଉକ୍ତ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ବିଭୁପ୍ରସାଦ ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜ୍ୟୋତିଷ୍ମାନଙ୍କ ପ୍ରକଳ୍ପର ଶୀର୍ଷକ ଥିଲା ମାଟିର ପରୀକ୍ଷଣ ତଥା ସିଏଲସିସି ଚାର୍ଟର ବ୍ୟବହାର ଦ୍ୱାରା ସଫଳ ଧାନଚାଷ। ଏହି ପ୍ରତିଯୋଗିତାରେ ଭାରତର ସମସ୍ତ ରାଜ୍ୟରୁ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜ୍ୟୋତିଷ୍ମାନଙ୍କ ଏହି ସଫଳତା ବିଦ୍ୟାଳୟ ତଥା ଖୋର୍ଦ୍ଧା ଜିଲ୍ଲା ପାଇଁ ଗୌରବ ଆଣିଦେଇଛି। ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# କୋଲୁହାପାଟଣାରେ ମା' ତାରିଣୀ କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି

ବେଗୁନିଆ, ୧୧।୧(ସମିସ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ମା' ତାରିଣୀ ଫୁଟବଲ କ୍ଲବ ପକ୍ଷରୁ ୧୨ ତାରିଖରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। ଏଥିରେ ଶରଧାପୁର କ୍ଲବ, ବେତରଜଙ୍ଗ କ୍ଲବ, ହୀରାପୁର କ୍ଲବ, ଠଣାପଲି କ୍ଲବ, ନିଧିପୁର କ୍ଲବ, ପାଣିଓରା କ୍ଲବ, କୁମ୍ଭିଲୋ କ୍ଲବ, ପୋଡ଼ାପଡ଼ା କ୍ଲବ ଓ ବାଙ୍କୀ କ୍ଲବ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହେବ।୧୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ କହିଛନ୍ତି।

# ୧୨ତମ ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବଜରଙ୍ଗୀ ଘାଟିକିଆ ବିଜୟୀ

ନିରାକାରପୁର, ୧୧।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା' ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୨ ତମ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସର ସେମି ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଘାଟିକିଆ ବଜରଙ୍ଗୀ କ୍ଲବ ୨-୦ ଗୋଲରେ ଫ୍ରେଣ୍ଡସ ପାରାଡାଇଜ ଜଟଣୀକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି। ଆଜିର ଖେଳକୁ ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ ଚିତ୍ତରଞ୍ଜନ ପରିଡ଼ା, ଶରତ କୁମାର ଛୋଟରାୟ, ଫକୀର ଚରଣ ନିଶଙ୍କ ପରିଚାଳନା କରିଥିଲେ। ଅତିଥି ଭାବେ ବିଭବ ଇଷ୍ଟେଟ ନିର୍ଦ୍ଦେଶକ ବିନୟ କୃଷ୍ଣ ଦାସ, କେଲୁ ଚରଣ ସେଠୀ, ରମାକାନ୍ତ ପଟ୍ଟନାୟକ, ନୃସିଂହ ଚରଣ ମହାନ୍ତି, ଶେଖ୍ ଗୁଲାମ ରସୁଲ, ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, ଉପଦେଷ୍ଟା ନୀଳଲୋହିତ ମହାନ୍ତି, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର, ପତିତପାବନ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଚନ୍ଦନ ମିଶ୍ର, ରମାକାନ୍ତ ପଟ୍ଟନାୟକ, ପ୍ରଭାତ କୁମାର ପ୍ରହରାଜ, ସେକ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଭାସ୍କର ଭୋଇ ପ୍ରମୁଖ ସହଯୋଗ କରିଥିଲେ।



# ଦେଶୀ ମଦ ଜବତ, ୯ ଗିରଫ



ବେଗୁନିଆ, ୧୧।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ସଦର ରେଞ୍ଜ ଅବକାରୀ ବିଭାଗ ଅବକାରୀ ବିଭାଗ ଓ ବେଗୁନିଆ ଅବକାରୀ ଥାନା ପକ୍ଷରୁ ମିଳିତ ଚଢଉ କରିଥିଲେ। ଏଥିରେ ୫ ଟି ସ୍ଥାନରେ ଚଢାଉ କରି ୯ ଟି ମକଦ୍ଦମା ରୁଜୁ କରି ୧୫୨ ଲିଟର ଦେଶୀ ମଦ ଓ ଗୋଟିଏ ବାଇକ ଜବତ କରିବା ସହ ୯ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜ ଅବକାରୀ ଥାନା ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନାର କର୍ମଚାରୀଙ୍କ ସହଯୋଗରେ ଗୋବିନ୍ଦପୁର, ବଡ଼ବେରଣା, ଗଡ଼ମାଣିତୀର, ସାନପଦର ଓ ଏକଡ଼ାଳିଆ ଗ୍ରାମରେ ଚଢଉ କରିଥିଲେ।

# ମାଙ୍କଡାପଥର ବୋଝେଇ ଟ୍ରକ ଜବତ; ୩ ଗିରଫ

ବାଲୁଗାଁ, ୧୧।୧(ସମିସ): ବାଲୁଗାଁ ଥାନା ଅଞ୍ଚଳରେ ଦୁଇଟି ଟ୍ରକରେ ବେଆଇନ ଭାବେ ମାଙ୍କଡା ପଥର ବୋଝଇ ହୋଇ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ଧରିଥିଲା। କର୍ତ୍ତବ୍ୟରତ ପୁଲିସକୁ ଦୁର୍ବ୍ୟବହାର ଓ ଧମକଚମକ ଦେବା ଘଟଣାରେ ବାଲୁଗାଁ ପୁଲିସ ସମ୍ପୃକ୍ତ ଗାଡି ମାଲିକଙ୍କ ସମେତ ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରିଛି। ଦୁଇ ଟ୍ରକ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଟାଙ୍ଗୀ ଥାନା ଦୀକ୍ଷିତପଡ଼ା ଗ୍ରାମର ଗାଡି ମାଲିକ ସେକ ସବୀର, ସହଯୋଗୀ ସେକ କଏଫ ଓ ସେକ ହୁସେନ। ପୁଲିସ ଘଟଣା ସ୍ଥଳରୁ ୨ ପଥର ବୋଝେଇ ଟ୍ରକ ସମେତ ଅଭିଯୁକ୍ତଙ୍କ କାରକୁ ଜବତ କରି ତଦନ୍ତ ଜାରି ରଖିଛି।

# ଗଞ୍ଜେଇ ବୋଝେଇ କାର ଜବତ; ୩ ଗିରଫ

ଖୋର୍ଦ୍ଧା, ୧୧।୧(ସମିସ): ୫୭ ନମ୍ବର ଜାତୀୟ ରାଜପଥର ଜାଗୁଲେଇପାଟଣା ଛକ ନିକଟରୁ ଅବକାରୀ ପୁଲିସ ଚଢଉ କରି ୫୦କେଜି ଗଞ୍ଜେଇ ସମେତ ଏକ କାର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଭଦ୍ରକ ଜିଲ୍ଲା କରଣାପଲୀର ସପନ କାମିଲା (୩୪), ବିଦେଇପୁରର ପ୍ରଦୀପ ମାଇତି (୨୩) ଏବଂ ଶଙ୍କର୍ଷଣପୁରର ଅଭିଜିତ ମଣ୍ଡଳ (୩୭)। ସୂଚନା ଅନୁସାରେ ଫୁଲବାଣୀରୁ ଭଦ୍ରକ ଅଭିମୁଖେ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ସେମାନଙ୍କୁ ଧରିବା ଲାଗି ୫୭ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଜଗି ରହିଥିଲେ। ଜାଗୁଲେଇପାଟଣା ଛକ ନିକଟରେ ଓଡି୦୫ଏନ୍-୮୯୯୦ କାରକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରେ ସେଥିରୁ ଗଞ୍ଜେଇ ବାହାରିଥିଲା।

# ବାଣପୁର ମଣ୍ଡଳସ୍ତରୀୟ ସୁନିଶ୍ଚିତ କାର୍ଯ୍ୟକ୍ରମ



ବାଣପୁର, ୧୧।୧(ସମିସ): ବାଣପୁର-୧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ କେ. ବିଜୟଲକ୍ଷ୍ମୀଙ୍କ ଅଧ୍ୟକ୍ଷତାରେ ମଣ୍ଡଳସ୍ତରୀୟ ସୁନିଶ୍ଚିତ କାର୍ଯ୍ୟକ୍ରମ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବାଣପୁର ବ୍ଲକ ଅଧୀନ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ବିଷୟଗତ ଦକ୍ଷତା ସମ୍ପନ୍ନ ୨୦ ଜଣ ଆରପି ଏବଂ ଆସନ୍ତା ମାଟ୍ରିକ ବୋର୍ଡ ପରୀକ୍ଷାରେ 'ଏ-୧' ପାଇବା ପାଇଁ ଆଶାୟୀ ଥିବା ବିଭିନ୍ନ ବିଦ୍ୟାଳୟର ୪୦ ଜଣ ମେଧାବୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପଦ୍ମଚରଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟେକ ଆର୍‌ପି ପରୀକ୍ଷା ଉପଯୋଗୀ ବିଭିନ୍ନ ବିଷୟ ଉପରେ ମତାମତ ଦେବା ସହ ଛାତ୍ରଛାତ୍ରୀମାନେ ମଧ ପରୀକ୍ଷାଗତ ଦ୍ୱନ୍ଦ୍ୱ ସମାଧାନ ନିମନ୍ତେ ଆବଶ୍ୟକ ପ୍ରଶ୍ନ ପଚାରି ବୁଝିଥିଲେ। ସମୟର ସଦୁପଯୋଗ କରି ସମୟ ଅନୁସାରେ ଚାପମୁକ୍ତ ହୋଇ ଉତ୍ତର ଲେଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା।

## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ

# ମା' କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସର ବିହାର ବିଜୟୀ

ଟାଙ୍ଗୀ, ୧୧।୧(ସମିସ)



ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ ଟୁର୍ଣାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଓ୍ୱେଲଫେୟାର ୟୁଥ କ୍ଲବ ଲାଇଙ୍ଗ୍ ରାଉରକେଲାକୁ ୨-୧ ଗୋଲରେ ପରାସ୍ତ କରି ମା' କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସର ବିହାର ବିଜୟୀ ହୋଇ ଆସନ୍ତାକାଲି ଫାଇନାଲ ମ୍ୟାଚରେ ରଙ୍ଗବାଜ ଫୁଟବଲ କ୍ଲବ୍ ଜଗଦଲପୁର ଛତିଶଗଡ଼ ସହିତ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ପ୍ରଥମାର୍ଦ୍ଧ ଖେଳର ୩୧ ମିନିଟରେ ବିହାର ଦଳର ୧୩ ନମ୍ବର ଖେଳାଳି ଦିଲିପ ପ୍ରଥମ ଗୋଲି ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୨୫ ମିନିଟରେ ସେହି ବିହାର ଦଳର ୯ ନମ୍ବର ଜର୍ସି ପ୍ରିତମ ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ୨-୦ ଗୋଲରେ ଆଗୁଆ ରଖିଥିଲେ। ଖେଳର ୪୨ ମିନିଟରେ ରାଉରକେଲା ଦଳର ୧୦ ନମ୍ବର ଖେଳାଳି ରୋଷନ ଲାକ୍ରା ଗୋଟିଏ ଗୋଲ ପରିଶୋଧ କରିଥିଲେ। ବିହାରର ଗୋଲକିପର ପାର୍ଥନ ଶ୍ରେଷ୍ଠ ଖେଳାଳି ଭାବେ ସ୍ୱର୍ଗତ ଡଃ କରୁଣାକର ଶ୍ରୀଚନ୍ଦନ ମେମୋରିଆଲ ଟ୍ରଫି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଜୌତିରଞ୍ଜନ ସ୍ୱାଇଁ। ତାଙ୍କୁ ଲାଇନସମ୍ୟାନ ଭାବେ ସହାୟତା କରିଥିଲେ ରେଫରୀ ଜିତୁ ପାତ୍ର, ପ୍ରିୟବ୍ରତ ବାହିନୀପତି। ଚତୁର୍ଥ ରେଫରୀ ଥିଲେ ନନ୍ଦକିଶୋର ସ୍ୱାଇଁ। ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା ଖାଉଟି ଅଦାଲତର ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ପ୍ରାକ୍ତନ ପ୍ରାଧ୍ୟାପକ ଚନ୍ଦ୍ରକାନ୍ତ ପାଇକରାୟ, ଡଃ ନଗେନ ରାୟ ପଟ୍ଟନାୟକ, ସମାଜସେବୀ ବିଜୟ ପ୍ରଧାନ, ନବକିଶୋର ଚହଟରାୟ, ସୁବାଷ ପ୍ରଧାନ, ସଭାପତି ତଥା ସରପଞ୍ଚ କିଶୋର କୁମାର ବେହେରା, ସମାଜସେବୀ ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ଉପଦେଷ୍ଟା ବିଜୟ କୁମାର ରାଉତ, ସୁଦର୍ଶନ ପ୍ରଧାନ ଓ ସତ୍ୟବ୍ରତ ମାଝୀ। ସହାୟତା କରିଥିଲେ ବାଳକୃଷ୍ଣ ମିଶ୍ର, ନରେନ୍ଦ୍ର କୁମାର ମହାପାତ୍ର, କୋଷାଧ୍ୟକ୍ଷ ସୁନିଲ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ରାଉତ, ପ୍ରଣୟ ପାଇକରାୟ, ବିଶ୍ୱରଞ୍ଜନ ଦାସ, ମାନସ ବଳିୟାରସିଂ, ପ୍ରଣୟ ପ୍ରତିକ ପଟ୍ଟନାୟକ, ବାସୁଦେବ ବିଶ୍ୱାଳ, ରମେଶ କୁମାର ବେହେରା, ଦିଲ୍ଲୀପ କୁମାର ନାଥ, ଉପେନ୍ଦ୍ର କୁମାର ସାହୁ ଓ ସର୍ବେଶ୍ୱର ପ୍ରଧାନ।

# ଗିନି କପ୍ କ୍ରିକେଟ: ସପ୍ତମ ଦିନ ମ୍ୟାଚ୍‌ରେ ଦିନେଶ ଏକାଦଶ ବିଜୟୀ



ଖୋର୍ଦ୍ଧା, ୧୧।୧(ସମିସ): ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପର ଦ୍ୱିତୀୟ ସଂସ୍କରଣ ସପ୍ତମ ଦିନ ମ୍ୟାଚ୍‌ରେ ଦିନେଶ ଏକାଦଶ ସବ୍ୟସାଚୀ ଏକାଦଶକୁ ୫ ୱିକେଟରେ ପରାସ୍ତ କରି ବିଜୟୀ ହୋଇଛି। ସବ୍ୟସାଚୀ ଏକାଦଶ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ଓଭର୍‌ରେ ୬ ୱିକେଟ୍ ହରାଇ ୧୭୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମେନ୍ଦ୍ର ମହାନ୍ତି ୪୫ ରନ ଏବଂ ବ୍ରିଜେଶ ପ୍ରଧାନ ଅପରାଜିତ ୪୦ରନ ସଂଗ୍ରହ କରିଥିଲେ। ଦିନେଶ ଏକାଦଶ ପକ୍ଷରୁ ବିଜୟ ଗୋଛି ଏବଂ ଶଶି ଦାସ ଉଭୟ ଦୁଇଟି ୱିକେଟ୍ ଅକ୍ତିଆର କରିଥିଲେ। ୧୭୨ରନର ପିଛା କରି ଦିନେଶ କ୍ରିକେଟ ଦଳର ଶଶିକାନ୍ତ ଦାସଙ୍କ ୫୯ ବଲରେ ୧୧ଟି ଚୌକା ଏବଂ ୫ଟି ଛକା ସହାୟତାରେ ଅପରାଜିତ ୧୦୦ ରନ ଦଳକୁ ବିଜୟ କରିଥିଲା।

ଖୋର୍ଦ୍ଧା ପୌରଧକ୍ଷା କନକଲକ୍ଷ୍ମୀ ମହାନ୍ତି ମ୍ୟାଚର ଶୁଭାରମ୍ଭ କରିଥିବା ବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମ୍ୟାନ ଅଫ ଦି ମ୍ୟାଚ ଶଶିକାନ୍ତ ଦାସଙ୍କୁ ଏଚ୍‌ଏଚ୍ ଟାଇମ୍ସ ପ୍ରଦତ୍ତ ହାତ ଘଡି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚର ସୁପରିଚାଳନା ପାଇଁ ତନ୍ମୟ ବୋଷଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚ୍‌କୁ ଅମ୍ପାୟାର ପ୍ରୀତିରଞ୍ଜନ ବିଜୟସିଂହ ଏବଂ ଅବଦୁଲ ରହିମ ଖାଁ ପରିଚାଳନା କରିଥିବା ବେଳେ ଜନ୍ମେଜୟ ପ୍ରଧାନ ଏବଂ ହରିହର ଖାଡେଙ୍ଗା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ ସୋଲାର କ୍ରିକେଟ କ୍ଲବ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ଆଜିର ମ୍ୟାଚ୍‌କୁ ଆସୋସିଏସନ୍ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ସୁରେଶ ଭୂଷଣ ପଟ୍ଟନାୟକ, କାର୍ତ୍ତିକ ଜେନା, ବିଜ୍ଞାନ ସୁନ୍ଦରାୟ ଏବଂ ଅନ୍ୟ ସଭ୍ୟ ପ୍ରମୁଖ ପରିଚାଳନା କରୁଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୦୫ ● ପାଉଣ୍ଡ ୧୦୬.୨୬
- ୟୁରୋ ୮୮.୭୮ ● ୟେନ୍ ୦.୫୪

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୭,୭୮୦ (ନୂଆଦିଲ୍ଲୀ)
- ରୁପା : ୯୫,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୩୭୮.୦୦
- ନିଫ୍ଟି ୨୩,୪୪୦.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

### ରୁଷ୍ ଉପରେ ନୂଆ କଟକଣା ଲଗାଇଲେ ଆମେରିକା-ଜାପାନ

# ଅଶୋଧିତ ତୈଳ ମୂଲ୍ୟ ୪ % ବୃଦ୍ଧି

ୱାଶିଂଟନ, ୧୧।୧ (ଏଜେନ୍ସି)



ରୁଷ୍-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନି। ଏହା ୧୦୫୨ ଦିନ ହେଲା ଜାରି ରହିଛି। ଉଭୟରାଷ୍ଟ୍ର ପରସ୍ପର ଉପରେ ଆକ୍ରମଣ ଜାରି ରଖିଥିବାବେଳେ ଆମେରିକା ଏବଂ ଜାପାନ ରୁଷ୍ ଉପରେ ନୂଆ କଟକଣା ଲଗାଇଛନ୍ତି। ଆମେରିକା ଗୃହ ବିଭାଗର ସୂଚନା ଅନୁଯାୟୀ ରୁଷ୍‌ରୁ ୨୦୦ରୁ ଅଧିକ କମ୍ପାନୀ ଏବଂ ବ୍ୟକ୍ତିଙ୍କ ସହିତ ୧୮୦ରୁ ଉର୍ଦ୍ଧ୍ୱ ଜାହାଜକୁ ନିଷିଦ୍ଧ କରିଦିଆଯାଇଛି। ଏହା ବ୍ୟତୀତ ଦୁଇ ଭାରତୀୟ କମ୍ପାନୀ 'ସ୍କାଇହାର୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍' ଏବଂ 'ଏଭିଜନ ମ୍ୟାନେଜମେଣ୍ଟ ସର୍ଭିସେଜ' ଉପରେ ମଧ୍ୟ କଟକଣା ଲଗାଇ ଦିଆଯାଇଛି। ଏହି ଦୁଇ କମ୍ପାନୀ ଆମେରିକା କଟକଣା ଉଲ୍ଲଙ୍ଘନ କରି ରୁଷ୍‌କୁ ଏଲ୍‌ଏନ୍‌ଜି ପରିବହନ କରିଥିବା ଅଭିଯୋଗ ହୋଇଛି। ତେବେ ତୈଳ ଏବଂ ଗ୍ୟାସ୍‌ରୁ ରୁଷ୍ ମିଳୁଥିବା ରାଜସ୍ୱକୁ ଲକ୍ଷ୍ୟ ରଖି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏହି କଟକଣା ଲଗାଇଛନ୍ତି। ତୈଳ ଉତ୍ପାଦନ ଏବଂ ଯୋଗାଣକୁ ପ୍ରଭାବିତ କରିବା ପାଇଁ ରୁଷ୍ ତୈଳ ଉତ୍ପାଦନକାରୀ, ଟ୍ୟାଙ୍କର୍ସ, ବ୍ୟବସାୟୀ ଏବଂ ବନ୍ଦରଗୁଡ଼ିକୁ ଲକ୍ଷ୍ୟ କରି ନୂଆ କଟକଣା ଲଗାଯାଇଛି।

ଆମେରିକା କଟକଣାର ପ୍ରଭାବ ଅଶୋଧିତ ତୈଳ ଉପରେ ପଡ଼ିଛି। ରୁଷ୍ ଉପରେ କଟକଣା ଯୋଗୁଁ ଏହାର ମୂଲ୍ୟ ୩.୭ ପ୍ରତିଶତ ବୃଦ୍ଧି ପାଇଛି। ଏଥିଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ତିନି ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚି ଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଶୁକ୍ରବାର ବ୍ୟାରେଲ ପିଛା ୮୦ ଡଲାର ପାର୍ କରିଯାଇଛି। ଏହା ପୂର୍ବରୁ ଅକ୍ଟୋବର ୭ରେ ଅଶୋଧିତ ତୈଳ ଦର ଏହି ସ୍ତର ଛୁଇଁଥିଲା। ଏହି କଟକଣା ଦ୍ୱାରା ୟୁକ୍ରେନରେ ଯୁଦ୍ଧ ଜାରି ରଖିବା ପାଇଁ ରୁଷ୍‌କୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆମେରିକା ବିଦେଶମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ କହିଛନ୍ତି। ଏହି କଟକଣା ଯୋଗୁଁ ଏବେ ରୁଷ୍‌ରୁ ତୈଳ ଆମଦାନୀରେ ଭାରତ ଏବଂ ଚୀନ୍‌କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସେହିପରି ଏହି ମୂଲ୍ୟ ବୃଦ୍ଧି ଦ୍ୱାରା ଦେଶରେ ତୈଳ ଦର ହ୍ରାସ ସମ୍ଭାବନାକୁ ଝଟ୍‌କା ଲାଗିଛି। ଶେଷ ଥର ପାଇଁ ଗତ ମାର୍ଚ୍ଚରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ ପାଇଥିଲା। ସେବେଠୁ ଏ ପର୍ଯ୍ୟନ୍ତ ୪ଟି ମହାନଗରରେ ତୈଳ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ।

ଅନ୍ୟପକ୍ଷରେ ଜାପାନ ମଧ୍ୟ ଅନେକ ରୁଷ୍ ନାଗରିକ ଏବଂ କମ୍ପାନୀଙ୍କ ସମ୍ପତ୍ତି ଜବତ କରିଛି। ପୂର୍ବରୁ ଲଗା ଯାଇଥିବା କଟକଣାରୁ ବର୍ତ୍ତିବା ଲାଗି ରୁଷ୍‌କୁ ସହାୟତା କରିଥିବା କିଛି ସଂଗଠନକୁ ମଧ୍ୟ ନିଷିଦ୍ଧ କରିଦିଆଯାଇଛି। ରୁଷ୍ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ୧୧ ବ୍ୟକ୍ତି, ୨୯ ସଂଗଠନ ଏବଂ ରୁଷ୍‌ର ୩ ବ୍ୟାଙ୍କ ଉପରେ କଟକଣା ଲଗା ଯାଇଛି। ଏହା ବ୍ୟତୀତ ରୁଷ୍‌କୁ ସହାୟତା ଦେଇଥିବାରୁ ଉତ୍ତର କୋରିଆ ଏବଂ ଜର୍ଜିଆର ଏକ ବ୍ୟାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ପଦକ୍ଷେପ ୟୁକ୍ରେନ ପ୍ରତି ଜାପାନର ସହାୟତା ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଜାପାନର ମୁଖ୍ୟ କ୍ୟାବିନେଟ ସଚିବ କହିଛନ୍ତି। ଏହା ମଧ୍ୟରେ ଆମେରିକା କଟକଣାକୁ ନେଇ ରୁଷ୍ ପକ୍ଷରୁ ପ୍ରତିକ୍ରିୟା ଦିଆଯାଇଛି। ବାଇଡେନ ଯିବା ସମୟରେ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ସ୍ଥିତିକୁ ଅଧିକ କଠିନ କରିଦେଉଛନ୍ତି ବୋଲି କ୍ରେମ୍‌ଲିନ (ରୁଷ୍ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି।

୨୦୨୨ ଫେବୃଆରୀ ୨୪ରୁ ୟୁକ୍ରେନ ଆକ୍ରମଣ ପରଠାରୁ ଭାରତ ଏବଂ ଚୀନ୍ ରୁଷ୍‌ରୁ ସର୍ବାଧିକ ଅଶୋଧିତ ତୈଳ ଆମଦାନୀକାରୀ ଦେଶ ପାଲଟି ଯାଇଛନ୍ତି। ଏବେ ଭାରତୀୟ ରିଫାଇନାରୀଗୁଡ଼ିକ କଟକଣା ଲାଗିଥିବା ରୁଷ୍ ଜାହାଜ ଆଉ ବ୍ୟବହାର କରିବେ ନାହିଁ। ଏହା ଦ୍ୱାରା ରୁଷ୍ ତୈଳ ଆହୁରି ଅଧିକ ହ୍ରାସ ପାଇପାରେ। ରୁଷ୍‌ର ଅଶୋଧିତ ତୈଳ ମୂଲ୍ୟ ୬୦ ଡଲାରକୁ ଖସିପାରେ। ସୂଚନାଯୋଗ୍ୟ ଯେ ବିଶ୍ୱ ତୈଳ ଉତ୍ପାଦନରେ ରୁଷ୍‌ର ୧୦ ପ୍ରତିଶତ ଯୋଗଦାନ ରହିଛି।

- ବ୍ୟାରେଲ ପିଛା ୮୦ ଡଲାରରେ ପହଞ୍ଚିଲା
- ୨୦୦ରୁ ଅଧିକ ରୁଷ୍ କମ୍ପାନୀଙ୍କୁ ନିଷିଦ୍ଧ କଲା ଆମେରିକା
- ୧୮୦ରୁ ଅଧିକ ଜାହାଜ ଉପରେ କଟକଣା
- ୨ ଭାରତୀୟ କମ୍ପାନୀଙ୍କୁ ନିଷିଦ୍ଧ କରାଗଲା
- ରୁଷ୍‌କୁ ଏଲ୍‌ଏନ୍‌ଜି ପରିବହନ କରିଥିବା ଅଭିଯୋଗ
- ରୁଷ୍ ନାଗରିକଙ୍କ ଉପରେ କଟକଣା ଓ କମ୍ପାନୀର ସମ୍ପତ୍ତି ଜବତ କଲା ଜାପାନ

● ଆଇଏମ୍‌ଏଫ୍‌ର ଆକଳନ

## ୨୦୨୫ରେ ଭାରତର ଅଭିବୃଦ୍ଧି ହାର ମନ୍ଥର ରହିବ

ୱାଶିଂଟନ, ୧୧।୧ (ଏଜେନ୍ସି): କରୋନା ପରଠାରୁ ଭାରତୀୟ ଅର୍ଥନୀତି ରକେଟ୍ ଭଳି ମାଡ଼ି ଚାଲିଥିଲା। ପ୍ରଥମେ ୯ ପରେ ୮ ପ୍ରତିଶତ ଉପରେ ରହିଥିବା ଅଭିବୃଦ୍ଧି ହାର ଏବେ ୭ ପ୍ରତିଶତରୁ ତଳକୁ ଖସି ଆସିବା ବୋଲି ଅନୁମାନ କରାଯାଉଛି। ଏବେ ବିଶ୍ୱର ସବୁଠୁ ବଡ଼ ଆର୍ଥିକ ସଂସ୍ଥା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍) ଏହା ଉପରେ ମୋହର ଲଗାଇ



**ଆମେରିକା ବାଣିଜ୍ୟ ନୀତିରେ ଅନିଶ୍ଚିତତା ଦେଖା ଦେଇପାରେ**

ଦେଇଛି। ଆଇଏମଏଫ ଏମ୍‌ଡି କ୍ରିଷ୍ଟାଲିନା ଜାର୍ଜିଭା କହିଛନ୍ତି ଯେ ୨୦୨୫ ଆର୍ଥିକ ବର୍ଷରେ ବିଶ୍ୱ ଅର୍ଥନୀତି ସ୍ଥିର ରହିପାରେ। ତେବେ ଭାରତର ଅଭିବୃଦ୍ଧି ହାର ଟିକେ ମନ୍ଥର ହେବାର ସମ୍ଭାବନା ରହିଛି। ତେବେ ସେ ଏ ବିଷୟରେ ଅଧିକ ସୂଚନା ଦେଇନାହାନ୍ତି। 'ଗ୍ଲୋବାଲ ଇକୋନମିକ ଆଉଟଲୁକ୍'ର ରିପୋର୍ଟରେ ଏ ବିଷୟରେ ବିସ୍ତୃତ ସୂଚନା ଦିଆଯିବ।

ବାର୍ଷିକ 'ମିଡିଆ ଗୋଲ୍‌ମେଜ' ବୈଠକରେ କ୍ରିଷ୍ଟାଲିନା କହିଛନ୍ତି ଯେ ଚଳିତ ବର୍ଷ ବିଶ୍ୱରେ ବିଶେଷ କରି ଆମେରିକାର ବାଣିଜ୍ୟ ନୀତିରେ ଅନିଶ୍ଚିତତା ଲାଗି ରହିପାରେ। ଏହି ବର୍ଷ ବିଶ୍ୱ ଅଭିବୃଦ୍ଧି ହାର ସ୍ଥିର ରହିଲେ ବି ଆଞ୍ଚଳିକ ସ୍ତରରେ ତାରତମ୍ୟ ଦେଖା ଦେଇପାରେ। ଏବେ ଆମେରିକା ଭଲ ପ୍ରଦର୍ଶନ କରୁଛି। ୟୁରୋପୀୟ ସଂଘ (ଇୟୁ) ସ୍ଥିର ରହିଥିବାବେଳେ ଭାରତ ଟିକେ ଦୁର୍ବଳ ପ୍ରଦର୍ଶନ କରୁଛି। ସେହିପରି ବ୍ରାଜିଲରେ ଦରଦାମ ବୃଦ୍ଧି ଅଧିକ ରହିଛି। ଚୀନ୍ ଆହ୍ୱାନର ସମ୍ମୁଖୀନ ହେଉଛି। କମ୍ ଆୟକାରୀ ଦେଶ ଅର୍ଥନୀତିକୁ ଗତି ଦେବା ଲାଗି ଅନେକ ପ୍ରୟାସ କରୁଛନ୍ତି। କିନ୍ତୁ କୌଣସି ନୂଆ ଝଟ୍‌କା ଲାଗିଲେ ଏହା ଦେଶଗୁଡ଼ିକ ଉପରେ ନକରାତ୍ମକ ପ୍ରଭାବ ପକାଇବ।

### ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ୍ ଧମାଲ ମେଗା ଲକି ଡ୍ର

## ୩୫ ଜଣ ହେଲେ ଲକ୍ଷପତି ବିଜେତା

ପୁରୀ, ୧୧।୧(ସମିସ)

ଓଡ଼ିଶାର ସର୍ବଶ୍ରେଷ୍ଠ ଅଳଙ୍କାର ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଶନିବାର ସ୍ଥାନୀୟ ପୌର ସଦନଠାରେ ଫେଷ୍ଟିଭ ଧମାଲ ଲକ୍ଷପତି ଲକି ଡ୍ର-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ ଜଣ ଭାଗ୍ୟଶାଳୀ ବିଜେତା ହୋଇଛନ୍ତି। ଏଥିପାଇଁ ଟାଉନ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲେ ଓଲିଉଡ୍ ଡିଭା ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା। ରାମ୍ପ ଶୋ' ସାଙ୍ଗକୁ ମଞ୍ଚ ଉପରେ ସ୍ୱଚ୍ଛତାର ସହ ସହସ୍ରାଧିକ ଗ୍ରାହକଙ୍କ ସମ୍ମୁଖରେ ଲକି ଡ୍ର ଉଠାଇଥିଲେ କୁନି କୁନି ପିଲା। ଅରୁନ୍ଧତୀ ଜୁଏଲର୍ସର ୯ଟି ଷ୍ଟୋରର ଲକ୍ଷପତି କୁପନଧାରୀଙ୍କ ଭାଗ୍ୟ ପରୀକ୍ଷା ମାଧ୍ୟମରେ ୩୫ ଜଣ ବିଜେତା ହୋଇଥିଲେ। ଏହି ଭାଗ୍ୟଶାଳୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବ୍ରହ୍ମାନନ୍ଦ ମେହେର ଏବଂ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର।

ଏହି ଅବସରରେ ଶ୍ରୀ ମେହେର କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ, ଦୀର୍ଘ ୨୫ ବର୍ଷ ଧରି ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ଅତୁଟ ବିଶ୍ୱାସ ତଥା ଅରୁନ୍ଧତୀର ସମସ୍ତ କର୍ମକର୍ତ୍ତାଙ୍କ କଠିନ ପରିଶ୍ରମ, ଅବିରତ ସେବା ବଳରେ ଅରୁନ୍ଧତୀ ଓଡ଼ିଶାର ସର୍ବଶ୍ରେଷ୍ଠ ଓ ସର୍ବବୃହତ୍ ଜୁଏଲାରୀ ବ୍ରାଣ୍ଡର ଉପଲବ୍ଧି ପାଇପାରିଛି। ସେ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଓଡ଼ିଶାବାସୀଙ୍କ ପାଇଁ ସର୍ବଦା କିଛି ନୂତନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଅରୁନ୍ଧତୀ ଆଗାମୀ ଦିନରେ ମଧ୍ୟ ଅନେକ ଲକ୍ଷପତି ଓ ବିଦେଶ ଭ୍ରମଣ ସୁଯୋଗ ନେଇ ଆସୁଛି। ଆଗାମୀ ଦିନରେ ଏହି ସମ୍ପର୍କ ଆହୁରି ମଜ୍‌ବୁତ କରିବାକୁ ଅରୁନ୍ଧତୀ ପରିବାର ପ୍ରତିଜ୍ଞାବଦ୍ଧ ବୋଲି କହିଥିଲେ ଏମ୍‌ଡି ଶ୍ରୀ ମେହେର।

**ମୁଖ୍ୟ ଆକର୍ଷଣ ସାଜିଲେ ଓଲିଉଡ୍ ଡିଭା ଅର୍ଚ୍ଚିତା**

### ପୁଣି ହ୍ରାସ ପାଇଲା ବୈଦେଶିକ ମୁଦ୍ରା ଭଣ୍ଡାର

## ୬୩୪ ବିଲିୟନ ଡଲାରକୁ ଖସିଲା

ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି): ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ତିନି ତାରିଖରେ ଶେଷ ସପ୍ତାହରେ ଏହା ୫.୬୯ ବିଲିୟନ ଡଲାର ହ୍ରାସ ପାଇଛି। ଏବେ ବୈଦେଶିକ ମୁଦ୍ରା ଭଣ୍ଡାର ୬୩୪. ୫୮ ବିଲିୟନ ଡଲାରରେ ପହଞ୍ଚି ଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଟଙ୍କା ମୂଲ୍ୟରେ ହ୍ରାସବୃଦ୍ଧି ଜାରି ରହିଥିବାରୁ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇ ଚାଲିଛି ବୋଲି କୁହାଯାଉଛି। ଏହା ପୂର୍ବରୁ ଗତ ସେପ୍ଟେମ୍ବର ଶେଷରେ ମୁଦ୍ରା ଭଣ୍ଡାର ୭୦୪.୮୮ ବିଲିୟନ ଡଲାରରେ ସର୍ବୋଚ୍ଚ ସ୍ତରରେ ପହଞ୍ଚି ଯାଇଥିଲା। ଆର୍‌ବିଆଇ ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ ଗତ ସପ୍ତାହରେ ମୁଦ୍ରା ଭଣ୍ଡାରର ପ୍ରମୁଖ ଅଂଶ ଫରେନ କେରେନ୍ସି ଆସେଟ (ଏଫସିଏ) ୬.୪୪ ବିଲିୟନ ଡଲାର ହ୍ରାସ ପାଇ ୫୪୫.୪୮ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା। ଏଫ୍‌ସିଏରେ ବିଦେଶୀ ମୁଦ୍ରା ଭଣ୍ଡାରରେ ଥିବା ୟୁରୋ, ପାଉଣ୍ଡ ଏବଂ ୟେନ ଆଦି ଅଣ ଆମେରିକୀୟ ମୁଦ୍ରାର ହ୍ରାସବୃଦ୍ଧିର ପ୍ରଭାବ ସାମିଲ ହୋଇଥିଲା। ସମୀକ୍ଷାଧୀନ ସପ୍ତାହରେ ଦେଶର ସ୍ୱର୍ଣ୍ଣ ଭଣ୍ଡାର ବୃଦ୍ଧି ପାଇଥିଲା। ଏହା ୮୨.୪ କୋଟି ଡଲାର ବଢ଼ି ୬୭.୦୯ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା। ସେହିପରି ଏସ୍‌ଡିଆର ୫.୮ କୋଟି ଡଲାର ଖସି ୧୭.୮୧ ବିଲିୟନ ଡଲାର ରହିଛି। ଏହି ଅବଧିରେ ଆଇଏମଏଫ୍‌ରେ ଭାରତର ସଂରକ୍ଷିତ ଭଣ୍ଡାର ମଧ୍ୟ ହ୍ରାସ ପାଇଛି। ଏହା ୪.୧୯ ୯ ବିଲିୟନ ଡଲାରରେ ପହଞ୍ଚି ଯାଇଛି।

**ଦେଶର ସୁନା ଭଣ୍ଡାରରେ ବୃଦ୍ଧି**

## ସଞ୍ଜୀୟ ହଂସଙ୍କୁ ରତ୍ନଶ୍ରୀ ପୁରସ୍କାର

ଭୁବନେଶ୍ୱର, ୧୧।୧ (ସମିସ)

ମାନବ ସମ୍ବଳର ବିକାଶ ତଥା ଦେଶ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରବାସୀ ଓଡ଼ିଆ ଦିବସ ଅବସରରେ ଲାଲ୍‌ଚନ୍ଦ୍ ଗ୍ରୁପର ପ୍ରତିଷ୍ଠାତା ସଞ୍ଜୀୟ ହଂସଙ୍କୁ ରତ୍ନଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଶନିବାର ଭୁବନେଶ୍ୱର ସ୍ଥିତ ମେଁଫେୟାର କନଭେନ୍‌ସନର ସେଣ୍ଟ୍ରାଲ ହଲ୍‌ରେ ବିଶ୍ୱ ଓଡ଼ିଆ ସମାଜ ଦ୍ୱାରା ଅନୁଷ୍ଠିତ "ଉତ୍କଳ ଉତ୍ସବ"କାର୍ଯ୍ୟକ୍ରମରେ ସଞ୍ଜୀୟ ହଂସଙ୍କ ତରଫରୁ ଲାଲ୍‌ଚନ୍ଦ୍ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଅଜିତ ହଂସ ଏବଂ ନିର୍ଦ୍ଦେଶକ ଅଂଶୁମାନ ହଂସ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀ ଓ ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ହାଇବ୍ରିଡ଼ ମୋଡ଼ରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରବାସୀ ଓଡ଼ିଆମାନେ ଉଭୟ ଅନ୍‌ସାଇଟ୍ ଓ ଅନ୍‌ଲାଇନ୍ ମାଧ୍ୟମରେ ସାମିଲ ହୋଇଥିଲେ। ଓଡ଼ିଶାର ସମୃଦ୍ଧି ଓ ବିକାଶରେ ପ୍ରବାସୀ ଓଡ଼ିଆମାନଙ୍କ ଯୋଗଦାନକୁ ସମ୍ମାନ ଜଣାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ୟବସାୟ କ୍ଷେତ୍ରରେ ଉତ୍କର୍ଷତା ତଥା ସମାଜ ପ୍ରତି ବିଶେଷ ଅବଦାନ ପାଇଁ ଶ୍ରୀ ହଂସ ଏହି କାର୍ଯ୍ୟକ୍ରମରେ ବହୁ ଚର୍ଚ୍ଚିତ ହୋଇଥିଲେ।

ଜାନୁଆରୀ ୮ରୁ ୧୦ ତାରିଖ ମଧ୍ୟରେ ରାଜ୍ୟ ରାଜଧାନୀରେ ଅନୁଷ୍ଠିତ ତିନିଦିନିଆ ପ୍ରବାସୀ ଭାରତୀୟ ଦିବସପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୃଥିବୀର କୋଣ ଅନୁକୋଣରୁ ଅନେକ ପ୍ରବାସୀ ଓଡ଼ିଆ, ଓଡ଼ିଆ ସମାଜର ପ୍ରତିନିଧି ଓ ବିଶ୍ୱ ଓଡ଼ିଆ ସମାଜର ପଦାଧିକାରୀମାନେ ଯୋଗ ଦେଇଥିଲେ। ଲାଲ୍‌ଚନ୍ଦ୍ ଗ୍ରୁପ୍ ପାଇଁ ଏହା ଅତି ଆନନ୍ଦ ତଥା ଗୌରବର ଅବସର ଥିଲା। ଶ୍ରୀ ହଂସଙ୍କ ନେତୃତ୍ୱରେ ଲାଲ୍‌ଚନ୍ଦ୍ ଗ୍ରୁପ୍ ସଫଳତାର ଆହୁରି ଅନେକ ସୋପାନ ଅତିକ୍ରମ କରିବ ବୋଲି ଲାଲଚନ୍ଦ୍ରର ନିର୍ଦ୍ଦେଶକ କହିଛନ୍ତି।




### ବିଳାସପୂର୍ଣ୍ଣ ଘର ବିକ୍ରି ବୃଦ୍ଧି

## ୪୮୦୦ କୋଟିରେ ବିକ୍ରି ହୋଇଛି ୫୯ ଘର



ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି): ଗତ ବର୍ଷ (୨୦୨୪) ବିଳାଶପୂର୍ଣ୍ଣ ଘର ବିକ୍ରି ବୃଦ୍ଧି ପାଇଛି। ଦେଶର ପ୍ରମୁଖ ୭ ସହରରେ ୪୦ କୋଟିରୁ ଅଧିକ ଟଙ୍କାର ୫୯ଟି ଅଲ୍‌ଟ୍ରା-ଲଗ୍‌ଜୁରି ହାଉସିଂ ୟୁନିଟ ବିକ୍ରି ହୋଇଛି। ଏହି ବାବଦକୁ ପ୍ରାୟ ୪,୭୫୪ କୋଟି ଟଙ୍କା ମିଳିଥିଲା। ଏନାରକ୍‌ର ତଥ୍ୟ ଅନୁଯାୟୀ ୨୦୨୩ ତୁଳନାରେ ୨୦୨୪ରେ ଏଭଳି ବିଶାଳପୂର୍ଣ୍ଣ ଘର ବିକ୍ରି ୧୭ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୩ରେ ମୋଟ ୫୮ଟି ଅଲ୍‌ଟ୍ରା-ଲଗ୍‌ଜୁରି ଘର ବିକ୍ରି ହୋଇଥିଲା। ଏହି ବିକ୍ରିରୁ ୪୦୬୩ କୋଟି ଟଙ୍କା ମିଳିଥିଲା। ତେବେ ୨୦୨୪ରେ ବିକ୍ରି ୫୯ଟି ଅଲ୍‌ଟ୍ରା ଘର ମଧ୍ୟରେ ୫୩ ଆପାର୍ଟମେଣ୍ଟ ଏବଂ ୬ଟି ବଙ୍ଗଳା ସାମିଲ ଥିଲା। ଏଥିରୁ କେବଳ ମୁମ୍ବାଇରେ ୫୨ଟି ଘର ବିକ୍ରି ହୋଇଥିଲା। ପ୍ରତ୍ୟେକଟି ୪୦ କୋଟିରୁ ଅଧିକ ଟଙ୍କାରେ ବିକ୍ରି ହୋଇଥିଲା। ଏହି ୫୯ଟି ଚୁକ୍ତିରେ ମୁମ୍ବାଇର ଅଂଶଧନ ୮୮ ପ୍ରତିଶତ ଥିଲା। ସେହିପରି ଦିଲ୍ଲୀ-ଏନ୍‌ସିଆରରେ ୪୦ କୋଟିରୁ ଅଧିକ ଟଙ୍କାରେ କେବଳ ତିନୋଟି ଘର ବିକ୍ରି ହୋଇଥିଲା। ଏଥିରେ ଗୁରୁଗ୍ରାମରେ ଦୁଇଟି ଏବଂ ନୂଆଦିଲ୍ଲୀରେ ଗୋଟିଏ ଥିଲା। ବେଙ୍ଗାଲୁରୁ ଏବଂ ହାଇଦରାବାଦରେ ଗୋଟିଏ ଲେଖାଏଁ ଚୁକ୍ତି ହୋଇଥିଲା।

### କାର୍ଯ୍ୟ ନିର୍ଘଣ୍ଟକୁ ନେଇ ଦେଶରେ ବିତର୍କ ବଢୁଛି

# ପରିମାଣ ନୁହେଁ; ମାନ ଜରୁରୀ: ଆନନ୍ଦ ମହିନ୍ଦ୍ରା

ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି)

ବିଶ୍ୱର ଅନେକ ଦେଶ କର୍ମଚାରୀଙ୍କ ଉପରୁ ଚାପ ହ୍ରାସ ପାଇଁ କାର୍ଯ୍ୟ ସମୟ କମ୍ କରିବାରେ ଲାଗିଛନ୍ତି। ଏପରି ସମୟରେ ଭାରତରେ କର୍ମଚାରୀଙ୍କ କାର୍ଯ୍ୟ ନିର୍ଘଣ୍ଟ ବୃଦ୍ଧି କରିବାକୁ ବିଶିଷ୍ଟ ଶିଳ୍ପପତିମାନେ ଦାବି କରୁଛନ୍ତି। ଏହାକୁ ନେଇ ବିତର୍କ ବଢ଼ିବାରେ ଲାଗିଛି। ଗୋଟିଏ ଗୋଷ୍ଠୀ ଏହା ସପକ୍ଷରେ ତ ଆଉ ଏକ ଗୋଷ୍ଠୀ ବିରୋଧରେ ମତ ଦେଉଛନ୍ତି। ଇନ୍‌ଫୋସିସ୍‌ର ସହ ପ୍ରତିଷ୍ଠାତା ଏନ୍‌ଆର ନାରାୟଣ ମୂର୍ତ୍ତି, ଏଲ୍ ଆଣ୍ଡ ଟିର ଅଧ୍ୟକ୍ଷ ଏସଏନ୍ ସୁବ୍ରମଣ୍ୟନ କାର୍ଯ୍ୟ ସମୟ ବୃଦ୍ଧିକୁ ସମର୍ଥନ କରୁଥିବାବେଳେ ଏଡଲୱାଇସ ମ୍ୟୁଚୁଆଲ ଫଣ୍ଡର ଏମ୍‌ଡି ତଥା ସିଇଓ ରାଧିକା ଗୁପ୍ତା, ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ଏହା ବିରୋଧରେ ବାହାରିଛନ୍ତି। ପରିମାଣ ନୁହେଁ, ମାନ ଜରୁରୀ ବୋଲି ଶ୍ରୀ ମହିନ୍ଦ୍ରା କହିଛନ୍ତି। ସପ୍ତାହକୁ ୯୦ ଘଣ୍ଟା କାର୍ଯ୍ୟ କରିବାକୁ ନେଇ ଏସ୍‌ଏନ୍ ସୁବ୍ରମଣ୍ୟନ ଦେଇଥିବା ମନ୍ତବ୍ୟକୁ ସେ କଟାକ୍ଷ କରିଛନ୍ତି। 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ-୨୦୨୫'କୁ ସମ୍ବୋଧନ କରି ମହିନ୍ଦ୍ରା କହିଛନ୍ତି ଯେ ମୋ ସ୍ତ୍ରୀ ବହୁତ ସୁନ୍ଦର। ମୁଁ ତାଙ୍କୁ ଦେଖିବାକୁ ଭଲପାଏ। ମୁଁ ନିଃସଙ୍ଗ ଜୀବନଯାପନ କରୁନାହିଁ। ନିଃସଙ୍ଗତା ପାଇଁ ସୋସିଆଲ ମିଡିଆ ବ୍ୟବହାର କରୁନାହିଁ। ଏହା ବ୍ୟବସାୟ ପାଇଁ ଏକ ଭଲ ପ୍ଲାଟଫର୍ମ। ଏଠାରୁ ସେ ୧୧ ନିୟୁତ ଲୋକଙ୍କ ମତାମତ ପାଇପାରୁଛନ୍ତି। ତେବେ ସେ କାର୍ଯ୍ୟ ସମୟ ବଢ଼ାଇବା ଅନୁଚିତ ବୋଲି କହିଛନ୍ତି। କେତେ ଘଣ୍ଟା କାର୍ଯ୍ୟ ହେଲା ତାହାକୁ ଛାଡ଼ି ସେହି କାର୍ଯ୍ୟର ମାନ ଉପରେ ଧ୍ୟାନ ଦେବା ଉଚିତ। ଏହା ୪୦, ୪୮, ୭୦ କିମ୍ବା ୯୦ ଘଣ୍ଟାର କଥା ନୁହେଁ। ଏହି କାର୍ଯ୍ୟ ମାନ ଉପରେ ନିର୍ଭର କରୁଛି। ସେହିପରି ନାରାୟଣ ମୂର୍ତ୍ତି ଏବଂ ଅନ୍ୟ ଲୋକଙ୍କୁ ବହୁତ ସମ୍ମାନ କରନ୍ତି ବୋଲି ମହିନ୍ଦ୍ରା କହିଛନ୍ତି। ଏଥିପାଇଁ ତାଙ୍କୁ ଭୁଲ୍ ନ ବୁଝିବା ଉଚିତ। ସେ ନିଜ ଅଟୋମୋବାଇଲ କ୍ଷେତ୍ରର ଉଦାହରଣ ଦେଇ ପରିବାର ସହ ସମୟ ବିତାଇବା ଜରୁରୀ ବୋଲି ମତ ଦେଇଛନ୍ତି।

ଏହି ଚର୍ଚ୍ଚାରେ ସାମିଲ ହୋଇଛନ୍ତି ମ୍ୟୁଚୁଆଲ ଫଣ୍ଡ କମ୍ପାନୀର ଭାରତର ପ୍ରଥମ ମହିଳା ସିଇଓ ତଥା ଏମ୍‌ଡି (ଏଡଲୱାଇସ ମ୍ୟୁଚୁଆଲ ଫଣ୍ଡ) ରାଧିକା ଗୁପ୍ତା। ସେ ସପ୍ତାହକୁ ଶହେ ଘଣ୍ଟା କାମ କରିବାକୁ ନେଇ ନିଜ ଅଭିଜ୍ଞତା ବାଣ୍ଟିଛନ୍ତି। ରାଧିକା କହିଛନ୍ତି ଯେ ସେ ପ୍ରଥମ ଚାକିରିରେ ପ୍ରଥମ ପ୍ରକଳ୍ପ ପାଇଁ ଚାରି ମାସ ପର୍ଯ୍ୟନ୍ତ ସପ୍ତାହକୁ ଶହେ ଘଣ୍ଟା କାମ କରୁଥିଲେ। ସପ୍ତାହକୁ ଦିନେ ଛୁଟି ନେଇ ପ୍ରତ୍ୟେକ ଦିନ ୧୮ ଘଣ୍ଟା କାମ କରୁଥିଲେ। ସେତେବେଳେ ରବିବାର ପରିବର୍ତ୍ତେ ସୋମବାର ଛୁଟି ମିଳୁଥିଲା। କାରଣ ରବିବାର କ୍ଲାଇଣ୍ଟଙ୍କ ସହ ସାଇଟ୍‌କୁ ଯିବାକୁ ପଡୁଥିଲା। ସେତେବେଳେ ରାଧିକା ୯୦ ପ୍ରତିଶତ ଦୁଃଖୀ ରହୁଥିଲେ। ସେ ଅଫିସ ଗାଧୁଆଘରକୁ ଯାଇ କାନ୍ଦୁଥିଲେ। ଥରେ ରାତି ୨ଟାରେ ରୁମ୍ ସର୍ଭିସରୁ ଚକୋଲେଟ କେକ୍ ଖାଇଥିଲେ। ଦୁଇ ଥର ଡାକ୍ତରଖାନାରେ ମଧ୍ୟ ଭର୍ତ୍ତି ହୋଇଥିଲେ। ଶହେ ଘଣ୍ଟା କାମ କରିବା ସତ୍ତ୍ୱେ ଏହାର ଫଳାଫଳ ଭଲ ନ ଥିଲା। ରାଧିକାଙ୍କ ସହ ଗ୍ରାଜୁଏଟ ହୋଇଥିବା ଅନେକ ସହପାଠୀ ଏହି ରାୟ ଦେଇଥିଲେ। ଏହା ପୂର୍ବରୁ କିଛି ଦିନ ତଳେ ଏକ ଅନ୍‌ଲାଇନ ବୈଠକରେ ନିଜ କର୍ମଚାରୀଙ୍କ ସପ୍ତାହକୁ ଶହେ ଘଣ୍ଟା କାର୍ଯ୍ୟ କରିବା ପାଇଁ ଏଲ ଆଣ୍ଡ ଟି ଅଧ୍ୟକ୍ଷ କହିଥିଲେ। ଯଦି ସମ୍ଭବ ହୁଏ ସେ କର୍ମଚାରୀଙ୍କୁ ରବିବାର ମଧ୍ୟ କାମ କରାଇବେ। ଏହି ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରାଧିକା କହିଛନ୍ତି ଯେ ସମସ୍ତେ ସିଇଓ କିମ୍ବା ପ୍ରତିଷ୍ଠାତା ହେବାକୁ ଚାହାନ୍ତି ନାହିଁ। ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜ କ୍ଷେତ୍ରରେ କମ୍ ଚାହିଦା ଥିବା କ୍ୟାରିୟର ବାଛନ୍ତି। କାରଣ ସେମାନେ କାର୍ଯ୍ୟକୁ ନୁହେଁ, ଛୁଟିକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି।

- 'ପରିବାର ସହ ସମୟ ବିତାଇବା ଜରୁରୀ'
- ସପ୍ତାହକୁ ଶହେ ଘଣ୍ଟା କାମ କରି ଗାଧୁଆଘରେ କାନ୍ଦୁଥିଲି: ରାଧିକା
- କାର୍ଯ୍ୟ ଚାପ ଯୋଗୁଁ ସବୁବେଳେ ଦୁଃଖି ରହୁଥିଲେ
- ୨ ଥର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ



## ଦକ୍ଷିଣ ଆଫ୍ରିକା ଟି-୨୦ ଖେଳିବାରେ ଦିନେଶ କାର୍ତ୍ତିକ ପ୍ରଥମ ଭାରତୀୟ

ପାର୍ଲ,୧୧।୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଲିଗ୍‌ରେ ଏଥର ଖେଳିଛନ୍ତି ଭାରତୀୟ ଖେଳାଳି ଦିନେଶ କାର୍ତ୍ତିକ। ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି ଓ ଡେଭିଡ ମିଲରଙ୍କ ନେତୃତ୍ୱରେ ଗଠିତ ପାର୍ଲ ରୟାଲ୍ସ ଓ ଡିଫେଣ୍ଡିଂ ଚାମ୍ପିଅନ ସନ୍‌ରାଇଜର୍ସ ଇଷ୍ଟର୍ଣ୍ଣ କେପ୍ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମୁକାବିଲାରେ ଦିନେଶ



ୱିକେଟରକ୍ଷକ ଭାବେ ଅଂଶଗ୍ରହଣ କରିଛନ୍ତି। ଏହି ମ୍ୟାଚ୍‌କୁ ପାର୍ଲ ରୟାଲ୍ସ ୯ ୱିକେଟରେ ଜିତି ଦମ୍‌ଦାର ବିଜୟ ହାସଲ କରିଛି। ଏହା ଫଳରେ ଦିନେଶଙ୍କୁ ବ୍ୟାଟିଂ କରିବାର ସୁଯୋଗ ମିଳିନାହିଁ। ସେ ମାତ୍ର ଗୋଟିଏ କ୍ୟାଚ୍ ନେଇଥିଲେ। ସୂଚନାଯୋଗ୍ୟ ଭାରତରେ ଖେଳୁଥିବା ଭାରତୀୟ ଖେଳାଳିଙ୍କୁ ବିଦେଶରେ ଖେଳିବାକୁ ସୁଯୋଗ ଦିଆଯାଏ ନାହିଁ। ସେ ଗତବର୍ଷ ଭାରତରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେଇଛନ୍ତି। ଏହା ଫଳରେ ଦକ୍ଷିଣ ଆଫ୍ରିକା ଫ୍ରାଞ୍ଚାଇଜ୍‌ଭିତ୍ତିକ ଟି-୨୦ ଲିଗ୍‌ରେ ତାଙ୍କୁ ଖେଳିବା ସୁଯୋଗ ମିଳିଛି।

## ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ତାମିମଙ୍କ ସନ୍ନ୍ୟାସ

ଢାକା, ୧୧।୧ (ଏଜେନ୍ସି): ଆଇସିସି ଚାମ୍ପିଅନ୍ସ ଟ୍ରଫିର ପରବର୍ତ୍ତୀ ସଂସ୍କରଣ ଆସନ୍ତା ମାସରେ ପାକିସ୍ତାନରେ ଆୟୋଜିତ ହେବାକୁ ଯାଉଛି। ତେବେ ଏଥିପୂର୍ବରୁ ବାଂଲାଦେଶର ଭେଟେରାନ ବ୍ୟାଟର୍ ତାମିମ ଇକବାଲ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। 'ଦୀର୍ଘ ଦିନ ହେବ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଦୂରେଇ ରହିଛି। ଏହି ଦୂରତା ମଧ୍ୟ ଜାରି ରହିବ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ମୋ ଅଧ୍ୟାୟ ଶେଷ ହୋଇଛି' ବୋଲି ତାମିମ ଫେସବୁକ୍‌ରେ ଉଲ୍ଲେଖ କରିଛନ୍ତି। ସେ ଏଥିରେ ଆହୁରି ମଧ୍ୟ କହିଛନ୍ତି, 'ଚାମ୍ପିଅନ୍ସ ଟ୍ରଫି ଲାଗି ମୋତେ ବାଂଲାଦେଶ ଚୟନ କମିଟି ଓ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋଙ୍କ ନିମନ୍ତ୍ରଣ ଆସିଥିଲା। ସେମାନେ ଏବେ ମଧ୍ୟ ମୋତେ ଟିମ୍‌ରେ ଚୟନ ଲାଗି ବିଚାର କରିଥିବାରୁ ତାଙ୍କୁ ଧନ୍ୟବାଦ।' ୨୦୦୭ରେ ଜିମ୍ବାୱେ ବିପକ୍ଷ ଏକଦିବସୀୟ ଖେଳି ତାମିମ ଅନ୍ତର୍ଜାତୀୟ କ୍ରିକେଟ୍ ଆରମ୍ଭ କରିଥିଲେ। ସେ ୭୦ ଟେଷ୍ଟ, ୨୪୩ ଏକଦିବସୀୟ ଓ ୭୮ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୫୧୩୪, ୮୩୫୭ ଓ ୧୭୫୮ ରନ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ମୋଟ୍ ୨୫ ଶତକ ଲିବିବଦ୍ଧ ରହିଛି।

## ତାମିଲନାଡୁ ଜିତିଲା କୁଚ୍ ବେହାର ଟ୍ରଫି

ଅହମ୍ମଦାବାଦ୍, ୧୧।୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଜାତୀୟ ବାଳକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁଚ୍ ବେହାର ଟ୍ରଫିର ଚଳିତ ସଂସ୍କରଣରେ ତାମିଲନାଡୁ ଚାମ୍ପିଅନ ହୋଇଛି। ଘରୋଇ ଗୁଜରାଟ ଓ ତାମିଲନାଡୁ ମଧ୍ୟରେ ଏଠାରେ ଅନୁଷ୍ଠିତ ଚାରିଦିବସୀୟ ଫାଇନାଲ ମ୍ୟାଚ୍ ଡ୍ର' ରହିଥିଲା। ତେବେ ଇନିଂସ ଅଗ୍ରଣୀଭିତ୍ତିରେ ତାମିଲନାଡୁ ବିଜେତା ଘୋଷିତ ହୋଇଛି। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ପ୍ରଥମ ଇନିଂସରେ ୩୮୦ ରନ କରିଥିଲା। ଜବାବରେ ତାମିଲନାଡୁ ୪୧୩ ରନ କରି ୫୩ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଗୁଜରାଟ ୨ୟ ପାଳିରେ ୭ ୱିକେଟ୍‌ରେ ୧୭୨ ରନ କରି ପାଳି ଘୋଷଣା କରିଥିଲା। ଫଳରେ ମ୍ୟାଚର ଶେଷ ଦିବସର ଶେଷ ସେସନରେ ତାମିଲନାଡୁ ସାମ୍ନାରେ ୧୨୦ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ତାମିଲନାଡୁ ୨୧ ଓଭରରେ ଗୋଟିଏ ୱିକେଟ୍ ହରାଇ ୫୫ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମ୍ୟାଚ୍ ଡ୍ର ରହିଥିଲା।

### 'ଅସ୍ମିତା' ଖେଲୋ ଇଣ୍ଡିଆ ଜାତୀୟ ମହିଳା ଭାରୋତ୍ତୋଳନ ଚାମ୍ପିଅନସିପ

# ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ପ୍ରତିଯୋଗୀ ନିରାଶ

ବ୍ରହ୍ମପୁର,୧୧।୧(ସମିସ): ଭାରତୀୟ କ୍ରୀଡ଼ା ପ୍ରାଧିକରଣ ବା 'ସାଇ' ପକ୍ଷରୁ ବ୍ରହ୍ମପୁରରେ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଚାମ୍ପିଅନସିପରେ ବ୍ୟାପକ ଅବ୍ୟବସ୍ଥା ରହିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମର ଗଞ୍ଜାମ ଭାରୋତ୍ତୋଳନ ଏକାଡେମୀରେ ଚଳିତମାସ ୮ତାରିଖ ଠାରୁ ୧୪ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ସପ୍ତାହବ୍ୟାପୀ ଜାତୀୟ ପ୍ରତିଯୋଗିତାରେ ଦେଶର ୩ଟି ଜୋନରୁ ପ୍ରାୟ ୩ଶହ ଖେଳାଳିଙ୍କ ସମେତ ୫୦ରୁ ଅଧିକ ରେଫରୀ ଯୋଗ ଦେଇଛନ୍ତି। ଯଦିଓ ଏହି ପ୍ରତିଯୋଗିତା ପାଇଁ ଦୀର୍ଘ ୮ମାସ ପୂର୍ବରୁ ଦିନ ଓ ସ୍ଥାନ ସ୍ଥିରୀକୃତ ହୋଇଥିଲା ତଥାପି ଏଭଳି ଏକ ଖେଳର ଆବଶ୍ୟକ ପ୍ରଚାର ଓ ପ୍ରସାର କରାଯାଇ ନାହିଁ। ଫଳରେ ବିନା ଦର୍ଶକରେ ପ୍ରତିଯୋଗୀଙ୍କ ମଧ୍ୟରେ ସେଭଳି କିଛି ଉତ୍ସାହ ମଧ୍ୟ ନ ଥିବା ପରିଲକ୍ଷିତ ହେଉଛି। ସବୁଠାରୁ ବଡ଼କଥା ହେଲା ପ୍ରତିଯୋଗିତାର ଆୟୋଜନ ପାଇଁ ଯଦିଓ ପାଣିଭଳି ଟଙ୍କା ଖର୍ଚ୍ଚ ହେଉଛି ହେଲେ ଏହାର ସୁବିଧା ଖେଳାଳିଙ୍କୁ ଉପଲବ୍ଧ ହେଉନଥିବା ଜଣାପଡିଛି। ପ୍ରତିଯୋଗିତାରେ ଯୋଗ ଦେଇଥିବା ୫୨ଜଣ ରେଫରୀ ବା ଅଫିସିଆଲଙ୍କ ପାଇଁ ରହିବା, ଯାତାୟତ ଓ ଖାଦ୍ୟପେୟର ବ୍ୟବସ୍ଥା ରହିଥିବା ବେଳେ ଦେଶର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ପ୍ରତିଯୋଗୀଙ୍କ ପାଇଁ ଏହିସବୁ ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡିଛି। ଫଳରେ ପ୍ରତିଯୋଗୀମାନେ ନିଜସ୍ୱ ଖର୍ଚ୍ଚରେ ନିଜ ବ୍ୟବସ୍ଥାରେ ବିଭିନ୍ନ ସ୍ଥାନରେ ରହିବା ସହିତ ଖାଦ୍ୟପେୟର ବ୍ୟବସ୍ଥା କରୁଥିବା



ଜଣାପଡିଛି। ଏତଦ୍‌ବ୍ୟତୀତ ଇନ୍‌ଡୋର ଷ୍ଟାଡିୟମର ଗାଲେରୀରେ ୨ଶହ ଦର୍ଶକଙ୍କ ପାଇଁ ବସି ପ୍ରତିଯୋଗିତା ଉପଭୋଗ କରିବାର ବ୍ୟବସ୍ଥା ଥିଲେ ହେଁ ସମ୍ପୂର୍ଣ୍ଣ ଗାଲେରୀ ବିନା ଦର୍ଶକରେ ଖାଁ ଖାଁ ପରିଲକ୍ଷିତ ହେଉଛି।

ଏଠାରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଛି। ତେବେ ଏଭଳି ଏକ ଜାତୀୟସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରି ଦର୍ଶକଙ୍କ ଗ୍ୟାଲେରୀ ଖାଲି ରହୁଥିବା ବେଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଉତ୍ସାହୀ ଯୁବବର୍ଗଙ୍କୁ ତଥା ସ୍ଥାନୀୟ ଜନସାଧାରଣଙ୍କୁ ଦେଖିବାର ସୁଯୋଗ ନ ଦେବା ସବୁଠାରୁ ଚିନ୍ତା ଓ ପରିତାପର ବିଷୟ ପାଲଟିଛି। ଜାତୀୟସ୍ତରର ଖେଳାଳିଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରାଇବା ଅଥବା ମନୋରଞ୍ଜନ ପାଇଁ ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇ ନାହିଁ। ଜାତୀୟସ୍ତରର ଏଭଳି ପ୍ରତିଯୋଗିତା ଆୟୋଜନ ନିଜର ଜୀବନକାଳ ମଧ୍ୟରେ ପ୍ରଥମ ଥର ପାଇଁ ଦେଖୁଥିବା କହିଛନ୍ତି ପୂର୍ବତନ ତଥା ବରିଷ୍ଠ ସାଇ କୋଚ ପୂର୍ଣ୍ଣ ପଟ୍ଟନାୟକ। ଏଭଳି ସମସ୍ୟା ସମ୍ପର୍କରେ ସମସ୍ତେ ଜାଣି ମୁହଁବନ୍ଦ କରି ରହିଥିବା ସେ କହନ୍ତି। ରାଜ୍ୟ ଭାରୋତ୍ତୋଳନ ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ କହିଛନ୍ତି ଭାରତୀୟ ଭାରୋତ୍ତୋଳନ ମହାସଂଘର ନିଷ୍ପତ୍ତି ପ୍ରକାରେ ନିତିନିୟମରେ କିଛି ପରିବର୍ତ୍ତନ କରାଯାଇଛି। ତେବେ ପ୍ରତିଯୋଗିତା ଦେଖିବା ପାଇଁ ଛାତ୍ରଛାତ୍ରୀ ତଥା ଉତ୍ସାହୀ କ୍ରୀଡାବିତଙ୍କୁ ସୁଯୋଗ ଦେବା ଉଚିତ ଥିଲା। ସେପଟେ ଭାରତୀୟ ଭାରୋତ୍ତୋଳନ ମହାସଂଘର ମହାସଚିବ ଏଚଏସ ଆନନ୍ଦ ଗୌଡା ଦିନକୁ ଦିନ ପ୍ରତିଯୋଗୀଙ୍କ ଉନ୍ନତ ଖେଳ ପ୍ରଦର୍ଶନ ଓ ପ୍ରତିଯୋଗୀଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଖେଳ ଡିସେମ୍ବର ସୁଦ୍ଧା ପ୍ରତିଯୋଗିତା ଆୟୋଜନ ହେବା କଥା। ବର୍ତ୍ତମାନ ପିଲାଙ୍କ ପରୀକ୍ଷା ଚାଲିଥିବାରୁ ଯୁବବର୍ଗରେ ପ୍ରତିଯୋଗୀଙ୍କ ସଂଖ୍ୟା କମ୍ ରହିଛି। ବିଭିନ୍ନ ବର୍ଗରେ ଶ୍ରେଷ୍ଠ ୮ଜଣ ଖେଳାଳିଙ୍କୁ ଯଥାକ୍ରମେ ୨୦ହଜାର, ୧୫ହଜାର, ୧୦ହଜାର ଏହିଭଳି ଅଷ୍ଟମ ସ୍ଥାନରେ ରହୁଥିବା ପ୍ରତିଯୋଗୀଙ୍କୁ ସର୍ବନିମ୍ନ ୨ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ଖେଳାଳିଙ୍କୁ ରହିବା, ଖାଦ୍ୟପେୟ ଓ ଯାତାୟତ ବାବଦ ଖର୍ଚ୍ଚକୁ ବାଦ୍ ଦେବା ପଛରେ ଅନେକ କାରଣ ଥିବା ସେ ସୂଚନା ଦେଇଛନ୍ତି। ଏହି ଖର୍ଚ୍ଚ ଖେଳାଳିଙ୍କ ନିଜର ରାଜ୍ୟ ସରକାର ବହନ କରିବା କଥା, ଏହା ହେଉଛି କି ନାହିଁ ସେନେଇ ସେ ସ୍ପଷ୍ଟ କରିପାରି ନାହାନ୍ତି। ବ୍ରହ୍ମପୁର ଷ୍ଟାଡିୟମରେ ଥିବା ଏକାଡେମୀ ତଥା ଇନ୍‌ଡୋର ଷ୍ଟାଡିୟମ ବିଶ୍ୱସ୍ତରୀୟ। ଏଠାରେ ଆନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରାଯିବାରେ କିଛି ସମସ୍ୟା ନଥିଲେ ହେଁ ବିମାନବନ୍ଦର ଓ ହୋଟେଲ ବ୍ୟବସ୍ଥା ପ୍ରତିବନ୍ଧକ ସାଜିପାରେ ବୋଲି ଆଶଙ୍କା କରିଛନ୍ତି ଭାରତୀୟ ଭାରୋତ୍ତୋଳନ ମହାସଂଘର ମହାସଚିବ ଏଚଏସ ଆନନ୍ଦ ଗୌଡା। ପ୍ରତିଯୋଗିତା ଆୟୋଜନରେ ବିଳମ୍ବ, ପ୍ରଚାର ଓ ପ୍ରସାରରେ ଅଭାବ ସାଙ୍ଗକୁ ଦର୍ଶକ ଗାଲେରୀ ଖାଲିପଡିବା ଆଦି ବିଭିନ୍ନ ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟର ଅଭାବକୁ ଦାୟୀ କରାଯାଇଛି।

### ଖେଲୋ ଇଣ୍ଡିଆ ଜାତୀୟ ମହିଳା ଭାରୋତ୍ତୋଳନ

## ସ୍ୱର୍ଣ୍ଣ ବିଜୟିନୀ ଜ୍ୟୋତ୍ସ୍ନାଙ୍କୁ ସମ୍ବର୍ଦ୍ଧନା

ରାୟଗଡ,୧୧।୧(ସମିସ): ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନରେ ପ୍ରଥମ ହୋଇଥିବା ଜ୍ୟୋତ୍ସ୍ନା ଶବରଙ୍କୁ ରାୟଗଡ଼ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ରାୟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ ଜ୍ୟୋତ୍ସ୍ନାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଖେଲୋ ଇଣ୍ଡିଆ ଜାତୀୟ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାରେ ଜ୍ୟୋତ୍ସ୍ନା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ୪୦ କେଜି ଯୁବ ବର୍ଗରେ ମୋଟ ୧୧୮ କେଜି (ସ୍ନାଚ - ୫୫ ଓ କ୍ଲିନ୍ ଆଣ୍ଡ ଜର୍କ - ୬୩) ଭାର



ଉଠାଇଥିଲେ। ପ୍ରକାଶ ଯେ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଭାରୋତ୍ତୋଳନ ପ୍ରତିଯୋଗିତାର ସଫଳ ଖେଳାଳି ଭାବେ ଜ୍ୟୋତ୍ସ୍ନା ସଫଳତା ଅର୍ଜନ କରିଛନ୍ତି। ଜ୍ୟୋତ୍ସ୍ନାଙ୍କ ଘର ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ମାର୍ଲବା ପଞ୍ଚାୟତ ଅନ୍ତର୍ଗତ ପେକଟ ଗ୍ରାମରେ। ସେ ଭୁବନେଶ୍ୱର ସ୍ଥିତ କିସ୍ ବିଦ୍ୟାଳୟର ଯୁକ୍ତଦୁଇର ପ୍ରଥମ ବର୍ଷରେ ପାଠ ପଢୁଛନ୍ତି। ଏହି ସ୍କୁଲ୍‌ର ଛାତ୍ରୀ ଜ୍ୟୋତ୍ସ୍ନାଙ୍କ ସାନଭଉଣୀ କୁମୁଦିନୀ ମଧ୍ୟ ଏଠାରେ ପଢୁଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମ ପ୍ରସାଦ ପାଇକ, ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ, ଅଞ୍ଚଳବାସୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଆହାନଙ୍କୁ ଡବଲ୍ ଟ୍ରଫି ସଫଳତା

ଭୁବନେଶ୍ୱର, ୧୧।୧ (ସମିସ): ଓଡ଼ିଶାର ଉଦୀୟମାନ ଟେନିସ ଖେଳାଳି ଆହନ ମିଶ୍ର କୋଲକାତାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଆଇଟା ଟୁର୍ଣ୍ଣାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦୁଇଟି ଟ୍ରଫି ହାସଲ କରିଛନ୍ତି। ଏହି



ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସରେ ଘରୋଇ ବେଙ୍ଗଲର ସୌନକ ଚାଟାର୍ଜୀଙ୍କୁ ସାଥୀ କରି ଆହାନ ଚାମ୍ପିଅନ ହୋଇଥôଲେ। ତେବେ ପୁରୁଷ ସିଙ୍ଗଲ୍ସରେ ଆହାନ ୨-୬, ୬-୨, ୫-୭ରେ ଟପ୍ ସିଡ୍ ସୌନକଙ୍କ ନିକଟରୁ ହାରି ରନର୍ସଅପ୍ ରହିଥିଲେ। ଏହି ଟୁର୍ଣ୍ଣାମେଣ୍ଟରୁ ଆହାନ ଡବଲ୍ସରେ ୨୫ ଓ ସିଙ୍ଗଲ୍ସରେ ୨୦ ଆଇଟା ର୍‌ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି।

### ଜାତୀୟ ସିନିଅର ବିଚ୍ ହ୍ୟାଣ୍ଡବଲ୍

## ମୁମ୍ବାଇକୁ ହରାଇଲା ଓଡ଼ିଶା



ଭୁବନେଶ୍ୱର, ୧୧।୧ (ସମିସ): ଆସାମର ଗୌହାଟୀରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ବିଚ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଶନିବାର ଏକ ମ୍ୟାଚରେ ଓଡ଼ିଶା ୨-୧ରେ ମୁମ୍ବାଇକୁ ପରାସ୍ତ କରିଛି। ଶୁଭେନ୍ଦୁ ଦାସଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଆସାମ, ଅରୁଣାଚଳ ପ୍ରଦେଶ ଏବଂ ଜମ୍ମୁ ଓ କଶ୍ମୀରକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଆୟାଂଶୁ ଦାସ, ଅଂଶୁମାନ ଦାସ, ସ୍ୱୟଂ ସିଦ୍ଧାର୍ଥ ପ୍ରଧାନ, ଅଭିଷେକ ପରିଡ଼ା, ଆଦିତ୍ୟ ରେଡ୍ଡୀ, ଜିତେଶ ଜେନା, ରୀତିକା ହୋ, ରାଜାରାମ ପଣ୍ଡା ଓ ଗୌରୀଶଙ୍କର ଜେନା।

## ଖୋ ଖୋ ବିଶ୍ୱକପ୍ ଖେଳିବେ ଓଡ଼ିଶା ଏଏମ୍‌ଏନ୍‌ଏସ୍ ଏଚ୍‌ପିସିର ୩ ଖେଳାଳି

ଭୁବନେଶ୍ୱର, ୧୧।୧ (ସମିସ): ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ସୋମବାରଠାରୁ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଷ୍ଟାଡିୟମରେ ଆରମ୍ଭ ହେବାକୁଯାଉଛି। ଏହି ମେଗା ଇଭେଣ୍ଟ ଲାଗି ନିକଟରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଯେଉଁଥିରେ ପୁରୀସ୍ଥିତ ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ୩ଜଣ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଭାରତୀୟ




ମହିଳା ଦଳରେ ଶୁଭଶ୍ରୀ ସିଂ ଓ ମଗାଇ ମାଝୀ ଭାରତୀୟ ମହିଳା ଦଳରେ ଓ ପବନୀ ଶବର ପୁରୁଷ ଦଳରେ ପ୍ରତିନିଧିତ୍ୱ କରିବେ। ଏହି ସଫଳତା ଲାଗି ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା କହିଛନ୍ତି, ଟିମ୍ ଇଣ୍ଡିଆ ପାଇଁ ୩ଜଣ ଖେଳାଳି ମନୋନୀତ ହେବା ଆମ ଏଚ୍‌ପିସି ପାଇଁ ଏକ ଐତିହାସିକ ସଫଳତା। ଏହି ସଫଳତା ଆଥ୍‌ଲେଟ୍ ଏବଂ ଆମେ କୋଚିଂ ଷ୍ଟାଫ୍‌ଙ୍କ କଠିନ ପରିଶ୍ରମ, ସମର୍ପଣ ଭାବ ଓ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଅତୁଟ ସହାୟତାର ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିଭଳି ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମଏନ୍‌ଏସ୍)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ ଉମେ କହିଛନ୍ତି, 'ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନଙ୍କୁ ପ୍ରଶିକ୍ଷତ ଓ ବିକଶିତ କରିବା ଦିଗରେ କ୍ରୀଡ଼ାର ଏକ ସକାରାତ୍ମକ ଭୂମିକା ରହିଛି ବୋଲି ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବିଶ୍ୱାସ ରହିଛି। ଖୋ ଖୋ ଓ ଜିମ୍ନାଷ୍ଟିକ ଭଳି କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସହ ଆମର ସହଭାଗୀତା ପାଇଁ ଆମେ ଗର୍ବିତ। ଏହି ୩ ଖେଳାଳିଙ୍କ ଲାଗି ଆମେ ବେଶ ଗର୍ବିତ ଏବଂ ବିଶ୍ୱକପ୍‌ରେ ସେମାନେ ନିଜର ପ୍ରଦର୍ଶନ ଦ୍ୱାରା ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବେ ବୋଲି ବିଶ୍ୱାସ ରହିଛି'।

### ବିଜୟ ହଜାରେ ଟ୍ରଫି

# ସେମିଫାଇନାଲରେ କର୍ଣ୍ଣାଟକ, ମହାରାଷ୍ଟ୍ର

ଭଦୋଦରା,୧୧।୧(ଏଜେନ୍ସି): କର୍ଣ୍ଣାଟକ ଓ ମହାରାଷ୍ଟ୍ର ଚଳିତବର୍ଷର ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ଶେଷ ଓଭରରେ କର୍ଣ୍ଣାଟକ ୫ ରନ୍‌ରେ ବରୋଦାକୁ ଓ ମହାରାଷ୍ଟ୍ର ୭୦ ରନ୍‌ରେ ପଞ୍ଜାବକୁ ପରାସ୍ତ କରିଥିଲା। ଏହି ମୁକାବିଲାରେ କର୍ଣ୍ଣାଟକର ଦେବଦତ୍ତ ପାଡ଼ିକଲ (୧୦୨), ବରୋଦାର ଶାଶ୍ୱତ ରାୱତ (୧୦୪) ଓ ମହାରାଷ୍ଟ୍ରର ୧୯ ବର୍ଷୀୟ ଖେଳାଳି ଅର୍ଶିନ କୁଲକର୍ଣ୍ଣି (୧୦୭) ଶତକ ହାସଲ କରିଛନ୍ତି। ଆସନ୍ତାକାଲି ବା ରବିବାର ଗୁଜରାଟ ବନାମ ହରିୟାଣା ଓ ବିଦର୍ଭ ବନାମ ରାଜସ୍ଥାନ ମଧ୍ୟରେ ଅନ୍ୟ ଦୁଇଟି କ୍ୱାର୍ଟରଫାଇନାଲ ଖେଳାଯିବ।



ମୋତିବାଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଦେବଦତ୍ତ ପାଡିକଲ (୯୯ବଲ୍‌ରେ ୧୦୨ ରନ୍, ୧୫ଚୌକା, ୨ଛକା)ଙ୍କ ଶତକ ଓ ଅନୀଶ କେଭିଙ୍କ ୫୨ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ୮ ୱିକେଟରେ ୨୮୧ ରନ୍ କରିଥିଲା। ପ୍ରତିପକ୍ଷ ଦଳର ରାଜ ଲିମ୍ବାନି ଓ ଅତୀତ ସେଠ୍ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୧୯ ବର୍ଷୀୟ ଯୁବ ଖେଳାଳି ଶାଶ୍ୱତ ରାୱତଙ୍କ ୧୨୬ ବଲ୍‌ରୁ ୧୦୪ ଓ ଅତୀତ ସେଠଙ୍କ ୫୬ ରନ୍ ସତ୍ତ୍ୱେ ଦଳ ବିଜୟଲକ୍ଷ୍ୟଠାରୁ ୫ ରନ୍ ଦୂରରେ ରହିଯାଇଥିଲା। ଏପରିକି ଦଳକୁ ଶେଷ ୨ଟି ବଲ୍‌ରେ ବିଜୟ ଲାଗି ୬ ରନ୍ ଦରକାର ହେଉଥିଲାବେଳେ ୧୨ ବଲ୍‌ରେ ୨୦ ରନ୍ କରିଥିବା ଭାର୍ଗବ ଭଟ୍ଟ ରନ୍‌ଆଉଟ ହେବାରୁ ଦଳ ପରାଜିତ ହୋଇଥିଲା। ବିଜୟୀ କର୍ଣ୍ଣାଟକ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା, ବାସୁକି କୌଶିକ୍, ଶ୍ରେୟାସ ଗୋପାଳ ଓ ଅଭିଲାଷ ସେଟ୍ଟୀ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

କୋଟାମ୍ବି ଷ୍ଟାଡିୟମ୍‌ରେ ଯୁବ ଖେଳାଳି ଅର୍ଶିନ କୁଲକର୍ଣ୍ଣି ୧୩୭ ବଲ୍‌ରୁ ୧୪ ଚୌକା ସହ ୧୦୭ ଓ ବରିଷ୍ଠ ଖେଳାଳି ଅଙ୍କିତ ବାୱନେ ୬୦ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ମହାରାଷ୍ଟ୍ର ୬ ୱିକେଟରେ ୨୭୫ ରନ୍ କରିଥିଲା। ପ୍ରତିପକ୍ଷ ପଞ୍ଜାବ ଖେଳାଳି ଅର୍ଶଦୀପ ସିଂ ୩ଟି ଓ ନମନ ଧୀର ୨ଟି ୱିକେଟ ନେଇଥିଲେ। ଜବାବରେ ଅଧିନାୟକ ଅଭିଷେକ ଶର୍ମା (୧୯) ଓ ପ୍ରଭସିମରନ ସିଂ (୧୪) ବିଫଳ ହେବା ପରେ ପଞ୍ଜାବ ଦଳ କ୍ରମାଗତ ୱିକେଟ ହରାଇଥିଲା। ନଂ-୩ରେ ଅନ୍‌ମୋଲପ୍ରୀତ୍ ସିଂ ଧୈର୍ଯ୍ୟପୂର୍ଣ୍ଣ ୪୮ ଓ ନଂ-୯ରେ ବ୍ୟାଟିଂ କରିଥିବା ଅର୍ଶଦୀପ ୩୯ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୪୯ ରନ୍ କରିଥିଲେ ତାହା ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା। ଦଳ ୪୪.୪ ଓଭରରେ ୨୦୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ପ୍ରତିପକ୍ଷ ମହାରାଷ୍ଟ୍ରର ମୁକେଶ ଚୌଧୁରୀ ସର୍ବାଧିକ ୩ଟି ଓ ପ୍ରଦୀପ ଦାଧେ ୨ଟି ୱିକେଟ ପାଇଥିଲେ। ଅଧିନାୟକ ଋତୁରାଜ ଗାଏକ୍ୱାଡ୍ (୫) ବ୍ୟାଟିଂରେ ଫେଲ ମାରିଥିଲେ।

## ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫିରେ ପଞ୍ଜାବ ଚାମ୍ପିଅନ




କୋଲକାତା, ୧୧।୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଷ୍ଟେଟ-ଏ ଟ୍ରଫିରେ ପଞ୍ଜାବ ଚାମ୍ପିଅନ ହୋଇଛି। ଏଠାରେ ଖେଳାଯାଇଥିବା ଫାଇନାଲରେ ପଞ୍ଜାବର ୫୬ ରନରେ ଗୁଜରାଟକୁ ହରାଇ ଏହି ସଫଳତା ପାଇଛି। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ଓପନର୍ ହରନୁର୍ ସିଂହ (୧୦୦ ରନ)ଙ୍କ ଶତକ ବଳରେ ୫୦ ଓଭରରେ ୮ ୱିକେଟ ହରାଇ ୩୧୭ ରନ କରିଥିଲା। ଜବାବରେ ଆର୍ଯ୍ୟା ଦେଶାଇ (୭୬) ଓ ଅଧିନାୟକ ପ୍ରିୟେଶ (୬୩)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୪୭.୧ ଓଭରରେ ୨୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଚାମ୍ପିଅନ ଦଳର ଆୟୁଷ ଗୋୟଲ ଓ ଆର୍ଯ୍ୟମାନ ଧଲିୱାଲା ୩ଟି ଲେଖାଏ ୱିକେଟ୍ ନେଇଥିଲେ।

### ଅଷ୍ଟ୍ରେଲିଆନ ଓପନ୍ ଆଜିଠାରୁ

## ଫୋକସ୍‌ରେ ଜୋକୋଭିଚ୍

ମେଲବୋର୍ଣ୍ଣ,୧୧ ।୧(ଏଜେନ୍ସି): ମେଲବୋର୍ଣ୍ଣ ପାର୍କରେ ରବିବାରଠାରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଜାନୁଆରୀ ୧୨ରୁ ୨୬ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟ ହାର୍ଡ (ଗ୍ରୀନ୍‌ସେଟ୍) କୋର୍ଟ ଉପରେ ଖେଳାଯିବ। ଗତବର୍ଷ ବିଶ୍ୱର



୧ ନଂ ଖେଳାଳି ଇଟାଲୀ ଜାନିକ ସିନର ପୁରୁଷ ଏକକ ଏବଂ ବିଶ୍ୱର ଶ୍ରେଷ୍ଠ ମହିଳା ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ମହିଳା ଏକକରେ ଟାଇଟଲ ହାସଲ କରିଥିଲେ। ଏଥର ମଧ୍ୟ ଦୁଇ ଖେଳାଳି ଟୁର୍ଣ୍ଣାମେଣ୍ଟର ହଟ୍ ଫେବରାଇଟ ବିବେଚିତ ହେଉଛନ୍ତି। ୧୦ଥର ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିଥିବା ୩୭ ବର୍ଷୀୟ ସର୍ବିଆରେ ନୋଭାକ ଜୋକୋଭିଚ୍ ଏଥର ସଫଳ ହେଲେ ୨୫ଟି ଗ୍ରାଣ୍ଡସ୍ଲାମ ଜିତିବେ ଓ ଅଷ୍ଟ୍ରେଲିଆର ମହିଳା କିମ୍ବଦନ୍ତୀ ମାର୍ଗାରେଟ କୋର୍ଟ (୨୪ ଟାଇଟଲ)ଙ୍କୁ ପଛରେ ପକାଇ ବିଶ୍ୱର ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରେକର୍ଡ କରିବେ। ବିଶ୍ୱର ୨ ନଂ ମହିଳା ଖେଳାଳି ପୋଲାଣ୍ଡର ଇଗା ସ୍ୱିଆଟେକ ମଧ୍ୟ ଟାଇଟଲ ରେସ୍‌ରେ ରହିଛନ୍ତି। ପୁରୁଷ ଏକକରେ ବିଶ୍ୱର ୨ ନଂ ଖେଳାଳି ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ୩ ନଂ ଖେଳାଳି ସ୍ପେନର କାର୍ଲୋସ ଆଲକାରାଜ, ୪ ନଂ ଖେଳାଳି ଆମେରିକାର ଟେଲର ଫ୍ରିଜ୍, ୪ ନଂ ଖେଳାଳି ରୁଷିଆର ଡାନିଏ ମେଦଭେଦେଭ ମଧ୍ୟ ଚାମ୍ପିଅନ ହେବାର ସମ୍ଭାବନା ସୃଷ୍ଟି କରିଛନ୍ତି। ସ୍ପେନ କିମ୍ବଦନ୍ତୀ ରାଫେଲ ନାଦାଲଙ୍କ ଅବସର ପରେ ଏହା ହେବ ପ୍ରଥମ ଗ୍ରାଣ୍ଡସ୍ଲାମ। ଏଥର ଟୁର୍ଣ୍ଣାମେଣ୍ଟରେ ରେକର୍ଡ ଆର୍ଥିକ ପୁରସ୍କାର ରଖାଯାଇଛି।

### ଅଂଶଗ୍ରହଣ କରିବେ ୫ ଭାରତୀୟ

ଏଥର ଅଷ୍ଟ୍ରେଲିଆନ ଓପନ୍‌ରେ ୫ଜଣ ଭାରତୀୟ ଖେଳାଳି ଅଂଶଗ୍ରହଣ କରିବେ। ଏମାନେ ହେଲେ ସୁମିତ ନାଗଲ, ଅଭିଜ୍ଞ ରୋହନ ବୋପାନ୍ନା, ୟୁକି ଭାମ୍ବ୍ରୀ, ଶ୍ରୀରାମ ବାଲାଜୀ ଓ ରତଭିକ୍ ବୋଲିପାଲ୍ଲୀ। ରତଭିକ୍ ଗ୍ରାଣ୍ଡସ୍ଲାମ ଡେବ୍ୟୁ କରିବେ।

### ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍ ଲାଗି ଦଳ ଘୋଷଣା

# ଭାରତୀୟ ଦଳକୁ ଫେରିଲେ ସାମି

ନୂଆଦିଲ୍ଲୀ,୧୧।୧(ସମିସ):

ଦୀର୍ଘ ୧୪ ମାସର ସଂଘର୍ଷ ପରେ ୩୪ ବର୍ଷୀୟ ଫାଷ୍ଟ ବୋଲର ମହମ୍ମଦ୍ ସାମି ଭାରତୀୟ କ୍ରିକେଟ ଦଳକୁ ଫେରିଛନ୍ତି। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ ଚୟନ କମିଟି ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ସାମିଙ୍କୁ ଭାରତୀୟ ଦଳରେ ସାମିଲ କରିଛି। ସାମି ଶେଷଥର ଲାଗି ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଖେଳିଥିଲେ। ଏହି ସିରିଜ୍ କୋଲକାତାର ଇଡେନ ଗାର୍ଡେନ୍ସରୁ ଜାନୁଆରୀ ୨୨ ତାରିଖରୁ ଆରମ୍ଭ ହେବ। ଏହି ଘୋଷିତ ଦଳରେ ଆଉ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ଏହା ମଧ୍ୟରୁ ଅକ୍ଷର ପଟେଲଙ୍କୁ ପ୍ରଥମଥର ଯେ କୌଣସି ଭାରତୀୟ ଦଳର ଉପଅଧିନାୟକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ସେହିପରି ୱିକେଟରକ୍ଷକ ବ୍ୟାଟର ଭାବେ ଋଷଭ ପନ୍ତ୍‌ଙ୍କୁ ପଛରେ ପକାଇ ସଞ୍ଜୁ ସାମସନ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆ ଗସ୍ତରେ ଚମତ୍କାର ଖେଳିଥିବା ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ଶୁବମାନ ଗିଲ୍‌ଙ୍କୁ ଏହି ଦଳରେ ସାମିଲ କରାଯାଇ ନାହିଁ। ଏହାଛଡ଼ା ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଦଳରେ ସମସ୍ତ ଟି-୨୦ ବିଶେଷଜ୍ଞ ଖେଳାଳିଙ୍କୁ ସାମିଲ କରାଯାଇଛି। ଏହି ସିରିଜ୍‌ର ମ୍ୟାଚ୍ ଗୁଡିକ ଜାନୁଆରୀ ୨୨, ୨୫, ୨୮, ୩୧ ଓ ଫେବୃଆରୀ ୨ରେ ଖେଳାଯିବ। ଦିନିକିଆ ସିରିଜ୍ ଓ ଚାମ୍ପିଅନ୍ସ ଟ୍ରଫି ଲାଗି ପରେ ଦଳ ଘୋଷଣା ହେବ।

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ଓ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏହା ମଧ୍ୟରୁ ଟି-୨୦ ସିରିଜ୍ ଲାଗି ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଦଳ ଜୋସ୍ ବଟ୍ଲରଙ୍କ ଇଂଲଣ୍ଡ ଦଳକୁ ମୁକାବିଲା କରିବ। ନିକଟରେ ଅଷ୍ଟ୍ରେଲିଆ ନିକଟରୁ ୩-୧ରେ ଟେଷ୍ଟ ସିରିଜ୍ ହାରିଥିବା ଭାରତୀୟ ଦଳରୁ ମାତ୍ର ଦୁଇ ଖେଳାଳି ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି। ପଞ୍ଜାବର ଅଭିଷେକ ଶର୍ମା ଓ ସଞ୍ଜୁ ସାମସନଙ୍କୁ ଗୁରୁତ୍ୱ ଦିଆଯାଇଛି। ଯାହା ଫଳରେ ଶୁବମାନ ଗିଲ୍ ଓ ଋଷଭ ପନ୍ତ୍‌ଙ୍କୁ ଟି-୨୦ ଦଳରେ ସ୍ଥାନ ମିଳିନାହିଁ। କିନ୍ତୁ ଉଭୟଙ୍କୁ ବିଶ୍ରାମ ଦିଆଯାଇଛି ବୋଲି ବିସିସିଆଇ ପକ୍ଷରୁ ସୂଚନା ମିଳିଛି। ଧ୍ରୁବ ଜୁରେଲ ଦ୍ୱିତୀୟ ୱିକେଟ ରକ୍ଷକ ଭାବେ ରହିବେ।

### ପଟେଲଙ୍କୁ ପୁରସ୍କାର

ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ଶ୍ରେଷ୍ଠ ପ୍ରଦର୍ଶନକାରୀ ଅକ୍ଷର ପଟେଲଙ୍କୁ ପ୍ରଥମଥର ଭାରତର ଉପଅଧିନାୟକ ମନୋନୀତ କରାଯାଇଛି। ରବୀନ୍ଦ୍ର ଜାଡେଜାଙ୍କ ସ୍ଥାନ ସେ ପୂରଣ କରିବେ ବୋଲି ଆଶା କରାଯାଉଛି। ୨୦୨୩ ନଭେମ୍ବର ୧୯ରେ ଶେଷଥର ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ସାମିଙ୍କୁ ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରାଇ ଅଣାଯାଇଛି। ଆହତ ସମସ୍ୟା ଯୋଗୁଁ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା। ଏହି ସମସ୍ୟାରୁ ମୁକୁଳିବା ଲାଗି ତାଙ୍କୁ ୧୪ ମାସ ସମୟ ଲାଗିଯାଇଥିଲା। ଏବେ ସେ ଘରୋଇ କ୍ରିକେଟ ଖେଳି ନିଜକୁ ଫିଟ୍ ସାବ୍ୟସ୍ତ କରିବା ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ସୁଯୋଗ ପାଇଛନ୍ତି। ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଟେଷ୍ଟରେ ଆହତ ହୋଇଛନ୍ତି। ତାଙ୍କ ଅନୁପସ୍ଥିତିରେ ସାମି ଇଂଲଣ୍ଡ ବିପକ୍ଷ ଉଭୟ ଟି-୨୦ ଓ ଦିନିକିଆ ସିରିଜ୍, ଚାମ୍ପିଅନ୍ସ ଟ୍ରଫି ଲାଗି ଦଳରେ ସାମିଲ ହେବେ।

**ଘୋଷିତ ଦଳ**

ସଞ୍ଜୁ ସାମସନ (ୱିକେଟରକ୍ଷକ), ଅଭିଷେକ ଶର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ନୀତୀଶ କୁମାର ରେଡ୍ଡୀ, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ମହମ୍ମଦ୍ ସାମି, ହର୍ଷିତ ରାଣା, ଅର୍ଶଦୀପ ସିଂ।

**ଖେଳସୂଚୀ**

୨୨-୧: ପ୍ରଥମ ଟି-୨୦, କୋଲକାତା, ୨୫-୧: ଦ୍ୱିତୀୟ ଟି-୨୦, ଚେନ୍ନଇ, ୨୮-୧: ତୃତୀୟ ଟି-୨୦, ରାଜକୋଟ, ୩୧-୧: ଚତୁର୍ଥ ଟି-୨୦, ପୁଣେ, ୨-୨: ପଞ୍ଚମ ଟି-୨୦, ମୁମ୍ବଇ।

### ଆଇପିଏଲ୍ ଦାମି ଖେଳାଳିଙ୍କୁ ସ୍ଥାନ ମିଳିଲାନି

ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସରେ ସବୁଠାରୁ ଦାମି ଖେଳାଳି ଭାବେ ଋଷଭ ପନ୍ତ୍‌ଙ୍କୁ ୨୭ କୋଟି ଟଙ୍କା ବିନିମୟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ଓ ଶ୍ରେୟସ ଆୟରଙ୍କୁ ୨୬.୭୫ କୋଟି ଟଙ୍କା ବିନିମୟରେ ପଞ୍ଜାବ କିଙ୍ଗ୍‌ସ କିଣିଥିଲେ। କିନ୍ତୁ ଉଭୟ ଖେଳାଳି ଭାରତୀୟ ଟି-୨୦ ଦଳରେ ସ୍ଥାନ ପାଇନାହାନ୍ତି। ପୂର୍ବାନୁମାନ ଅନୁଯାୟୀ ବୁମ୍‌ରାଙ୍କ ସହ ମହମ୍ମଦ୍ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ମୟଙ୍କ ଯାଦବ ଆହତ ହୋଇଥିବାରୁ ତାଙ୍କ ନାମ ମଧ୍ୟ ବିଚାରକୁ ନିଆଯାଇନାହିଁ। ସାମି, ଅର୍ଶଦୀପ, ନୀତୀଶ, ରାଣା ଓ ହାର୍ଦ୍ଦିକ ପାଣ୍ଡ୍ୟା ପେସ୍ ବୋଲିଂ ଦାୟିତ୍ୱରେ ରହିବେ। ଅକ୍ଷରଙ୍କ ନେତୃତ୍ୱରେ ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ ସ୍ପିନ୍ ବୋଲିଂ ଭାର ସମ୍ଭାଳିବେ।



### ■ ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍

## ଓଡ଼ିଶାକୁ ଆଉ ୩ ସ୍ୱର୍ଣ୍ଣ ସହ ୮ ପଦକ

ବ୍ରହ୍ମପୁର,୧୧ ।୧(ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାର ଘରୋଇ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଚତୁର୍ଥ ଦିନରେ ଶନିବାର ଓଡ଼ିଶା ଆଉ ୮ଟି ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ୩ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ୨ଟି ରୌପ୍ୟ ପଦକ ରହିଛି। ଶନିବାର ତିନୋଟି ବର୍ଗ ୫୯ କିଲୋ, ୬୪ କିଲୋ, ୭୧କିଲୋ ବର୍ଗ ପ୍ରତିଯୋଗିତା ହୋଇଥିଲା। ଏଥିରେ ୩୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ସିନିୟର ମହିଳା ୫୯ କିଗ୍ରା ବର୍ଗରେ ଓଡ଼ିଶାର ରୀମା ଭୋଇ ମୋଟ ୧୯୨ କିଗ୍ରା ଭାର ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ସ୍ନାଚରେ ୮୨ ଓ କ୍ଲିନ ଆଣ୍ଡ ଜର୍କରେ ୧୧୦କିଗ୍ରା ଭାର ଉଠାଇଥିଲେ। ସେହିପରି ଜୁନିଅର ମହିଳା ୫୯ କିଗ୍ରାରେ ଓଡ଼ିଶାର ବିଦୁସ୍ମିତା ଭୋଇ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ସ୍ନାଚରେ ୮୪ ଓ କ୍ଲିନ ଆଣ୍ଡ ଜର୍କରେ ୧୦୫କିଗ୍ରା ସହ ମୋଟ୍ ୧୯୧ କିଗ୍ରା ଭାର ଉଠାଇଥିଲେ। ଉକ୍ତ ବର୍ଗରେ ଓଡ଼ିଶାର ମୀନା ସାନ୍ତା ୧୫୭କିଲୋ ଉଠାଇ କାଂସ୍ୟ ପଦକ ପାଇଥିଲେ। ସେହିପରି ଯୁବ ମହିଳା ୫୯ କିଗ୍ରାରେ ମୀନା ସାନ୍ତା ସର୍ବାଧିକ ୧୫୭କିଲୋ ଉଠାଇ ସ୍ୱର୍ଣ୍ଣ ପଦକ ପାଇଥିଲେ। ସିନିଅର ମହିଳା ୬୪ କିଗ୍ରାରେ ଅପରଜିତା ଭୂୟାଁ ମୋଟ ୧୭୨କିଗ୍ରା ଭାର ଉଠାଇ କାଂସ୍ୟ ପଦକ ହାସଲ କରିଛନ୍ତି। ଯୁବ ମହିଳା ୬୪ କିଗ୍ରାରେ ଓଡ଼ିଶାର ଟିକିମୋହିନୀ ମଲ୍ଲିକ ମୋଟ ୧୫୬ କିଗ୍ରା ଭାର ଉଠାଇ ରୌପ୍ୟ ପଦକ ହାସଲ କରିଥିଲେ। ଉକ୍ତ ବର୍ଗରେ ଓଡ଼ିଶାର ରୋମାଲି ପ୍ରଧାନ ମୋଟ ୧୪୫କିଗ୍ରା ଭାର ଉଠାଇ କାଂସ୍ୟ ପଦକ ପାଇଛନ୍ତି। ଅପରପକ୍ଷରେ ଜୁନିଅର ମହିଳା ୬୪ କିଲୋଗ୍ରାମ ବର୍ଗରେ ଓଡ଼ିଶାର ରୋମାଲି ପ୍ରଧାନ ୧୫୬ କିଲୋ ଉଠାଇ ରୌପ୍ୟ ପଦକ ଜିତିଛନ୍ତି। ପୂର୍ବରୁ ପ୍ରଥମ ଦିବସରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଜ୍ୟୋସ୍ନା ଶବର ସ୍ୱର୍ଣ୍ଣ ଓ ତୁଳସୀ ଶବର ରୌପ୍ୟ ପଦକ ଅର୍ଜନ କରିଥିଲେ। ସେହିପରି ଦ୍ୱିତୀୟ ଦିନରେ ଓଡ଼ିଶାର ସ୍ନେହା ସୋରେନ ପ୍ରତିଯୋଗୀତାରେ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ମୀନା ସାନ୍ତା ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପାଇଛନ୍ତି।

## ଏସିଆନ କାନୋସ୍ପ୍ରିଣ୍ଟ: ଧନମଞ୍ଜରୀଙ୍କୁ ୨ୟ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୧।୧ (ସମିସ): ହଂକଂରେ ଚାଲିଥିବା ଏସିଆନ କାନୋସ୍ପ୍ରିଣ୍ଟରେ ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରର ପ୍ରଶିକ୍ଷାର୍ଥୀ ଧନମଞ୍ଜରୀ ଦେବୀ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି।



ଶନିବାର ସେ ୫୦୦ ମିଟର ମହିଳା କାୟାକିଂ-୧ରେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏଥିପୂର୍ବରୁ ସେ ଏହି ଇଭେଣ୍ଟର ୧୦୦୦ ମିଟରରେ ମଧ୍ୟ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସେ ୨ଟି ସ୍ୱର୍ଣ୍ଣ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ଅନ୍ୟତମ ପ୍ରତିଯୋଗୀ ସଲାମ ସୁନିଲ ସିଂହ ପୁରୁଷ କାନୋଇଂ ୨୦୦ ମିଟରରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଫଳରେ ଭାରତ ଏହି ଏସୀୟ ପ୍ରତିଯୋଗିତାରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୩ଟି ସ୍ୱର୍ଣ୍ଣପଦକ ହାସଲ କରିଛି। ଧନମଞ୍ଜରୀଙ୍କ ଏହି ସଫଳତା ଲାଗି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘର ସମ୍ପାଦକ ବିନିନ ଦାସ ଶୁଭେଚ୍ଛା ଜଣାଇଛନ୍ତି।

### ■ ନ୍ୟୁଜିଲାଣ୍ଡ ୨-୧ରେ ସିରିଜ ବିଜୟୀ

## ଶ୍ରୀଲଙ୍କାର ବୃହତ୍ ବିଜୟ

ଅକ୍‌ଲାଣ୍ଡ,୧୧ ।୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଶ୍ରୀଲଙ୍କା ୧୪୦ ରନରେ ବିଜୟୀ ହୋଇଛି। ପରାଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ୨-୧ରେ ସିରିଜ ହାତେଇଛି। ୨୬ ରନ ଦେଇ ୩ ୱିକେଟ ନେଇଥିବା ଶ୍ରୀଲଙ୍କା ଦ୍ରୁତ ବୋଲର ଅସିଥା ଫର୍ଣ୍ଣାଣ୍ଡୋ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସିରିଜରେ ମୋଟ୍ ୯ ୱିକେଟ ନେଇଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ମ୍ୟାଟ ହେନେରୀ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

ସ୍ଥାନୀୟ ଇଡେନ ପାର୍କରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ବିନିମୟରେ ୨୯୦ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୭୭ ରନରେ ୭ ୱିକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୨୯.୪ ଓଭରରେ ୧୫୦ ରନ କରିଥିଲା। ଦଳ ତରଫରୁ ମାର୍କ ଚାପ୍‌ମ୍ୟାନ ସର୍ବାଧିକ ୮୧ ରନର ପାଳି ଖେଳିଥିଲେ। ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ଣ୍ଣାଣ୍ଡୋ, ମହିସା ଥିକସାନା ଓ ଏସାନ ମାଲିଙ୍ଗା ୩ଟି ଲେଖାଏଁ ୱିକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ପାଇଁ ଓପନର ପାଥୁମ ନିଶାଙ୍କା ୬୬, କୁଶାଲ ମେଣ୍ଡିସ, ୫୪, କାମିନ୍ଦୁ ମେଣ୍ଡିସ ୪୬, ଜାନିଥ ଲିୟାନାଗେ ୫୩ ରନ ସଂଗ୍ରହ କରିଥିଲେ। ମ୍ୟାଟ୍ ହେନେରୀ ନ୍ୟୁଜିଲାଣ୍ଡ ପାଇଁ ସର୍ବାଧିକ ୪ଟିଁୱିକେଟ ନେଇଥିଲେ।

### ମହିଳା ହକି ଇଣ୍ଡିଆ ଲିଗ୍ ଆଜିଠାରୁ

## ଦିଲ୍ଲୀ ପାଇପର୍ସ-ଓଡ଼ିଶା ୱାରିୟର୍ସ ଉଦ୍‌ଘାଟନୀ ମ୍ୟାଚ୍

ରାଞ୍ଚି,୧୧ ।୧(ଏଜେନ୍ସି):

ମହିଳା ହକିର ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି ପ୍ରଥମ ମହିଳା ହକି ଇଣ୍ଡିଆ ଲିଗ୍। ଲିଗ୍‌ର ଏହି ପ୍ରଥମ ସଂସ୍କରଣ ଉପରେ ସମସ୍ତଙ୍କ ନଜର ରହିଛି। ଦୁଇ ସପ୍ତାହ ଧରି ଚାଲିବାକୁ ଥିବା ଏହି ମହିଳା ଲିଗ୍ ଜାନୁଆରୀ ୧୨ରୁ ୨୬ ତାରିଖ ମଧ୍ୟରେ ଆୟୋଜନ ହେବ। ଜୟପାଲ ସିଂ ଷ୍ଟାଡିୟମରେ ରବିବାର ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ଓଡ଼ିଶା ୱାରିୟର୍ସ ଅଂଶଗ୍ରହଣ କରିବେ। ଲିଗରେ ମୋଟ ଉପରେ ୪ଟି ଦଳ ଅଂଶଗ୍ରହଣ କରିବେ। ଦିଲ୍ଲୀ ଓଡ଼ିଶା ସମେତ ରାରହ ବେଙ୍ଗଲ ଟାଇଗର୍ସ ଓ ସୁରମା ହକି କ୍ଲବ ଏଥିରେ ଅଂଶ ଗ୍ରହଣ କରିବେ। ୨୬ ତାରିଖରେ ଲିଗ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ମହିଳା ଲିଗ୍‌ରେ ସବିତା ପୁନିଆ, ସାଲିମା ଟେଟେ, ନବନୀତ କୌର, ଉଦିତାଙ୍କ ଭଳି ତାରକା ଖେଳାଳି ବିଭିନ୍ନ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ସେହିପରି ୟିବି ଜାନସେନ, ଚାର୍ଲୋଟ୍ ଏଙ୍ଗେଲବେର୍ଟ, ଡେଲଫିନା ମେରିନୋ, ଇଭା ଡି ଗୋଏଡେଙ୍କ ଭଳି ବିଦେଶୀ ଖେଳାଳିଙ୍କ ଚମକ ଏହି ଲିଗ୍‌ରେ ଦେଖିବାକୁ ମିଳିବ।



**ମ୍ୟାଚ୍ ଆରମ୍ଭ**
ରାତି ୮.୪୦
**ସିଧାପ୍ରସାରଣ**
ଡିଡି ସ୍ପୋର୍ଟ୍ସ, ସୋନୀ ସ୍ପୋର୍ଟ୍ସ ନେଟୱର୍କ
**ସ୍ଥାନ**
ଜୟପାଲ ସିଂ ଷ୍ଟାଡିୟମ, ରାଞ୍ଚି

### ରାଉରକେଲାରେ ଖେଳାଯିବ ଦୁଇଟି ମ୍ୟାଚ୍

ମହିଳା ଲିଗ୍‌ରେ ମୋଟ୍ ୧୩ଟି ମ୍ୟାଚ୍ ଖେଳାଯିବ। ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡାରେ ମ୍ୟାଚ୍‌ଗୁଡିକ ଖେଳାଯିବ। ବିର୍ସା ମୁଣ୍ଡାରେ ମାତ୍ର ୨ଟି ମ୍ୟାଚ୍ ଖେଳାଯିବ। ସେହିପରି ଫାଇନାଲ ସମେତ ବାକି ସବୁ ମ୍ୟାଚ୍ ଜୟପାଲ ସିଂ ଷ୍ଟାଡିୟମରେ ଆୟୋଜନ ହେବ। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆସନ୍ତା ୧୭ ତାରିଖ ଶୁକ୍ରବାର ଦିଲ୍ଲୀ ପାଇପର୍ସ ଓ ସୁରମା ହକି କ୍ଲବ ଏବଂ ୧୯ ତାରିଖ ରବିବାର ଓଡ଼ିଶା ୱାରିୟର୍ସ ଓ ବେଙ୍ଗଲ ଟାଇଗର୍ସ ପରସ୍ପରକୁ ଭେଟିବେ। ବାକି ୧୧ଟି ମ୍ୟାଚ୍ ରାଞ୍ଚିରେ ଖେଳାଯିବ।

### ବିଜୟରୁ ଅଭିଯାନ ଆରମ୍ଭ ଲକ୍ଷ୍ୟରେ ଓଡ଼ିଶା

ନେହା ଗୋୟେଲଙ୍କ ଓଡ଼ିଶା ୱାରିୟର୍ସ ଓ ଅଷ୍ଟ୍ରେଲିଆ ମହିଳା ଫରୱାର୍ଡ ଜ୍ୟାକବ ହ୍ୱେଲଟନଙ୍କ ଅଧିନାୟକତ୍ୱରେ ଦିଲ୍ଲୀ ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ଦୁଇ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ନେଦରଲାଣ୍ଡସର ଡେଭ୍ ସ୍ମୋଲେନାର୍ସ ଦିଲ୍ଲୀର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ବହନ କରିବେ। ସେ ମଧ୍ୟ ଭାରତୀୟ ମହିଳା ଦଳର କୋଚ୍ ରହିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ନେଦରଲାଣ୍ଡସ ଜୁନିଅର ଦଳ କ୍ରମାଗତ ଦୁଇଟି ବିଶ୍ୱକପ୍ ଜିତିଥିଲା। ଦିଲ୍ଲୀ ଦଳରେ ନବନୀତଙ୍କୁ ବାଦ୍ ଦେଲେ ସୁନେଲିତା ଟପ୍ପୋ, ସଂଗୀତା କୁମାରୀ, ଦୀପିକା, ମୁମ୍‌ତାଜ ଖାନ୍, ପ୍ରୀତି ଦୁବେ ଓ ବ୍ରିଟେନ୍‌ର ଚାର୍ଲୋଟ୍ ୱାଟସନଙ୍କ ଭଳି ପ୍ରତିଭାସମ୍ପର୍ଣ୍ଣ ଖେଳାଳି ରହିଛନ୍ତି।

ଅପରପକ୍ଷରେ ଜାନେକ ସ୍କୁପମ୍ୟାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ପଡିଆକୁ ଓହ୍ଲାଇବ। ଦକ୍ଷ ଓ ପ୍ରତିଭାସମ୍ପର୍ଣ୍ଣ ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ବେଶ ସନ୍ତୁଳିତ ମନେ ହେଉଛି। ଅଭିଜ୍ଞ ଓଡ଼ିଆ ଡେଫେଣ୍ଡର ଦୀପଗ୍ରେସ ଏକ୍କା, ବଳଜିତ କୌର, ସାକ୍ଷୀ ରାଣା, ଜ୍ୟୋତି ଛତ୍ରୀ, ଇଶିକା ଚୌଧୁରୀ, ମାଧୁରୀ କିଣ୍ଡୋ, ନେଦରଲାଣ୍ଡସର ଫ୍ରିକେ ମୋଏସ୍, ମାଇକେଲେ ଫିଲେଟ, ଅଷ୍ଟ୍ରେଲିଆର ଜୋସେଲିନ୍ ବାର୍ଟମ୍ୟାନ, ଆର୍ଜେଣ୍ଟିନାର ଭିକ୍ଟୋରିଆ ସାଉଜଙ୍କ ଭଳି ଖେଳାଳି ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। ଏହି ଲିଗ୍ ଖେଳାଳିମାନଙ୍କୁ ଆର୍ଥିକ ଭାବେ ଦୃଢ କରିବ ଓ ଏହା ଦ୍ୱାରା ଖେଳାଳିମାନେ ହକିକୁ କ୍ୟାରିଅର ଭାବେ ବାଛିବେ ଓ ନିଜର ସ୍ୱପ୍ନ ପୂରଣ କରବେ ବୋଲି ଓଡ଼ିଶା ଅଧିନାୟିକା ନେହା କହିଛନ୍ତି। ଦଳର ଭଲ ପ୍ରଦର୍ଶନ ନେଇ କୋଚ୍ ସ୍କୁପମ୍ୟାନ ଆଶାବାଦୀ ଅଛନ୍ତି।

## ସୁଟ୍‌ଆଉଟ୍‌ରେ ସୁରମା ପରାସ୍ତ




ରାଉରକେଲା, ୧୧।୧ (ସମିସ): ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୬ଷ୍ଠ ସଂସ୍କରଣରେ ଶନିବାର ହାଇଦରାବାଦ ତୁଫାନ୍ସ ଓ ସୁରମା ହକି କ୍ଲବ ମଧ୍ୟରେ ଅନୁଷ୍ଠିତ ଦିବସର ପ୍ରଥମ ମ୍ୟାଚ୍ ବେଶ୍ ରୋମାଞ୍ଚକ ରହିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିବା ପରେ ସୁଟ୍‌ଆଉଟ୍‌ରେ ତୁଫାନ୍ସ ୪-୩ ଗୋଲରେ ପଞ୍ଜାବଭିତ୍ତିକ ଦଳ ସୁରମା ହକି କ୍ଲବକୁ ପରାସ୍ତ କରିଛି। ନିୟମ ଅନୁଯାୟୀ ମ୍ୟାଚ୍ ପ୍ରଥମେ ଡ୍ର ରହିଥିବାରୁ ଉଭୟ ଦଳ ୧ ପଏଣ୍ଟ ଲେଖାଏ ପାଇଥିଲେ। ଏହାପରେ ସୁଟ୍‌ଆଉଟ୍‌ରେ ଜିତିଥିବାରୁ ତୁଫାନ୍ସକୁ ଆଉ ୧ ପଏଣ୍ଟ ଅଧିକ ମିଳିଥିଲା। ତୁଫାନ୍ସ ୫ ମ୍ୟାଚରୁ ୭ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି। ସୁରମା ୫ ମ୍ୟାଚରୁ ୮ ପଏଣ୍ଟ ସହ ୪ର୍ଥ ସ୍ଥାନକୁ ଉଠିଛି।

### ରୁଦ୍ରସର ୩ୟ ବିଜୟ

ଶନିବାର ରାତିରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ୟୁପି ରୁଦ୍ରସ ୩-୧ ଗୋଲରେ ସହଜରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ବିପକ୍ଷରେ ବିଜୟୀ ହୋଇଛି। ବିଜୟୀ ରୁଦ୍ରସ ପକ୍ଷରୁ ଫ୍ଲୋରିସ ୱର୍ଟେଲବୋର (୩୦ତମ ମିନିଟ୍), କେନ୍ ରସେଲ (୪୩ତମ) ଓ ତାଙ୍ଗେ କୋସିନସ (୫୪ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଦିଲ୍ଲୀ ପାଇଁ ୨୯ତମ ମିନିଟ୍‌ରେ ଅଧିନାୟକ ଜେକ୍ ହ୍ୱିଲଟନ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଏଥିସହ ରୁଦ୍ରସ ୫ମ ମ୍ୟାଚରୁ ୩ୟ ବିଜୟ ସହିତ ୯ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛି। ପାଇପର୍ସ ସମାନ ସଂଖ୍ୟକ ମ୍ୟାଚରୁ ୨ ପରାଜୟ ସହ ୪ ପଏଣ୍ଟ ପାଇ ସର୍ବନିମ୍ନ ୮ମ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS